

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୩୦ ଭୁବନେଶ୍ୱର ବୁଧବାର, ଜାନୁୟାରୀ ୨୨.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.130 Bhubaneswar, Wednesday, January 22, 2025





## ସଡକ ସୁରକ୍ଷା ସଚେତନତା କାର୍ଯ୍ୟ କ୍ରମ ଅନୁଷ୍ଠିତ

ଆଠମଲ୍ଲିକ **୨୧/୧ (ନି.ପ୍ର):** ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅନୁଗୁଳ ଓ ଆଠମଲ୍ଲିକ ପୋଲିସ ର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ସଡ଼କ ସୁରକ୍ଷା ସମ୍ପର୍କିତ ଲେଖା ଥିବା ବିଭିନ୍ନ ପ୍ଲା କାର୍ଡ ହାତରେ ଧରି ସହର ପରିକ୍ରମା କରିଥିଲେ। ସହର ପରିକ୍ରମା ସମୟରେ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ନାରା ଦିଆ ଯାଇଥିଲା। ଏହି ଅବସରରେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସୁନିଲ କୁମାର ପ୍ରଧାନ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭା ରେ ଡେପୁଟି ସୁପରିଟେଣ୍ଡେଣ୍ଟ ଅଫ ଟ୍ରାଫିକ ରମାକାନ୍ତ ନାୟକ , ଟ୍ରାଫିକ ଇନିସପେକ୍ଟର ସୁମନ୍ତ କୁମାର ସେଠୀ, ବସ ଆସୋସିଏସନ ସଭାପତି ପଞ୍ଚାନନ ମିଶ୍ର, ସମ୍ପାଦକ ରୁଷଭ କୁମାର ତ୍ରିପାଠୀ, ଉପସଭାପତି ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ,ଏ ଏସ ଆଇ ମନୋଜ କୁମାର ସାହୁ, ଆର ଟି ଓ କାର୍ଯ୍ୟାଳୟ କର୍ମଚାରୀ ସୂର୍ଯ୍ୟ ମଣି ସାହୁ, ସ୍ୱାଗତିକା ଖଟୁଆ ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ଉପରେ ଆଲୋକପାତ କର୍ବି ସହିତ ବିଭିନ୍ନ ନିୟମା ବଳି ଉପରେ ବୁଝାଇ ଥିଲେ। ବସ ମାଲିକ ଜୟନ୍ତ କୁମାର ସାହୁ, ନୀତେନ କୁମାର ବେହେରା, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ କ୍ଷଶିକ୍ଷକ ପ୍ରଦୀପ ସେଠୀ ସଭା କାର୍ଯ୍ୟ କୁ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ଜାତୀୟ ଯୁବଦିବସ ପାଳନ

ଆଠମଲ୍ଲିକ **୨୧/୧ (ନି.ପ୍ର):** ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର ରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ (ଜାତୀୟ ଯୁବ ଦିବସ) ଉତ୍ସବ ପାଳନ ହୋଇଯାଇଛି।ଉକ୍ତ ଦିବସରେ ମୁଖ୍ୟ ଅତିଥି ଭାବେ ନିକଟସ୍ଥ ଅଏଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ମୃତିରଞ୍ଜନ ମହାପାତ୍ର ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ବିଷୟରେ ମାର୍ଗଦର୍ଶନ କରିଥିଲେ।ଶିଶୁ ଭାଇ ଭଉଣୀଙ୍କ ଦ୍ୱାରା ବକ୍ତବ୍ୟ ପ୍ରଦାନ କରାଯାଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।ଉକ୍ତ ଉତ୍ସବରେ ପରିଚାଳନା ସମିତିର ଉପ ସଭାପତି ଶ୍ରୀଯୁକ୍ତ କଶ୍ୟପ କ୍ଷେତି ଉପସ୍ଥିତ ରହି ଶିଶୁ ଭାଇ ଭଉଣୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ତରୁଣ କୁମାର ଦାଶ ଅତିଥିଗଣଙ୍କ ପରିଚୟ କରିଥିବା ବେଳେ ଆଚାର୍ଯ୍ୟ ରଞ୍ଜନ କୁମାର ବେହେରା ଧନ୍ୟବାଦ୍ ଦେଇଥିଲେ।ଉକ୍ତ ଦିବସରେ ୨୦୦ଜଣ ଶିଶୁ ଭାଇଭଉଣୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ରେ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ

ନିମାପଡା **୨୧/୧ (ନି.ପ୍ର):** ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି କ୍ଷ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ବିନୋଦିନୀ ଦାଶ ଏହି ଉଦଯାପନୀ ଉତ୍ସବରେ ସଭାପତିତ୍ୱ କରି ଛାତ୍ରୀମାନଙ୍କୁ ଶିବିରର ତାତ୍ପର୍ଯ୍ୟ ଓ ଆତ୍ମସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଏନ. ସି. ସି ର ମେଜର ପୁଷ୍ପଲତା ଦତ୍ତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସ୍କୃତ ବିଭାଗ ମୁଖ୍ୟ ଡ଼ ପୁର୍ଣମା ମହାନ୍ତି, ଓଡିଆ ବିଭାଗ ମୁଖ୍ୟ ଡ଼ ଶର୍ମିଷ୍ଠା ରାଣୀ ମହାନ୍ତି, ବରିଷ୍ଠ ଅଧ୍ୟାପିକା ସିପ୍ରାରାଣୀ ମହାପାତ୍ର, ଅଧ୍ୟାପିକା ସୁଲୋଚନା ସାହୁ, ଡ଼ କୀର୍ତିମୟୀ ରାଉତରାୟ, ଅଧ୍ୟାପକ ଯୋଗେଶ ମୁଣ୍ଡା ଯୋଗଦେଇଥିଲେ। ସଂସ୍କୃତ ବିଭାଗ ଅଧ୍ୟାପକ ଶ୍ରୀମାନ ଜୀବନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ +୨ ଶ୍ରେଣୀର ୧୦୦ ରୁ ଉର୍ଦ୍ଧ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲ।

# ଅଭିନୟ ଉପାୟ ରେ ଠକେଇ... ହାଲୋ ଆମେ ସାଇବର ଥାନା ରୁ କହୁଛୁ.....

# ଘଟଣା ର ପର୍ଦ୍ଦାଫାସ କଲା ଛତ୍ରପୁର ଥାନା ପୋଲିସ, ଦୁଇ ଜଣ ଅଭିଯୁକ୍ତ ଗିରଫ



ଛତ୍ରପୁର **୨୧/୧ (ନି.ପ୍ର):** ଛତ୍ରପୁର ଥାନା ଅଞ୍ଚଳରେ ହୋଇଥିବା ଏକ ସାଇବର ଠକେଇ ମାମଲାର ପର୍ଦ୍ଦାଫାସ କରିଛି ଛତ୍ରପୁର ଥାନା ପୋଲିସ କ୍ଷ ଗତ ୨୦୨୩ ମସିହା ନଭେମ୍ବର ମାସ ୫ ତାରିଖ ଦିନ ଛତ୍ରପୁର ଥାନା ଅନ୍ତର୍ଗତ ଦେବୀ ନଗର ଅଞ୍ଚଳର ସ୍ୱାଗତ ମିଶ୍ର ନିଜ ଆଇସିଆଇସି ଆଇ ବ୍ୟାଙ୍କ କ୍ରେଡିଟ କାର୍ଡରୁ ପ୍ରାୟ ୨ ଲକ୍ଷ ୭୪ ହଜାର ଟଙ୍କା ଠକେଇ ହୋଇଥିବା ଜାଣିବାକୁ ପାଇଥିଲେ। ପରେ ବ୍ୟାଙ୍କ କୁ ଯାଇ ଏନେଇ ପଚାରିଥିଲେ କ୍ଷ କିନ୍ତୁ କୌଣସି ସୁଫଳ ମିଳିପାରିନଥିଲା। ପରେ ସେ ନିଜର ଜଣେ ସାଙ୍ଗକୁ ଏ ବିଷୟରେ ସୂଚନା ଦେଇଥିଲେ। ତାଙ୍କ ସାଙ୍ଗ ଦୁଇଜଣ ଅଭିଯୁକ୍ତଙ୍କ ନମ୍ବର ସ୍ୱାଗତଙ୍କୁ ଦେଇଥିଲେ, ଏ ଦୁହେଁ ସ୍ୱାଗତ ର ହୋଇଥିବା ଠକେଇ ଟଙ୍କା ଫେରସ୍ତ କରାଇବା ପାଇଁ ନିଜ କୁ ସାଇବର ଥାନା ଷ୍ଟାଫ ବୋଲି ପରିଚୟ ଦେଇ ତାଙ୍କ ଟଙ୍କା ଉଦ୍ଧାର କରାଇଦେବା ପାଇଁ କହି ୧୫ମାସ ଭିତରେ ପର୍ଯ୍ୟାୟ କ୍ରମେ ସ୍ୱାଗତଙ୍କ ଠାରୁ ୧ ଲକ୍ଷ ୬୪ ହଜାର ଟଙ୍କା ଠକିନେଇଥିଲେ। ଏନେଇ ଚଳିତ ମାସ ୧୬ ତାରିଖ ଦିନ ସ୍ୱାଗତ ଛତ୍ରପୁର ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଆଧାର କରି ଛତ୍ରପୁର ଥାନା ପୋଲିସ ଛତ୍ରପୁର ଏସଡ଼ିପିଓ ଗୌର ହରି ସାହୁ ଓ ଛତ୍ରପୁର ଥାନା ଅଧିକାରୀ ନିରୋଦ କୁମାର ଦାଶ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ରେ ଏକ ଟିମ ଗଠନ କରି ଥାନାରେ ୪୩/୨୦୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଛତ୍ରପୁର ଥାନା ପୋଲିସ ପକ୍ଷରୁ ସୂଚନା ମିଳିଛି। ଅଭିଯୁକ୍ତ ଦ୍ୱୟ ପୋଲସରା ଅଞ୍ଚଳର ମଣ୍ଟୁ ପାତ୍ର ଓ ହିଞ୍ଜିଳିକାଟୁ ଅଂଚଳର ପବିତ୍ର କୁମାର ପ୍ରଧାନ ବୋଲି ତଦନ୍ତକାରି ଅଧିକାରୀ ତଥା ସବ ଇନିସପେକ୍ଟର ବିଶ୍ୱଜିତ ନାୟକ ସୂଚନା ଦେଇଛନ୍ତି, ଏଭଳି ଠକେଇ ଠାରୁ ଦୁରେଇ ରହିବା ପାଇଁ ବିଭିନ୍ନ ସମୟରେ ସଚେତନ କରାଯାଉଛି କ୍ଷ ତଥାପି ଲୋକେ ସଚେତନ ନ ହୋଇ ଠକେଇ ର ଶିକାର ହେଉଛନ୍ତି ଏଣୁ, ଏହା ଠାରୁ ଦୁରେଇ ରହିବା ପାଇଁ ଛତ୍ରପୁର ଥାନା ଅଧିକାରୀ ନିରୋଦ କୁମାର ଦାସ ଅନୁରୋଧ କରିଛନ୍ତି।

## ଖନ୍ଦାମାଡା ମହୋତ୍ସବ ନିମନ୍ତେ ସଜେଇ ହେଉଛି ବେଲପୋଷି ଗାଁ ଓ ମାଟି ଉଆସ

ମୟୂରଭଞ୍ଜ **୨୧/୧ (ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଜାମଦା ପଞ୍ଚାୟତର ତଥା ବେଲପୋଷି ଗାଁ ର ଖନ୍ଦାମଡ଼ା ମହୋତ୍ସବ ଆସନ୍ତା ୨୦ଓ୨୧/୦୧/୨୦୨୫ରେ ଅନୁଷ୍ଠିତ ହେବ ।ମାନସିକଧାରୀ ଭକ୍ତଗଣ କଇଁ ସରୋବରରୁ ଘଟ ଉତ୍ତୋଳନ କରି ନିଆଁ ଉପରେ ଚାଲିବା କର୍ମକୁ ନିଆଁମଡ଼ା ବା ଖନ୍ଦାମାଡ଼ା କୁହାଯାଏ ।ପରମ୍ପରା ଅନୁସାରେ ଖନ୍ଦାମାଡ଼ା ମହୋତ୍ସବ ଯେତିକି ପାଖେଇ ଆସେ ବେଲପୋଷି ଗାଁ ର ଆଦିବାସୀ ମାଟି କାନ୍ଥ ଖପର ଉଆସ ଗୁଡ଼ିକ ସେତିକି ସଜେଇ ସତେଜ ହୋଇଉଠେ ।ମାଆଭଉଣୀ ମାନେ ଘର ଦ୍ୱାରକୁ ଗୋମୟରେ ଲିପି ସ୍ୱଚ୍ଛ କରନ୍ତି ଏବଂ ଘର କାନ୍ଥଗୁଡ଼ିକକୁ ମାପଚୁପ କରି ସାଇଜ୍ ରେ ରଙ୍ଗ ବୋଳି ବିଭିନ୍ନ ପ୍ରକାରର ଫୁଲ,ରେଖା ଆଦି ଆଙ୍କିବା କାର୍ଯ୍ୟ ଚାଲୁରହିଛି ।ମାଆଭଉଣୀମାନେ ହାତରେ ମେହେନ୍ଦୀ ଓ ପାଦରେ ଅଳତା ଲଗାଇ ସଜେଇ ହେଲେଣି । ମନରେ ରହିଛି ଆନନ୍ଦ ଓ ଉତ୍ସାହ । ବେଲପୋଷି ଗାଁ ଉତ୍ସବ ମୁଖର । ସେଥିପାଇଁ ଚାଲିଛି ଘରେ ଘରେ ବ୍ୟାପକ ପ୍ରସ୍ତୁତି । ସାହି ସାହିରେ ସମସ୍ତ ଆଦିବାସୀ ସମେତ ସାଧାରଣ ବର୍ଗର ଘର ଗୁଡ଼ିକ ବିଭିନ୍ନ ଚିତ୍ରରେ ଭରପୁର ହୋଇଯାଏ ଏବଂ ପ୍ରାୟତଃ ସମସ୍ତଙ୍କ ପରିବାରରେ ବନ୍ଧୁବାନ୍ଧବ ଭର୍ତ୍ତି ହୋଇଯାଆନ୍ତି ।ବନ୍ଧୁବାନ୍ଧବଙ୍କ ସହ ବେଲପୋଷି ଗାଁ ର ସମସ୍ତ ଜନସାଧାରଣ,ଜାମଦା ପଞ୍ଚାୟତର ଜନସାଧାରଣ ସମେତ ବ୍ଲକର ବିଭିନ୍ନ ସ୍ଥାନର ଲୋକମାନେ ଆସି ମହୋତିସବରେ ଯୋଗ ଦିଅନ୍ତି ।ରାତ୍ରି କାଳରେ ବାଜା ବଜେଇ ନାଚକୁଦ କରିବା ସହ ଆଦିବାସୀ ଯାତ୍ରା ଦେଖିବାର ମଜା ନିଅନ୍ତି ।ଲାହାନ୍ତି ଯୁବକ ସଂଘ,ବେଲପୋଷିର ସମ୍ପାଦକ,ସଭାପତି,କଷାଧକ୍ଷ ଓ ସଭ୍ୟ ସମୂହଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳା ପ୍ରତି ଗୁରୁତ୍ୱ ଦିଆଯାଇଥାଏ ।

# ଅଗ୍ନିକାଣ୍ଡରେ ଧାନଗଦା ପୋଡି ନଷ୍ଟ

### ଚାଷୀଙ୍କୁ ସମବେଦନା ଜଣାଇଲା ମାହାଙ୍ଗା ବିଜେପି-ସରକାରୀ ସହାୟତା ପାଇଁ ବିଜେପି ନେତା ସୁମନ୍ତଙ୍କ ଦାବି , ତହସିଲ ପକ୍ଷରୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ





ନିଶ୍ଚିନ୍ତକୋଇଲି**୨୧/୧ (ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନଗସପୁର ପଂଚାୟତ ଚାରିରକବା ଗ୍ରାମର ଚାଷୀ ଦୀନବନ୍ଧୁ ସାହୁଙ୍କ ଧାନ ଗଦାରେ କେହି ଦୁର୍ବୃ□ ନିଆଁ ଲଗାଇ ଦେଇଥିବାରୁ ଧାନ ଗଦା ପୋଡି ନଷ୍ଟ ହୋଇଯାଇଥିଲା। ଖବର ପାଇ ମାହାଙ୍ଗା ବିଜେପି ନେତା ସୁମନ୍ତ କୁମାର ଘଡେଇଙ୍କ ନିର୍ଦ୍ଦେଶକ୍ରମେ ନଗସପୁର ମଣ୍ଡଳ ବିଜେପି ସଭାପତି କୈଳାସ ବେହରା, ବିଜେପି ଯୁବକାର୍ଯ୍ୟକର୍ତ୍ତା ପ୍ରଣବ କୁମାର ବେହେରାଙ୍କ ନେତୃତ୍ୱରେ ଏକ ବିଜେପି ପ୍ରତିନିଧି ମଣ୍ଡଳୀ କ୍ଷତିଗ୍ରସ୍ତ ଚାଷୀ ଦୀନବନ୍ଧୁଙ୍କୁ ଭେଟି ସାନ୍ତ୍ୱନା ଦେଇଥିଲେ। ଶ୍ରୀ ଘଡେଇ କ୍ଷତି ପୂରଣ ବାବଦ ସରକାରୀ ସହାୟତା ପ୍ରଦାନ ପାଇଁ ସେ କଟକ ଜିଲ୍ଲାପାଳଙ୍କୁ କହି ବ୍ୟବସ୍ଥା କରିବେ ବୋଲି ମୋବାଇଲ ଫୋନ୍ ଯୋଗେ ଚାଷୀଙ୍କୁ ପ୍ରତିଶୃତି ଦେଇଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ରେଡକ୍ରସରୁ ସରକାରୀ ସହାୟତା ପ୍ରଦାନ ନିମନ୍ତେ ବିଜେପି ନେତା ଶ୍ରୀ ଘଡେଇ କଟକ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କାର ସହାୟତା ରାଶି ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ସଂପୃକ୍ତ ଚାଷୀଙ୍କୁ ପ୍ରଦାନ କରାଯାଇଛି ।



## ବରିଷ୍ଠ ନାଗରିକଙ୍କ ଦ୍ୱାଦଶାହ ଉପଲକ୍ଷେ ସ୍ମୃତି ସଭା

ନିଶ୍ଚିନ୍ତକୋଇଲି **୨୧/୧ (ନି.ପ୍ର):** ମଣିଷ ହେଉଛି ସିଏ ଯିଏ ମଣିଷର ଉପକାରରେ ଆସେ। ସେହିଭଳି ମଣିଷ ପଣିଆର ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି ରାଉରକେଲା ଷ୍ଟିଲ ପ୍ଲା□ର ଅବସରପ୍ରାପ୍ତ କର୍ମଚାରୀ ବରିଷ୍ଠ ନାଗରିକ ନିରଞ୍ଜନ ସ୍ୱାଇଁ ବୋଲି ତାଙ୍କ ଦ୍ୱାଦଶାହ ଉପଲକ୍ଷେ ଅନୁଷ୍ଠିତ ସ୍ମୃତି ସମାରୋହରେ ବହୁ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସାହିତ୍ୟିକ ଫକୀର ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସମାରୋହକୁ ରାଜ୍ୟ ସରକାର ତଥା ଜାତୀୟପୁରସ୍କାରପ୍ରାପ୍ତ ପରିବେଶବିତ୍ ପ୍ରମୋଦ କୁମାର ଦାଶ ସଂଯୋଜନା କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସ୍ମୃତି ଅର୍ଘ୍ୟ ପ୍ରଦାନରେ ପ୍ରାକ୍ତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ମିଡିଆସେଲର ବରିଷ୍ଠ ସଂଯୋଜକ ପ୍ରତାପ ଜେନା, କିଟ୍‌ର ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ସାହୁ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଭାଗବତ ବଳ, ବିଶିଷ୍ଟ ଆଧ୍ୟାତ୍ମବାଦୀ ପ୍ରବଚକ କାଳନ୍ଦୀ ଚରଣ ସ୍ୱାଇଁ, ସ୍ତମ୍ଭକାର ବିବେକାନନ୍ଦ ଦାସ, ନିର୍ବାଣ ପ୍ରତିନିଧି ବିଜୟ କୁମାର କୁଅଁର, ସମାଜସେବୀ ଅଶୋକ କୁମାର ମହାନ୍ତି, ପ୍ରମୋଦ କୁମାର ସ୍ୱାଇଁ, ସତ୍ୟବ୍ରତ ସ୍ୱାଇଁ, ଅକ୍ଷୟ କୁମାର ସ୍ୱାଇଁ, ସ୍ମୃତିରଂଜନ ରାଉତରାୟ, ଦେବାଶିଷ ବେଉରା, ପ୍ରକାଶ ରାଉତରାୟ, ଅଶୋକ କୁମାର ନାୟକ, ଶରତ ଚନ୍ଦ୍ର ସ୍ୱାଇଁ, ସୁବାଷ ଚନ୍ଦ୍ର ସ୍ୱାଇଁ, ମହେଶ୍ୱର ମଣ୍ଡଳ, ଚି□ରଂଜନ ସ୍ୱାଇଁ, ପ୍ରହଲ୍ଲାଦ ରାଉତରାୟ, ଗାୟତ୍ରୀ ବରାଳ, ଦେବାଶିଷ ରାଉତରାୟ, ଝରଣା ନାୟକ, ପ୍ରଭାବତୀ ସ୍ୱାଇଁ, ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ନିରଞ୍ଜନଙ୍କ ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତ ନିରଞ୍ଜନଙ୍କ ମାତା ଜେମାମଣୀ ସ୍ୱାଇଁ, ପୁତ୍ର ଭକ୍ତପ୍ରସାଦ ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ ସମାରୋହରେ ବିଭିନ୍ନ ଅଂଚଳରୁ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନକରିଥିଲେ।

## ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ବିୟୋଗରେ ଶୋକ

ମାହାଙ୍ଗା **୨୧/୧ (ନି.ପ୍ର):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ନାହାଙ୍ଗ ପଂଚାୟତସ୍ଥିତ ଅଚ୍ୟୁତପୁର ଗ୍ରାମର ଶିକ୍ଷକ ଦିବାକର ବେହେରାଙ୍କ ପିତା ଭଗବାନ ବେହେରା ୮୨ଙ୍କର ଅଚ୍ୟୁତପୁରଠାରେ ପରଲୋକ ହୋଇଯାଇଛି । ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡୀତ ଥିଲେ। ସେ ଜଣେ ମେଳାପୀ, ଧର୍ମପରାୟଣ ବ୍ୟକ୍ତି ଭାବେ ପରିଚିତ ଥିଲେ । ତାଙ୍କ ବିୟୋଗରେ 'ଆମ ମାହାଙ୍ଗା' ପରିବାରର ଅଧକ୍ଷ ଡଃ. ଅମରେନ୍ଦ୍ର ମହାନ୍ତି, ସଂଯୋଜକ ବିଜୟ କୁଅଁର, ସ୍ଥାନୀୟ ପଂଚାୟତ ସରପଂଚଙ୍କ ପ୍ରତିନିଧି ଦେବରଂଜନ ମହାନ୍ତି, ସମିତିସଭ୍ୟ ଦିଲ୍ଲୀପ କୁମାର ସାମଲ, ଜିଲ୍ଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କୁରୁଜଙ୍ଗା ପଂଚାୟତର ସରପଂଚ କମଳାକାନ୍ତ ଦାଶ, ଭଦ୍ରେଶ୍ୱରପଂଚାୟତ ସରପଂଚ କମଳାକାନ୍ତ ରାଉତ, ଜଗବନ୍ଧୁ ସାହୁ, ଶ୍ରୀନିବାସ ସେନାପତି, ତ୍ରିଲୋଚନ ସାହୁ, ଧ୍ରୁବ ଚରଣ ଦାସ, ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ, ଶିକ୍ଷକ ପୁରୁଷୋତ୍ତମ ସେଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଶତପଥି ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ସ୍ୱର୍ଗତ ବେହେରାଙ୍କ ମର ଶରୀରକୁ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ପୁତ୍ର ଦିବାକର ବେହେରା ମୁଖାଗ୍ନି ଦେଇଥିଲା ବେଳେ ଝିଅ ମାନିନୀ, ପ୍ରଭାତୀ, ଜ୍ୱାଇଁ ରବିନ୍ଦ୍ର, ଯୁଧିଷ୍ଠିର, ନାତି ନାତୁଣୀ, ପରିବାରବର୍ଗ ଓ ଜ୍ଞାତି କୁଟୁମ୍ବ ଉପସ୍ଥିତ ରହିଥିଲେ ।

## ଡାବୁଗାଁ ଠାରେ ୨ଦିନ ଧରି ଚାଲିଥିବା ଉଦ୍ୟାନ କୃଷି କର୍ମଶାଳା ଉଦଯାପିତ

ନବରଙ୍ଗପୁର , **୨୧/୧ (ନି.ପ୍ର):** ଅପରାହ୍ନ ୨ଘଣ୍ଟା ସମୟରେ ଉଦ୍ୟାନ କୃଷି ବିଭାଗ ତରଫରୁ ଡାବୁଗାଁ ରେ ଦୁଇ ଦିନ ଧରି ଚାଲିଥିବା ଉଦ୍ୟାନ କୃଷି କର୍ମଶାଳା ଉଦଯାପିତ ହେଲା। ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ଉଦ୍ୟାନ କୃଷି ଅଧିକାରୀ ରବି ଶଙ୍କର ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ପ୍ରଥମରେ ଯୋଗଦେଇଥିଲେ ଉନ୍ନୟନ ଅଧିକାରୀ ଶରତ ମାଝୀ, କୃଷକ ପ୍ରତିନିଧି ତଥା ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ ସଭ୍ୟ ଜୟନ୍ତ କୁମାର ପାତ୍ର ଏବଂ ବିଧାୟକ ପ୍ରତିନିଧି ଏମ୍ ବୁଲୁ ରାଓ।ଆଜିର ଉଦଯାପିତ ଉତ୍ସବ ରେ ଯୋଗଦେଇ ଥିଲେ ଜିଲ୍ଲାପରିଷଦ ସଭ୍ୟ ଗୁପ୍ତ ବିଷୟୀ, ମେଦନା ପଞ୍ଚାୟତ ର ପୂର୍ବତନ ସରପଞ୍ଚ ହିରଣ୍ୟ ମାଝୀ ଏବଂ କୃଷି ସମ୍ବନ୍ଧୀୟ ଅନ୍ୟାନ୍ୟ ବିଭାଗ ର ଅଧିକାରୀମାନେ ଯଥା ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ସହକାରୀ ପ୍ରାଣୀ ଚିକିତ୍ସକ ଡା. ଏଲ. ଲୋକନାଥ ରେଡ୍ଡୀ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସଙ୍ଗୀତା ସାମଲ, ମୃତ୍ତିକା ସଂରକ୍ଷଣ ସଂପ୍ରସାରଣ କର୍ମୀ ନିରୋଜ ମଲ୍ଲିକ, ।ବ୍ଲକର ଅଧିକାଂଶ ପଞ୍ଚାୟତର ପ୍ରମୁଖ ଚାଷୀ, କ୍ଷୁଦ୍ର ଚାଷୀ ଓ ନାମମାତ୍ର ଚାଷୀ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗ ର ଅଧିକାରୀ ମାନେ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ବିଷୟରେ ବୁଝାଇ ଥିଲେ।ଏହି କାର୍ଯ୍ୟକ୍ରମ ରେ ଆଜି ସାମ୍ବାଦିକ ସଙ୍ଘର ସମ୍ପାଦକ ମିହିର ଶଙ୍କର ପାତ୍ର ଏବଂ ଉପସଭାପତି ଗଗନ ଗନ୍ତାୟତ କୁ ଉଦ୍ୟାନ କୃଷି ଅଧିକାରି ଉପଧକନ ଦେଇ ସମ୍ମାନିତ କରିଥିଲେ।

## ଜାମଦାରେ ୨୫୮ ଜଣ ଦେଲେ ଜବାହର ନବୋଦୟ ପ୍ରବେଶିକା ପରୀକ୍ଷା

ମୟୂରଭଞ୍ଜ **୨୧/୧ (ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଜାମଦା ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଜବାହର ନବୋଦୟ ପ୍ରବେଶିକା ପରୀକ୍ଷାରେ ମୋଟ ୩୦୭ ପଞ୍ଜିକୃତ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୯ ଜଣ ଅନୁପସ୍ଥିତ ଥିଲାବେଳେ ୨୫୮ ଜଣ ପରୀକ୍ଷା ଦେଇଥିବା ବିଓ କାର୍ଯ୍ୟାଳୟ ଜାମଦା ପକ୍ଷରୁ ସୂଚନା ହସ୍ତଗତ ହୋଇଛି ।ଉକ୍ତ କେନ୍ଦ୍ରରେ ଜାମଦା ଏବିଇଓ ପ୍ରତାପ ଚନ୍ଦ୍ର ନାଏକ,ଜାମଦା ତହସିଲଦାର ସର୍ବେଶ୍ୱର ଜାଲ୍ ପରୀକ୍ଷାକୁ ତଦାରଖ କରିଥିଲେ ଏବଂ ଏସ୍‌ଏସ୍ଡି ବିଦ୍ୟାଳୟ ଜାମଦାର ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ପରୀକ୍ଷା ପରିଚାଳନା କରିଥିଲେ ।

# ଷ୍ଟ୍ରିଟ୍ ଲାଇଟ୍ ପରିଚାଳନା କରିବ ନୂଆ ସଂସ୍ଥା

**ଭୁବନେଶ୍ୱର, ୨୧/୧(ନିପ୍ର):** ଭୁବନେଶ୍ୱରରେ ଷ୍ଟ୍ରିଟ୍‌ଲାଇଟ୍ ପରିଚାଳନାକୁ ନେଇ ଦୀର୍ଘ କାଳ ଧରି ଲାଗି ରହିଥିବା ବିବାଦର ସମାଧାନ ହେବାକୁ ଯାଉଛି। ପରିଚାଳନା କରୁଥିବା ସଂସ୍ଥା ବିରୋଧରେ ଅଭିଯୋଗ ଆସିବା ସହ ଠିକା ଅବଧି ଶେଷ ହେବା ପରେ ବିଏମ୍‌ସି ନୂଆ ସଂସ୍ଥା ଚୟନ କରିଛି। ଏଣେ ଚୁକ୍ତି ଅନୁସାରେ କାମ ହେଉଛି କି ନାହିଁ ପ୍ରମାଣିତ କରିବା ପାଇଁ ଏନର୍ଜି ଅଡିଟର ନଥିବାରୁ ପୁଣି ଲୁଟ୍‌ତରାଜ ଚାଲିବା ଆଶଙ୍କା ପ୍ରକାଶ ପାଇଛି। ୨୦୧୩ ମସିହା ଅକ୍ଟୋବର ୫ରେ ରେଟ୍ରୋଫିଟ୍ ପ୍ରଣାଳୀରେ ନୂଆ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ଏବଂ ତାହାର ରକ୍ଷଣାବେକ୍ଷଣ କରିବା ପାଇଁ ବିଏମ୍‌ସି ସୁପର ୱେଲ୍‌ଥ ଫାଇନାନ୍ସ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ଠିକା ଦେଇଥିଲା। ପିପିପି ମୋଡ୍‌ରେ ପ୍ରଥମ ପର୍ଯ୍ୟାୟରେ ବା ୨୦୧୪ ସୁଦ୍ଧା ୧୯, ୮୭୩ଟି ଏଲ୍‌ଇଡି ଲାଇଟ୍ ଲାଗିଥିଲା। ଏଥିସହିତ ବିଭିନ୍ନ ଠିକାଦାରଙ୍କ ଜରିଆରେ ୮୦୨୨ଟି ଇ-ସ୍ମାର୍ଟ ମେକ୍ ଲାଇଟ୍ ଲଗାଯାଇଥିଲା। ଏଭଳି ୨୭ହଜାର ୮୯୫ ଲାଇଟ୍ ରକ୍ଷଣାବେକ୍ଷଣ କରିବାକୁ ୧୦ ବର୍ଷ ପର୍ଯ୍ୟନ୍ତ ଚୁକ୍ତିନାମା ହୋଇଥିଲା। ଗତ ବର୍ଷ ଜୁଲାଇରେ ଏହି ଠିକା ଅବଧି ଶେଷ ହୋଇଥିଲା। ବିଏମ୍‌ସି ନୂଆ ଟେଣ୍ଡର କରିଥିଲା। ଏଥିରେ ପୁରୁଣା ସଂସ୍ଥା ସହ ଭାଗ ନେଇଥିବା ନୂଆ ସଂସ୍ଥା 'ଆସ୍ଥା ଇଲେକ୍ଟ୍ରିକାଲ୍'କୁ ବାର୍ଷିକ ୧୮ କୋଟି ୬୫ ଲକ୍ଷ ୭୩ ହଜାର ୭୧୧ ଟଙ୍କାରେ ଠିକା ଦିଆଯାଇଛି। ସଂସ୍ଥା ୫ ବର୍ଷ ପାଇଁ ରକ୍ଷଣାବେକ୍ଷଣ ସହ ଆବଶ୍ୟକ ସ୍ଥଳେ ନୂତନ ଲାଇଟ୍, ତାର ଓ ଅନ୍ୟାନ୍ୟ ବିଦ୍ୟୁତ୍ ସରଞ୍ଜାମ ଲଗାଇବ। ଏଣେ ପରିଚାଳନା କରୁଥିବା ସଂସ୍ଥା ଠିକ୍ କାମ କରୁଛନ୍ତି କି ନାହିଁ ବା ଟେଣ୍ଡର ସର୍ତ୍ତ ପୂରଣ ହେଉଛି କି ନାହିଁ ଜଗିବା ପାଇଁ 'ଏନର୍ଜି ଅଡିଟର' ନିଯୁକ୍ତ ହେବା କଥା। କିନ୍ତୁ ବିଏମ୍‌ସି ଦୁଇଥର ଏହି ଟେଣ୍ଡର ବାତିଲ କରିସାରିଲାଣି। ଫଳରେ ଏନର୍ଜି ଅଡିଟର ନଥିବାରୁ ପୂର୍ବବତ୍



ଲୁଟ୍‌ତରାଜ ଚାଲିବା ନିଶ୍ଚିତ ହୋଇଛି। ପୂର୍ବରୁ ବିଏମ୍‌ସି ସୁପର ୱେଲ୍‌ଥ ଫାଇନାନ୍ସ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍ ଓ ନିଭ୍ ନିଲ୍ ପ୍ରାଇଭେଟ୍ ଲିମିଟେଡ୍ ସହ ଚୁକ୍ତି କରିଥିଲା। ପୂର୍ବାପେକ୍ଷା ୮୦.୦୨% ବିଲ୍ କମ୍ କରିବା ଯୋଜନା ଥିଲା। ଏମାନଙ୍କର କାର୍ଯ୍ୟଦକ୍ଷତା ମାପିବା ପାଇଁ ଇଣ୍ଡିପେଣ୍ଡେଣ୍ଟ ଏନର୍ଜି ଅଡିଟର(ଆଇଇଏ) ନିଯୁକ୍ତ ହୋଇଥିଲା। କାର୍ଯ୍ୟକାଳ ସରିବା ପରେ ଏନର୍ଜି ଅଡିଟର ନିଯୁକ୍ତ ହେଲା ନାହିଁ। ବର୍ଷ ବର୍ଷ ଧରି ସଂସ୍ଥାମାନଙ୍କ ସହ ମିଶି ଅଧିକାରୀମାନେ ବଲ୍‌ବ କିଣାରେ ଦୁର୍ନୀତି କରିବା ଅଭିଯୋଗ ଆସିଲା। ଏଣୁ ଗତ ବର୍ଷ ନଭେମ୍ବର ମାସରେ, ଠିକା ଅବଧି ସରିବା ପୂର୍ବରୁ 'ନିଭ୍ ନିଲ୍ ପ୍ରାଇଭେଟ୍ ଲିମିଟେଡ୍'କୁ କଳା ତାଲିକାଭୁକ୍ତ କରିବାକୁ କର୍ପୋରେସନ ନିଷ୍ପତ୍ତି ନେଲା। କିନ୍ତୁ କୋର୍ଟ ମାମଲା ଭୟରେ ବିଏମ୍‌ସି କାର୍ଯ୍ୟାନୁଷ୍ଠାନ ନେଲାନାହିଁ। ଅନ୍ୟପଟେ ନୂଆ ଠିକାସଂସ୍ଥା ଦାୟିତ୍ୱ ନେଇନଥିବା ବେଳେ ପୁରୁଣା ସଂସ୍ଥାର ଅବଧି ଶେଷ ହୋଇଯାଇଛି। ନୂଆ ସଂସ୍ଥା ଦାୟିତ୍ୱ ନେବା ପାଇଁ କିଛି ସମୟ ଲାଗିବ।

## ବିଧାୟକ ଙ୍କ ପ୍ରତିନିଧି ହେଲେ ନରେନ୍ଦ୍ର ମହାନ୍ତ

ପାଟଣା **୨୧/୧ (ନି.ପ୍ର):** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାହାରପଡା ବ୍ଲକ ର ବିଧାୟକ ଅଖିଳ ଚନ୍ଦ୍ର ନାଏକ ଙ୍କ ପ୍ରତିନିଧି ଭାବେ ନରେନ୍ଦ୍ର କୁମାର ମହାନ୍ତ ମନୋନୀତ ହୋଇଛନ୍ତି। ଏନେଇ ପାଟଣା ବିଧାୟକ ଶ୍ରୀ ନାଏକ ତାଙ୍କୁ ମନୋନୀତ କରିବା ପରେ ଗତକାଲି ଶ୍ରୀ ମହାନ୍ତ ବିଜେପି କର୍ମକର୍ତ୍ତା ଙ୍କ ଗହଣରେ ସାହାରପଡା ବିଡ଼ିଓ ରଣଜିତ ମହାନ୍ତ ଙ୍କୁ ଭେଟି ତାଙ୍କ ମନୋନୟନ ପତ୍ର ପ୍ରଦାନ କରିଛନ୍ତି। ତାଙ୍କ ସହିତ ପୂର୍ବତନ ବ୍ଲକ ଅଧକ୍ଷ ଗୌତମ ନାଏକ , ସରପଞ୍ଚ ହରିହର ନାଏକ , ସରପଞ୍ଚ ଚପଳଚାନ୍ଦ ରଣସିଂ , ପୂର୍ବତନ ସମିତି ସଭ୍ୟ ମହେଶ୍ୱର ପୃଷ୍ଟି , ରମାକାନ୍ତ ନାଏକ ,ଧ୍ରୁବ ଚରଣ ନାଏକ , ଦିଲ୍ଲୀପ କୁମାର ସିଂହ ,ବାପି ଆରୁକ , ଦେବଦତ୍ତ ବାରିକ , ରମେଶ ଚନ୍ଦ୍ର ମହାନ୍ତ ,ଭବାନୀ ଶଙ୍କର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। ବିଧାୟକଙ୍କ ପ୍ରତିନିଧି ଭାବେ ମନୋନୀତ ହୋଇଥିବା ନରେନ୍ଦ୍ର କୁମାର ମହାନ୍ତ ବିଜେପି ର ପୂର୍ବତନ ମଣ୍ଡଳ ସଭାପତି ଭାବେ ଦକ୍ଷତା ର ସହିତ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିଥିଲେ । ସାହାରପଡା ବ୍ଲକ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦେବେ ବୋଲି ସେ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି।

# ୯ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**କଟକ, ୨୧/୧ (ନି.ପ୍ର):** ଦଣ୍ଡ କୋହଳ କଲେ ହାଇକୋର୍ଟ । ଫାଶୀ ବଦଳରେ ୯ ଜଣଙ୍କୁ ଆଜୀବନ ଦଣ୍ଡାଦେଶ ପାଇଁ ରାୟ ଶୁଣାଇଛନ୍ତି ମାନ୍ୟବର ହାଇକୋର୍ଟ । ଏହିସହିତ ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଖବର ଅନୁଯାୟୀ, ୨୦୧୬ ମସିହା ସେପ୍ଟେମ୍ବର ୯ ତାରିଖରେ ରାୟଗଡା ଜିଲ୍ଲା ପୁଟାସିଂ ଥାନା କିନ୍ତୁ ଗାଁରେ ଘଟିଥିଲା ଅଘଟଣ । ଗୋଟିଏ ପରିବାରରେ ତିନି ଜଣଙ୍କୁ ଗୁଣି ଗାରେଡି ସନ୍ଦେହରେ ହତ୍ୟା କରିଥିଲେ । ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ବାପା, ମା, ଏବଂ ବଡ଼ ଝିଅ ରହିଥିଲେ । ସେମାନଙ୍କୁ ପିଟି ପିଟି ହତ୍ୟା କରିଥିଲେ ଅଭିଯୁକ୍ତ । ଏହାପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଆଉ କୋର୍ଟରେ ମାମଲାର ଶୁଣାଣି ହୋଇଥିଲା । ଏହି ଶୁଣାଣିରେ ମାନ୍ୟବର କୋର୍ଟ ୯ ଜଣ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ଶୁଣାଇଥିଲେ । ହେଲେ ପରବର୍ତ୍ତୀ ମାମଲାରେ ତଳ କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏତଲା ଦାୟର ହୋଇଥିଲା । ହାଇକୋର୍ଟ ଏହି ମାମଲାର ଶୁଣାଣି କରି ତଳ କୋର୍ଟଙ୍କ ରାୟରେ ରୋକ୍ ? ଲଗାଇଛନ୍ତି । ଏହାସହିତ ୯ ଜଣ ଅଭିଯୁକ୍ତଙ୍କୁ ଦିଆଯାଇଥିବା ଫାଶୀ ଦଣ୍ଡାଦେଶକୁ ପରବର୍ତ୍ତନ କରିଛନ୍ତି । ହାଇକୋର୍ଟ ୯ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶର ରାୟ ଶୁଣାଇଛନ୍ତି । ଏହାସହିତ ପୀଡିତାଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନସେବା କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ ।

## ମା ତାରିଣୀ ହେସାଃରାଘା ସମାଜ ମାର୍ଶାଲ ଯୁବକ ସଂଘ ର ମକର ମହୋତ୍ସବ



ପାଟଣା **୨୧/୧ (ନି.ପ୍ର):** ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ବାଇଦବଜା ଗ୍ରାମରେ ହୋ ସମାଜର ହେସାଃରାଘା ପର୍ବ ମକର ମହୋତ୍ସବ ୫ ଦିନ ଧରି ଅନୁଷ୍ଠିତ ହୋଇଛି ।ମାତାରିଣୀ ହେସାଃରାଘା ମାର୍ଶାଲ ଯୁବକ ସଂଘ ପକ୍ଷ ରୁ ଅନୁଷ୍ଠିତ କାର୍ଯ୍ୟକ୍ରମ ଆସନ୍ତା କାଲି ରବିବାର ଉଦଯାପିତ ହେବ। ପର୍ବର ତୃତୀୟ ଦିନରେ ପୂର୍ବତନ ପାଟଣା ମଣ୍ଡଳ ଭାଜପା ସଭାପତି ରମେଶ ଚନ୍ଦ୍ର ମହାନ୍ତ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ରୂପେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ , ମୁଖ୍ୟବକ୍ତା ଭାବେ ଭାଜପା ପୂର୍ବତନ ଜିଲା ସଭାପତି ରାଧାକାନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୃ,ଭାଜପା ବରିଷ୍ଠ ନେତା କମଳାକାନ୍ତ ଦାଶ, ଭାଜପା ନେତ୍ରୀ ସୋମବାରୀ ମୁଣ୍ଡା, ଭାଜପା ନେତା ଶଶୀଭୁଷଣ ମହାନ୍ତ, ମୋହନ ମହାନ୍ତ ,ପ୍ରଫୁଲ୍ଲ ମହାନ୍ତ,ସୁଦର୍ଶନ ଡଙ୍ଗ, ଭରତ ମହାନ୍ତପ୍ରମୁଖ ଯୋଗ ଦେଇଥିଲେ।ଉପସ୍ଥିତ ଅତିଥିମାନେ ହୋ ସମାଜ ର ମକରପର୍ବ ଓ ହେସାଃରାଘା ପର୍ବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସର ରେ ହୋ ସମାଜ ପାରମ୍ପରିକନୃତ୍ୟ ପରିବେଷଣ ହୋଇଥିଲା। ୫ ଦିନ ଧରି ହେଉଥିବା ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ପ୍ରକାରର ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହେଉଛି।ହୋ ସମାଜର ସଂସ୍କୃତି ଓ ପରମ୍ପରା କୁ ବଜାୟ ରଖିଥିବା ପାଇଁ ଏହି କାର୍ଯ୍ୟକ୍ରମ ର ମୂଳ ଲକ୍ଷ୍ୟ ବୋଲି ହେସାଃରାଘା ଯୁବକ ସଂଘର ସଭାପତି କହିଛନ୍ତି।

## କଂଗ୍ରେସ କର୍ମୀଙ୍କ ବିୟୋଗରେ ମାହାଙ୍ଗା କଂଗ୍ରେସ ନେତା ଦେବେନ୍ଦ୍ରଙ୍କ ଶୋକ

ମାହାଙ୍ଗା **୨୧/୧ (ନି.ପ୍ର):** ତା.୧୭.୦୧.୨୦୨୫ ରିଖ ଶୁକ୍ରବାର ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଧୁପୁର ଗ୍ରାମ ପଂଚାୟତର ରହମନ ନଗରର ବରିଷ୍ଠା କଂଗ୍ରେସ କର୍ମୀ ସିଧୁ ଖାଁଙ୍କ ମୃତ୍ୟୁ ଖବର ପାଇ ମାହାଙ୍ଗା ବରିଷ୍ଠ କଂଗ୍ରେସ ନେତା ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ସାହୁ ସ୍ୱର୍ଗତ ଖାଁଙ୍କ ରହମନ ନଗରସ୍ଥିତ ବାସଭବନରେ ପହଞ୍ଚି ସ୍ୱର୍ଗତ ସିଧୁ ଖାଁଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଶ୍ରୀଯୁକ୍ତ ସାହୁଙ୍କ ସହିତ ବିକାଶ ସୁବୁଦ୍ଧି, ଅତାରୁଲ ଇସଲାମ୍, ନିସାର ଅହମ୍ମଦ, ହରିହର ବରାଳ ଏବଂ ଉତ୍ତମ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବନାଗ୍ନି ନିରାକରଣ ସଚେତନତା ଶିବିର

## ବାଲିଗୁଡା ବନଖଣ୍ଡ ଜଙ୍ଗଲ ରେ ନିଆଁ ରୋକିବା ପାଇଁ ସଂକଳ୍ପ




ବାଲିଗୁଡା ୨୧/୧ (ନି.ପ୍ର): ଆଗକୁ ଆସୁଛି ଖରା ଦିନ ଏବେ ଠାରୁ ସମସ୍ତେ ସଚେତନତା ହେବାକୁ ପଡିବ । ଜଙ୍ଗଲ ନିଆଁ କୁ ରୋକିବା ପାଇଁ ପଦକ୍ଷେପ ଜରୁରୀ ହୋଇ ପଡିଛି, ଏଥି ପାଇଁ ସାରା ବିଶ୍ୱ ଚିନ୍ତା ରେ । ଏହି ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ନେଇ ଓଡିଶା ସରକାରଙ୍କ ଜଙ୍ଗଲ ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନତା ଅଭିଯାନ ଆରମ୍ଭ ହୋଯାଇଛି ।ଶନିବାର ବାଲିଗୁଡା ବନଖଣ୍ଡ ଅଧିକାରୀ ବିଶ୍ୱରଜ ପଣ୍ଡା ଙ୍କ ଅଧକ୍ଷତାରେ ବନାଗ୍ନି ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରେ ଜିଲ୍ଲାପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରକୃତି ବନ୍ଧୁ ତଥା ପରିବେଷ ବିତ କୌଶିକ ସାହୁ ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦ ,ସହକରୀ ଜିଲ୍ଲାପାଳ ହରେ କୃଷ୍ଣ ରାଉତ ,କେନ୍ଦୁପତ୍ର ଏସିଏଫଓ ଚନ୍ଦ୍ର ସେତା ପୂଜାରୀ ,ଏସିଏଫଓ ସୂର୍ଯ୍ୟ କାନ୍ତ ବେହେରା ,ମନୋରଞ୍ଜନ ବାଗ ଯୋଗଦେଇ ଜଙ୍ଗଲ କୁ ସୁରକ୍ଷା କରିବା ସହ ନିଆଁକୁ ରୋକିବା ପାଇଁ କି କି ପଦକ୍ଷେପ ନେବାକୁ ପଡୁଛି ଓ ସମସ୍ୟା ସୃଷ୍ଟି ହେଉଛି ସେ ସମ୍ପର୍କ ରେ କହିଥିଲେ । ସମସ୍ତେ ମିଳିମିଶି ଏହି ବନାଗ୍ନି ନିରାକରଣ ସଚେତନତା ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଏ ପାରିଲେ ଏହାର ସୁଫଳ ମିଳିପାରିବ । ବିଗତ ବର୍ଷ ତୁଳନାରେ କିଭଳି ବନାଗ୍ନି ନିରାକରଣ ସଚେତନତା କୁ ଅଧିକରୁ ଅଧିକ କାଲେ ଜଙ୍ଗଲ ନିଆଁ କୁ କମ କରାଯାଇ ପାରିବ ଶେଠୀ ପାଇଁ ସମସ୍ତେ ଶପଥ ନେବା ଆବଶ୍ୟକ ବୋଲି କହିଥିଲେ । ,ପୋଡୁଚାଷରୁ ନିବୃତ ହେବା,ବେଆଇନ ଶିକାର ଏବଂ ମହୁଲ ଫୁଲ ସଂଗ୍ରହ ସମୟରେ ଗଛତଳେ ନିଆଁ ନଲଗାଇ ସଠିକ ଉପାୟରେ ମହୁଲ ଫୁଲ ସଂଗ୍ରହ କରିବା ସହିତ ପରିବେଶ ସୁରକ୍ଷା ପାଇଁ ନୂତନ ଜଙ୍ଗଲ ସୃଷ୍ଟି କରିବା ଭଳି ଉଦ୍ବୋଧନ ଦେଇ ସଚେତନ କରିଥିଲେ ।ଏହି ଅବସର ରେ ବାଲିଗୁଡା ବନଖଣ୍ଡ ଅଧୀନରେ ରହିଥିବା ୭ ଟି ବନାଞ୍ଚଳ ରେ ବନାଗ୍ନି ସଚେତନତା ରଥ ଗଡିବା ସହ ପଥପ୍ରାନ୍ତ ନାଟକ ,,ଦସ୍ତଖତ ଅଭିଯାନ ,ପୋଷ୍ଟର ଓ ଲିଫଲେଟ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯିବ ବୋଲି ବନଖଣ୍ଡ ଅଧିକାରୀ ବିଶ୍ୱରଜ ପଣ୍ଡା କହିଥିଲେ । ଏହି ଶିବିର ରେ ବାଲିଗୁଡା ବନାଞ୍ଚଳ ଅଧିକାରୀ ଅତୁଲ୍ୟ କୁମାର ମହାନ୍ତି ,ରମାକାନ୍ତ କହଁର ,କ.ନୂଆଗାଁ ବନାଞ୍ଚଳ ଅଧିକାରୀ, ବନାଞ୍ଚଳ ଅଧିକାରୀ ବ୍ରାହ୍ମଣୀ ଗାଁ ହରିହର ବେହେରା , ବନାଞ୍ଚଳ ଅଧିକାରୀ ଦାରିଙ୍ଗବାଡି ମାଧବ ଚନ୍ଦ୍ର ବେହେରା , ବନାଞ୍ଚଳ ଅଧିକାରୀ କୋଟଗଡ ବାଲଗୋପାଳ ବେହେରା , ବନାଞ୍ଚଳ ଅଧିକାରୀ ତୁମୁଡିବନ୍ଧ କାଳିଚରଣ ବେହେରା , ବନାଞ୍ଚଳ ଅଧିକାରୀ ବେଲଘର ବିନାୟକ ବିଶି ଙ୍କ ସମେତ ,ବନପାଳ, ବନରକ୍ଷୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର କର୍ମ କର୍ତ୍ତା ,ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗ ଦେଇ ମୁଲ୍ୟବାନ ମତାମତ ପ୍ରଦାନ କରିଥିଲେ । ତୁମୁଡିବନ୍ଧ ବନାଞ୍ଚଳ ଅଧିକାରୀ କାଳିଚରଣ ବେହେରା ଅତିଥି ପରିଚୟ କରାଇବା ସହ ମଞ୍ଚ କୁ ଆମନ୍ତ୍ରଣ କରିଥିଲେ ଓଡିଶା ଆଦର୍ଶ ବିଦ୍ୟାଳୟ ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ଓ ଧନ୍ୟବାଦ ସଙ୍ଗୀତ ଗାନ କରଯାଇଥିଲା । ଶେଷରେ ବାଲିଗୁଡା ବନପାଳ ପ୍ରଭାତ କୁମାର ଦୋରା ସମସ୍ତ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବୁଗୁଡା ବ୍ଲକରେ ନୂତନ ବିଡ଼ିଓ ଙ୍କ ଦାୟିତ୍ୱ ଗ୍ରହଣ

ବୁଗୁଡା ୨୧/୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ବ୍ଲକର ନୂତନ ବିଡ଼ିଓ ଭାବେ ଦୁତିକୃଷ୍ଣ ପାତ୍ର ଜାନୁଆରୀ ୧୭ ତାରିଖ ଦିନ ବିଡ଼ିଓ ଭାବେ ଅତିରିକ୍ତ ଦାୟିତ୍ୱ ରେ ଥିବା ବୁଗୁଡା ତହସିଲଦାର ତାପସ ରାଉତଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂତନ ବିଡ଼ିଓ ଶ୍ରୀ ପାତ୍ର ଏଠାରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ କୋରାପୁଟ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ବୁଗୁଡାର ପୂର୍ବତନ ବିଡ଼ିଓ ସନ୍ତୋଷ କୁମାର ଜେନାଙ୍କ ଏଠାରୁ ବଦଳି ହେବାପରେ ବୁଗୁଡା ତହସିଲଦାର ଶ୍ରୀ ରାଉତ ଅତିରିକ୍ତ ଭାବେ ବିଡ଼ିଓ ଦାୟିତ୍ୱ ଗ୍ରହଣ କରିଥିଲେ । ଓଡିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗର ପକ୍ଷରୁ ୭/୧/୨୫ ତାରିଖରେ ବାହାରିଥିବା ନୋଟିଫିକେସନ ପ୍ରକାରେ ନୂତନ ବିଡ଼ିଓ ଶ୍ରୀ ପତ୍ରଙ୍କୁ ବୁଗୁଡା ବିଡ଼ିଓ ଭାବେ ବଦଳି ହୋଇଥିଲା । ନୂତନ ବିଡ଼ିଓ ଶ୍ରୀ ପାତ୍ର ଜାନୁଆରୀ ୧୭ ତାରିଖରେ ବୁଗୁଡ଼ାରେ ଯୋଗଦେଇ ବିଡ଼ିଓ ଦାୟିତ୍ୱରେ ଥିବା ବୁଗୁଡା ତହସିଲଦାର ଶ୍ରୀ ରାଉତଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ ।



## କୁଡୁତୁଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ



ବାଲିଗୁଡା୨୧/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ କ.ନୂଆଗାଁ ବ୍ଲକ ଅନ୍ତର୍ଗତ କୁଡୁତୁଲି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକୀ ଉତ୍ସବ ଶନିବାର ମହା ଆଡ଼ମ୍ବରରେ ପାଳନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀ ବିଧାୟକ ଚକ୍ରମଣି କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ଭାରପ୍ରାପ୍ତ ବିଡ଼ିଓ ଅକ୍ଷୟ କୁମାର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ଅନୀତା ମଲ୍ଲିକ,ତହସିଲଦାର ଆନନ୍ଦ କୁମାର ପଣ୍ଡା, ଜିପିଇଓ ଅନୀଲ କୁମାର ପଟ୍ଟନାୟକ, କୁଡୁତୁଲି ସରପଞ୍ଚ ଶ୍ରୀଚନ୍ଦ୍ର ମଲ୍ଲିକ, ମୂଖ୍ୟ ବକ୍ତା ବାଲିଗୁଡା ଆଦିବାସୀ କଲେଜ ଯୁଲୋଜି ଅଧ୍ୟାପକ ହିମାଂଶୁ ଚରଣ ସାହୁ ଯୋଗ ଦେଇଥିଲା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ତୁଳା ବେହେରା ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ସହ ପୂର୍ବରୁ ହୋଇ ଥିବା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ ଉତ୍ସାହିତ କରି ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଚିକୁନ ବେହେରା ସଭାପତିତ୍ୱ କରି ବାର୍ଷିକ ବିବରଣୀ ପାଠ କରିଥିଲେ ।ପରେ ଦ୍ୱିତୀୟ ଅଧିବେଶନରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ବାର୍ଷିକୀ ଉତ୍ସବ ପାଳନକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ, ପରିଚାଳନା କମିଟି, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖା ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ସମସ୍ତେ ମନଭରି ଉପଭୋଗ କରିବା ସହିତ ଶିକ୍ଷୟିତ୍ରୀ ସରିତା ସାହୁ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନାରାୟଣ କହଁର, କବିରାଜ ଜଗତ, ରାଜକିଶୋର ସ୍ୱାଇଁ, ଲକ୍ଷ୍ମୀକାନ୍ତ ସାହୁ, ଅଶୋକ କୁମାର ଭୁଏ ,ଗିତାଞ୍ଜଳୀ ମଲିକ, ରାଜେଶ କୁମାର ପଦକା, ହାଡିବନ୍ଧୁ ନାୟକ ଓ ଆଶାଲତା ଶତପଥୀଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଗଣ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## ବାଣପୁର ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ବାଣପୁର ୨୧/୧ (ନି.ପ୍ର): ଶୁକ୍ରବାର ବାଣପୁର ପଂଚାୟତ ସମିତି ଆନୁକୂଲ୍ୟରେ ବ୍ଲକ ପରିସରରେ ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଏକ ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଏବଂ ବିଡିଓ ଶୀତଲ ଅଗ୍ରୱାଲ ଶିବିରକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ୧୭ ଗୋଟି ପଞ୍ଚାୟତଏବଂ ବାଣପୁର ଏନଏସିର ସମସ୍ତ ସରପଞ୍ଚ ଓ କାଉନସିଲର ମାନେ ଶିବିରକୁ ଆସୁଥିବା ହିତାଧିକାରୀ ମାନଙ୍କୁ ସହଯୋଗ କରୁଥିବା ଦେଖାଯାଇଥିଲା । ବିଭିନ୍ନ ବର୍ଗର ହିତାଧିକାରୀ ମାନଙ୍କ ପାଇଁ ଯଥା ଅସ୍ତିଶଲ୍ୟ, ମାନସିକ ଅନଗ୍ରସର, ଶ୍ରବଣ ବାଧିତ, ଦୃଷ୍ଟି ବାଧିତ ହିତାଧିକାରୀ ମାନଙ୍କ ନିମନ୍ତେ ଖୋର୍ଧାରୁ ଆସିଥିବା ଡାକ୍ତର ଭିନ୍ନ ଭିନ୍ନ ପ୍ରକୋଷ୍ଠରେ ହିତାଧିକାରୀ ମାନଙ୍କ ପରୀକ୍ଷଣ କରିଥିଲେ । ହିତାଧିକାରୀଙ୍କ ଅହେତୁକ ଭିଡ଼ ଶିବିରରେ ଦେଖାଯାଇଥିଲ । ସମୁଦାୟ ୫୭୮ଜଣ ହିତାଧିକାରୀ ପଞ୍ଜିକୃତ କରିଥିବା ବେଳେ ୩୭୩ଜଣ ହିତାଧିକାରୀଙ୍କୁ ବିଡ଼ିଓ ଏବଂ ବ୍ଲକ ଅଧ୍ୟକ୍ଷ ଭିନ୍ନକ୍ଷମ ପରିଚୟ ପତ୍ର ବଣ୍ଟନ କରିଥିଲେ । ତେବେ ଭିନ୍ନକ୍ଷମ ମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷରେ ଉକ୍ତ ଶିବିର ଆୟୋଜନ ହୋଇଥିବା ଏବଂ ବାଣପୁର ବ୍ଲକ ପ୍ରଶାସନ ସର୍ବଦା ଭିନ୍ନକ୍ଷମ ମାନଙ୍କ ପାଇଁ କାର୍ଯ୍ୟକରିବ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଗିରିବାଳା ନାୟକ କହିଛନ୍ତି ।

## ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୫୧୦ ଆବେଦନ ରୁ ୭୨ ଜଣ ଅନୁପସ୍ଥିତ

ତେନ୍ତୁଳିଖୁଣ୍ଟି ୨୧/୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକର ଜବହାର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆଜି ଓଡିଶା ଆଦର୍ଶ ବିଦ୍ୟାଳୟ ଏବଂ ବାପୁଜି ଉଚ୍ଚ ବିଦ୍ୟାଳୟ ରେ ହେଉଅଛି । ବ୍ଲକ ରେ ମୋଟ ୫୧୦ ଛାତ୍ର ଛାତ୍ରୀ ଆବେଦନ କରିଥିବା ବେଳେ ଓଡିଶା ଆଦର୍ଶ ବିଦ୍ୟାଳୟ ରେ ୩୧୨ ପିଲାଙ୍କ ମଧ୍ୟରୁ ୨୬୧ ପିଲା ଉପସ୍ଥିତ ରହି ପରୀକ୍ଷା ଦେଇଥିବା ବେଳେ ୫୧ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି ।ସେହିଭଳି ବାପୁଜି ହାଇସ୍କୁଲ ରେ ୧୯୮ ଜଣ ମଧ୍ୟରୁ ୧୭୭ ପରୀକ୍ଷା ରେ ଯୋଗ ଦେଇଥିବା ବେଳେ ୨୧ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି ।ଏହିଭଳି ବ୍ଲକର ମୋଟ ୫୧୦ ଛାତ୍ର ଛାତ୍ରୀ ଙ୍କ ମଧ୍ୟରୁ ୭୨ ଜଣ ୨ ଗୋଟି ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ଥିବା ଜଣାପଡିଛି ।

## ରାଜନଗର ଲ୍ୟାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ ଙ୍କ ଅକାଳ ବିୟୋଗ

ପାଟଣା ୨୧/୧ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ରାଜନଗର ଲ୍ୟାମ୍ପ୍ସ ର ପରିଚାଳନା ନିର୍ଦ୍ଦେଶକ ନିକଟସ୍ଥ ଗ୍ରାମ ରାଇକଳା ର ବାସିନ୍ଦା ସନ୍ତୋଷ କୁମାର ମିଶ୍ର ଙ୍କ ର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ହୃଦଘାତ କାରଣରୁ ପରଲୋକ ଘଟିଛି । ସୂଚନା ଅନୁସାରେ ସେ ଗତ ଦୁଇ ତିନି ହେବ ଛାତି ରେ ଯନ୍ତ୍ରଣା ଅନୁଭବ କରୁଥିବା ବେଳେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି ହୋଇ ଥିଲେ ମଧ୍ୟ ସେଠାରେ ଆଜି ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କର ୪୭ ବର୍ଷ ହୋଇ ଥିବା ବେଳେ ମାତ୍ର ୧୮ ବର୍ଷ ର ଚାକିରୀ ଜୀବନ ରେ ଏପରି ଘଟଣା ଘଟିଛି । ତାଙ୍କ ପରିବାର ର ସେ ବାପା ମା ଙ୍କ ର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ତାଙ୍କ ବିୟୋଗ ରେ ତାଙ୍କ ପତ୍ନୀ ଏବଂ ପୁଅ ଝିଆ ଅସହାୟ ହୋଇପାରିଛନ୍ତି । ଏନେଇ ତୁରୁମୁଙ୍ଗା ଥାନା ରେ ଏକ ଅପମୃତ୍ୟୁ ମାମଲା ୪/୨୦୨୫ ମୂଳେ ରୁଜୁ କରାଯାଇଛି । ତୁରୁମୁଙ୍ଗା ଥାନା ଏସ ଆଇ ସୁରେଶ ଚନ୍ଦ୍ର ସାହୁ କେନ୍ଦୁଝରରେ ମୃତକ ର ଶବ ବ୍ୟବଚ୍ଛେଦ କରିବା ପରେ ମର ଶରୀର ତାଙ୍କ ପରିବାର କୁ ହସ୍ତାନ୍ତର କରିଥିଲେ । ଶୋକାକୁଳ ପରିବେଶ ରେ ବୈତରଣୀ କୂଳରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।

## ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ତେନ୍ତୁଳି ଖୁଣ୍ଟି ବ୍ଲକ କୁ ସରକାର ଙ୍କ ଦୃଷ୍ଟି ପଡ଼ିବ କେବେ ?

ତେନ୍ତୁଳିଖୁଣ୍ଟି୨୧/୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକରେ ରହିଛି ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଦର୍ଶନୀୟ ସ୍ଥାନ ସାଙ୍ଗକୁ ଇନ୍ଦ୍ରାବତୀ ଜଳଭଣ୍ଡାର ।ଏଠାରେ ବର୍ଷସାରା ଜିଲ୍ଲା ଏବଂ ଆଖ ପାଖ ଜିଲ୍ଲା ସହିତ ପଡୋଶୀ ଛତିଶଗଡ଼ ରାଜ୍ୟର ଲୋକେ ଭ୍ରମଣ ସାଙ୍ଗକୁ ଭୋଜି ଭାତ ର ଆସର ଜମାଇବା ଦେଖିବାକୁ ମିଳିଥାଏ ।ଏଭଳି ସ୍ଥିତିରେ ନିଜ ପରିବାର ସହ ଆସୁଥିବା ପର୍ଯ୍ୟଟକ ଙ୍କ ପାଇଁ ନା ଅଛି ସୁଲଭ ଶୌଚାଳୟ ନା ଅଛି ଗେଷ୍ଟ ହାଉସ ।ନବରଙ୍ଗପୁର ସଦର ମହକୁମାଠାରୁ ତେନ୍ତୁଳିଖୁଣ୍ଟି ଦୀର୍ଘ ୨୫ କିମି ରାସ୍ତାରେ ପର୍ଯ୍ୟଟକ ଙ୍କ ପାଇଁ କୌଣସି ଆନୁସଙ୍ଗିକ ବ୍ୟବସ୍ଥା ନାହିଁ ପୁଣି ତେନ୍ତୁଳିଖୁଣ୍ଟି ଠାରୁ ଇନ୍ଦ୍ରାବତୀ ୧୦ କିମି ଦୁରତାରେ ମଧ୍ୟ ଅନୁରୂପ ଅବସ୍ଥା ।ଖାତିଗୁଡା ଠାରେ ପ୍ରକଳ୍ପର ବଙ୍ଗଳା ରହିଅଛି କିନ୍ତୁ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ପରେ ଏହି ସବୁ ବଙ୍ଗଳାର ଅବ୍ୟବସ୍ଥା ଯୋଗୁଁ ଯାତ୍ରୀ ରହୁନଥିବା ଦେଖାଦେଇଛି ।ବ୍ଲକର ଝରିଗୁମ୍ଫା ଘୁମରେଶ୍ୱର ଶୈବ ପୀଠ ସାଙ୍ଗକୁ ଜଳପ୍ରପାତ, ତେନ୍ତୁଳିଖୁଣ୍ଟି ମଙ୍ଗରଦୋରା, ଇନ୍ଦ୍ରାବତୀ ଜଳଭଣ୍ଡାର ରେ ବର୍ଷସାରା ପର୍ଯ୍ୟଟକ ମାନେ ଆସୁଥିବା ବେଳେ ଏହି ଅଞ୍ଚଳ ରେ ଅନେକ ଆଦାନୀ ର ସୋଲାର ପ୍ଲାଣ୍ଟ, ମେଗା ଜଳ ପ୍ରକଳ୍ପ, ଏଲ ଏନ ଟି କମ୍ପାନି ର ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଅଞ୍ଚଳ ର ବିକାଶ ଦିଗରେ କୌଣସି ଆଖିଦୃଶିଆ ପଦେକ୍ଷପ ଗ୍ରହଣ କରିନାହାଁନ୍ତି ।ଏହି ଆଦିବାସୀ ଅଧୁଷିତ ଅଞ୍ଚଳ ର ଜଳ, ଜମି, ଜଙ୍ଗଲ ଅଧିଗ୍ରହଣ କରି ଆଦିବାସୀଙ୍କ ଜମି କୁ ଉଚିତ ପ୍ରାପ୍ୟ ନ ଦେଇ କମ୍ପାନୀ ନିଜର ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରୁଥିବା ନଜିର ରହିଛି ।ଏପରି ସ୍ଥିତିରେ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ କାହିଁକି ମୌନ ରହୁଛନ୍ତି ଅଞ୍ଚଳର ବିକାଶ ପାଇଁ ବୋଲି ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି ।କମ୍ପାନୀ ଗୁଡିକ ଗୋଚର ଜମି, ଲୋକଙ୍କ ଅର୍ଦ୍ଧନିର୍ମିତ ଆବାସ ଗୃହ ଜାଗାକୁ ଅକ୍ତିଆର କରି ପାଇପ ଗଚ୍ଛିତ କରି ରଖିଥିବା ମଧ୍ୟ ଦେଖାଯାଇଛି ।ଏଭଳି ସ୍ଥିତିରେ ସରକାର, ଜିଲ୍ଲା ପ୍ରଶାସନ ତେନ୍ତୁଳିଖୁଣ୍ଟି ଅଞ୍ଚଳ ରେ ଆସୁଥିବା ପର୍ଯ୍ୟଟକ,ସରକାରୀ ଅଧିକାରୀ ଏବଂ ସାଧାରଣ ଲୋକଙ୍କ ପାଇଁ ଏହି ଅଞ୍ଚଳ ର ତେନ୍ତୁଳିଖୁଣ୍ଟି ଅଞ୍ଚଳ ରେ ପଥପ୍ରାନ୍ତ ସେବା କେନ୍ଦ୍ର କିମ୍ବା ବଙ୍ଗଳା ନିର୍ମାଣ କରିବାକୁ ସାଧାରଣରେ ଦାବୀ ହୋଇଛି ।ଏଠାରେ ପ୍ରକାଶ ଥାଉ କି ଏହି ବ୍ଲକ ସର୍ବଭାରତୀୟ ସ୍ତରରେ ଆକାଂକ୍ଷା ବ୍ଲକ ଭାବରେ ୨ୟ ସ୍ଥାନ ଅଧିକାର କରିଥିବା ବେଳେ ପର୍ଯ୍ୟଟକ, ସରକାରୀ ଅଧିକାରୀ,ରାଜନେତା ଙ୍କ ରହିବାର ବ୍ୟବସ୍ଥା ନଥିବା ଦୁର୍ଭାଗ୍ୟଜନକ ବୋଲି ମତ ପ୍ରକାଶ ପାଇଛି ।



## ନୂଆପଡା ରେ ଭତ୍ତା ପ୍ରଦାନ ସଙ୍ଘର୍ଷ ସମିତି ପକ୍ଷରୁ ହୀତାଧିକାରୀଙ୍କ ସମାବେଶ



ପାଟଣା ୨୧/୧ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଟାଙ୍ଗରପଡା ପଞ୍ଚାୟତ ନୂଆପଡା ଗ୍ରାମରେ ଓଡ଼ିଶା ଭତ୍ତା ପ୍ରଦାନ ସଙ୍ଘର୍ଷ ସମିତି କେନ୍ଦୁଝର କମିଟି ଦ୍ୱାରା ନବ ନିର୍ମାଣ କୃଷକ ସଙ୍ଗଠନ ଜିଲ୍ଲା କାର୍ଯ୍ୟକାରିଣୀ ଖଗେଶ୍ୱର ମହନ୍ତଙ୍କ ସଭାପତିତ୍ୱ ରେ ଏକ ସମାବେଶ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଛି । ଏହି ସଭାରେ ସଙ୍ଘର୍ଷ ସମିତିର ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତି ଯୋଗଦାନ କରି ଗତ ୧୫ତାରିଖରେ କେନ୍ଦୁଝର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭତ୍ତା ହିତାଧିକାରି ମାନଙ୍କୁ ଭତ୍ତା ପ୍ରଦାନର ଶୁଭାରମ୍ଭ କରିଥଲେ । ଠିକ୍ ସେହି ଦିନ ସଙ୍ଘର୍ଷ ସମିତି ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ସମସ୍ତଙ୍କୁ ୩ହଜାର ଟଙ୍କା ଭତ୍ତା ପ୍ରଦାନ ନ କରିଥିବାରୁ ସଙ୍ଘର୍ଷ ଦିବସ ଭାବେ ପ୍ରତିବାଦ କରିଥଲେ ବୋଲି ଶ୍ରୀ ମହାନ୍ତ ପ୍ରକାଶ କରିଥିଲେ ।ରାଜ୍ୟରେ ମଧୁ ବାବୁ ପେନସନ ଯୋଜନା ଭଳି ଜାତୀୟ ସାମାଜିକ ସୁରକ୍ଷା ଆଇନ ଅନୁଯାୟୀ ୫୪ଲକ୍ଷ ହିତାଧିକାରୀ ଭତ୍ତା ପାଇଁ ଅପେକ୍ଷା କରିଥିବା ବେଳେ ତର ତରିଆ ଭାବେ ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ୪ଲକ୍ଷ ୧୭ହଜାର ୪୯୬ ହିତାଧିକାରୀ ମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରି ସଂଖ୍ୟାଧିକ ହିତାଧିକାରୀ ମାନଙ୍କୁ ଅଣଦେଖା କରିଥିବାରୁ ଏହାକୁ ଦୃଢ଼ ସମାଲୋଚନା କରିଥଲେ । ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଭତ୍ତା ପ୍ରଦାନ ସଙ୍ଘର୍ଷ ସମିତି ର ବରିଷ୍ଠ ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡ଼ା ଓ କେନ୍ଦୁଝର ଜିଲ୍ଲା କମିଟିର ଗୌରୀ ଶଙ୍କର ମହାନ୍ତ ,ସନାତନ ମହାନ୍ତ,ନବ ନିର୍ମାଣ କୃଷକ ସଙ୍ଗଠନ ବ୍ଲକ ସଭାପତି ରାଜଭଲ୍ଲବ ମିଶ୍ର ଓ ଜନାଧନ୍ ମହାନ୍ତ ପ୍ରମୁଖ ଏହି ସମାବେଶରେ ଉଦବୋଧନ ଦେଇ କହିଲେ କି ରାଜ୍ୟ ସରକାର୍ ନିଜ ସଂକଳ୍ପ ପତ୍ରର ଘୋଷଣା ଅନୁଯାୟୀ ସମସ୍ତଙ୍କୁ ୩ହଜାର ଟଙ୍କା ପ୍ରଦାନ ପ୍ରତିଶ୍ରୁତି ପ୍ରତାରଣାର ପରିଣତ କଲେ ଆଗାମୀ ଦିନରେ ସମସ୍ତ ହିତାଧିକାରୀ ନିଜ ଜିଲ୍ଲାରୁ ଆନ୍ଦୋଳନ କରିବା ସହିତ ଗ୍ରୀଷ୍ମ କାଳୀନ ଅଧିବେଶନ ବେଳକୁ ଲୋୟର ପିଏମ୍ ଜି ମହାସମାବେଶ ରେ ସାମିଲ ହୋଇ ରାଜ୍ୟ ସରକାର୍ ପାଇଁ ସତର୍କ ଘଣ୍ଟି ହେବେ ବୋଲି ବକ୍ତା ମାନେ ବିଜେପି ସରକାର ଙ୍କୁ ଚେତାବନୀ ଦେଇଥିଲେ ।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦଶରଥପୁର ୨୧/୧ (ନି.ପ୍ର): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅଧିନସ୍ଥ ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟ ,ପାଲଟପୁରର କ୍ରୀଡ଼ା ଶିକ୍ଷକ ରାଜ କିଶୋର ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇବା ଉଦ୍ଦେଶ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମୁଦୁଲିଙ୍କ ସଭାପତିତ୍ୱରେ ଆଜି ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅତିଥିମାନେ ଜଗନ୍ନାଥଙ୍କ ଫୋଟଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିବା ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମୁଦୁଲିଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଡ଼ ବାସୁଦେବ ମିଶ୍ର ,ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ଶୈଳେନ୍ଦ୍ର ନାୟକ,ଯୁଗଳ କିଶୋର ସାହୁ, ଶିଶୁ ସାହିତ୍ୟିକ ଧୀରେନ୍ଦ୍ର ମଲ୍ଲିକ,ସରପଞ୍ଚ ଲିପିକା ମଲ୍ଲିକ,ସମିତି ସଭ୍ୟ ଧୀରେନ୍ଦ୍ର ମଲ୍ଲିକ,ସାମ୍ବାଦିକ ଚନ୍ଦ୍ର ଶେଖର ସାହୁ, ହରିଶ ଚନ୍ଦ୍ର ପଣ୍ଡା, ସୁରେନ୍ଦ୍ର କୁମାର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଜେଶ ବିଶ୍ୱାଳ, ପରିଚାଳନା ସଭ୍ୟ କୈଳାଶ ମଲ୍ଲିକ,ନିରଞ୍ଜନ ମଲ୍ଲିକ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀଯୁକ୍ତ ରାଉତଙ୍କୁ ମାନପତ୍ର ,ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ବିଦ୍ୟାଳୟ ପ୍ରତି ଥିବା ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ଜ୍ଞାନରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିବା ସହ ବିଦାୟୀ ଶିକ୍ଷକ ରାଜକିଶୋର ରାଉତଙ୍କ ସହିତ ଥିବା ସ୍ମୃତି ,ଅନୁଭୁତି ବଖାଣିଥିଲେ । ଅତିଥି ମାନଙ୍କ ସ୍ୱାଗତ ଉଦ୍ଦେଶ୍ୟରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିବା ବେଳେ ବିଦାୟୀ ଶିକ୍ଷକ ଶ୍ରୀଯୁକ୍ତ ରାଉତ ଜଣେ ସ୍ନେହୀ,ମେଳାପୀ ,ମିଷ୍ଟଭାଷୀ,ଦରଦୀ ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି ଉପସ୍ଥିତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ କୋହଭରା କଣ୍ଠରେ ନିଜର ଅଭିଭାଷଣରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଦୁର୍ଯୋଧନ ସାମଲ, ହରିଶ ମହାରଣା,ଶରତ ସାହୁ,ଅଶୋକ ନାୟକ,ଶିକ୍ଷୟିତ୍ରୀ ରଶ୍ମିତା ରାଉତ ଶିକ୍ଷା କର୍ମଚାରୀ ପ୍ରଫୁଲ୍ଲ ନାୟକ, ବ୍ରଜ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## ଗୋଡଭଗା ମାରୱାଡି ଧର୍ମଶାଳାରେ ମାଗଣା ଚିକିତ୍ସା ଶିବିର



ଅତାବିରା ୨୧/୧ (ନି.ପ୍ର): ଅତାବିରା ବ୍ଲକ ଅଧିନ ଗୋଡଭଗା ମାରୱାଡି ଧର୍ମଶାଳା ଠାରେ ଲାୟନ୍ସ କ୍ଲବ ଗୋଡଭଗା ରଏଲ ତରଫରୁ ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଷ୍ଟାର ହସପିଟାଲ ହାଇଦ୍ରାବାଦର ଡାକ୍ତରୀ ଟିମ ଆସି ଚିକିତ୍ସା କରିଥିଲେ ।ଶିଶୁ ହୃଦରୋଗ,ରକ୍ତଶିକୁଳି ରୋଗ,ଥାଲାସେମିଆ ଓ ସମସ୍ତ ପ୍ରକାର କର୍କଟ ରୋଗ ର ଚିକିତ୍ସା କରାଯାଇଥିଲା ।ଅଂଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏଥିରେ ସହଯୋଗ କରିଥିଲେ ଲାୟନ୍ସ କ୍ଲବ ଗୋଡଭଗା ରଏଲର ସଭାପତି ଡାକ୍ତର ଚିତ୍ତରଂଜନ ଜେନା,ପ୍ରଦୀପ କଣ୍ଡ ,ବିରେନ୍ଦ୍ର ଅଦାବର,ଦେବବ୍ରତ ରଥ,ସତୀଶ ଦାସ,ମନୋଜ ଶର୍ମା,ଆଶିଷ ଶର୍ମା,ପ୍ରେମରାଜ ପ୍ରଧାନ,ଶିବାନନ୍ଦ ବହିଦାର,ଦିବାକର ପ୍ରଧାନ,ବେଦବ୍ୟାସ ସେଠ,ଚିତ୍ତରଂଜନ ସାହୁ,ବାଳକୃଷ୍ଣ ସାହୁ,ଅଜୟ ବାଂକା,ସାଇ ଆନନ୍ଦ ବିଶ୍ୱାଲ,ସୁଧିର କୁମାର ଦାସ,ପ୍ରଶାନ୍ତ ସାହୁ,ବ୍ରିଜେଶ ମିତ୍ତଲ ପ୍ରମୁଖ ।

## ବାରଖମା ପଞ୍ଚାୟତକୁ ନୂତନ ବ୍ଲକ ଗଠନ ଦାବି

### ପାରମ୍ପରିକ ଅସ୍ତ୍ର ଶସ୍ତ୍ର ଧରି ଗର୍ଜନ କଲେ ୮ ପଞ୍ଚାୟତ ବାସିନ୍ଦା

ବାଲିଗୁଡା ୨୧/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ବାରଖମା କୁ ନୂତନ ବ୍ଲକ ଘୋଷଣା ଦାବିରେ ଶନିବାର ୧୫ ନମ୍ବର ଜିଲ୍ଲା ପରିଷଦ ଜୋନ ର ୮ ପଞ୍ଚାୟତର ଶତାଧିକ ଲୋକ ନିଜ ନିଜ ପାରମ୍ପରିକ ଭେଷଭୂଷା ସହ ଅସ୍ତ୍ର ଶସ୍ତ୍ର ଧରି ବାଲିଗୁଡା ରେ ଗର୍ଜନ କରିଛନ୍ତି । ନୂତନ ବ୍ଲକ ନାହିଁ ତ ଲୋକ ପ୍ରତିନିଧି ଓ ପ୍ରଶାସନକୁ ପ୍ରବେଶ ନାହିଁ ରଣ ହୁଙ୍କାର ର ସହ ଗର୍ଜନ ସମାବେଶ କରିଛନ୍ତି । ଜାନୁୟାରୀ ୧୦ ତାରିଖରେ ସୁଡ୍ରା ଠାରେ ୮ ପଞ୍ଚୟତ ଯଥା:- ବାରଖମା ,ସୁଡ୍ରା ,ରେବିଙ୍ଗିଆ ,ସଲାଗୁଡା,ସିନ୍ଦ୍ରିଗାଁ ,କୁଟିକିଆ, ଖମନଖୋଲ ଓ ଲଣ୍ଡାଗାଁ ପଞ୍ଚାୟତର ଶତାଧିକ ଲୋକ ଓ ଲୋକ ପ୍ରତିନିଧି ଏକତ୍ରିତ ହୋଇ ଗାନ୍ଧୀ ଛକ ଠାରୁ ପାରମ୍ପରିକ ଭେଷ ଭୂଷା , ବାଦ୍ୟଯନ୍ତ୍ର ଓ ଅସ୍ତ୍ର ଶସ୍ତ୍ର ଧରି ଏକ ବିରାଟ ପଟୁ ଆରରେ ଶୋଭାଯାତ୍ରା କରି ଉପଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ । ଏହି ଗର୍ଜନ ସମାବେଶ ରେ ବ୍ଲକ ସଂଗ୍ରାମ ମଞ୍ଚ ବାରଖମା ସଭାପତି ଜୟ ଚନ୍ଦ୍ର ନାୟକ, ସମ୍ପାଦକ ବିରେନ୍ଦ୍ର କୁମାର ସାହୁ ଙ୍କ ସମେତ ଉପ ସଭାପତି ବିଜେଶ୍ୱର ମଲ୍ଲିକ ,ଜୟରାମ ଦଣ୍ଡିଆ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଦେବେନ୍ଦ୍ର କହଁର ,ରେବିଙ୍ଗିଆ ସରପଞ୍ଚ ରଞ୍ଜୁଲତା ମଲ୍ଲିକ ,ସମିତିସଭ୍ୟ ସୁଗ୍ରୀବ ମଲ୍ଲିକ ,ବାରଖମ ସରପଞ୍ଚ କୁମୁଦିନି ମଲ୍ଲିକ , ରକୁଟିକିଆ ସମିତି ସଭ୍ୟ ଦୟା ନିଧି ମଳିକ ,ଖମନଖୋଲ ସରପଞ୍ଚ ଚାନ୍ଧୁଲାଲ ମଳିକ ,,ସମିତି ସଭ୍ୟ ହେମ ସାଗର ମାଝି ,ଦେବେନ୍ଦ୍ର କୁଦେଇ ,ହିନ୍ଦୁ ପ୍ରଧାନ ,ଲକ୍ଷ୍ମୀ ନାରାୟଣ ଦଣ୍ଡିଆ ,ହେରଦ କୁମାର ନାୟକ ,ଉମା ଚରଣ ଦିଗାଳ,ସିଦ୍ଧେ ସ୍ୱର ଦିଗାଳ ,ଦୟାନିଧି ଦିଗାଳ ,ଉମେଶ ଚନ୍ଦ୍ର ନାୟକ,ଅମିୟ ପ୍ରଧାନ,ମିଇର କୁମାର ଦିଗାଳ ,କର୍ତ୍ତା ଦିଗାଳ ପ୍ରମୁଖ ସାମିଲ ହୋଇ ଥିଲେ । ଦୀର୍ଘ ୪୦ ବର୍ଷ ପରେ ନୂତନ ଆଶା ସଞ୍ଚାର ହୋଇଛି ରାଜ୍ୟର ବିଭିନ୍ନ ସ୍ଥାନରେ ନୂତନ ବ୍ଲକ ଗଠନ ପାଇଁ ରାଜ୍ୟ ସରକାର ବିଚାର ବିମର୍ଶ ଆରମ୍ଭ କରିଛନ୍ତି । । ବାରଖମା ୧୫ ନମ୍ବର ଜିଲ୍ଲାପରିଷଦ ଜୋନ ଅଧୀନରେ ରହିଥିବା ୮ ପଞ୍ଚାୟତର ଜନସାଧାରଣ ଙ୍କ ମନରେ ଉତ୍ସାହ ଦେଖାଦେଇଛି । ବାରଖମା କୁ ନୂତନ ବ୍ଲକ ଗଠିନ ପାଇଁ ଦୀର୍ଘ ୩ ବର୍ଷ ହେବ ବ୍ଲକ ସଂଗ୍ରାମ ମଞ୍ଚ ଦାବି କରି ଆସୁଥିଲେ । ପୂର୍ବରୁ ୨୦୨୪ ମସିହା ଫେବୃୟାରି ରେ ପୂର୍ବତନ ସରକାରଙ୍କୁ ୮ ପଞ୍ଚାୟତର ଶହ ଶହ ଲୋକ ଆସି ଏକ ବିରାଟ ଶୋଭାଯାତ୍ରା କରି ଉପଜିଲ୍ଲାପାଳ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ । କିନ୍ତୁ କିଛି ସୁଫଳ ପାଇନଥିଲେ ।



## ବାଳିକା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଉଦଯାପିତ

ବାଣପୁର ୨୧/୧ (ନି.ପ୍ର): ଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀ ମାନଙ୍କ ଆତ୍ମରକ୍ଷା ପାଇଁ ଆତ୍ମରକ୍ଷା କୌଶଳ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବେଳେ ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଦୀର୍ଘ ୮ ଦିନ ବ୍ୟାପି ଚାଲି ଥିବା ବାଳିକା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିରର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବାଣପୁର ଏନଏସିର ନଗରପାଳ ମିଟୁ ନାୟକ ଯୋଗଦେଇ ଛାତ୍ରୀ ମାନେ ଜୀବନର ସବୁ ପରିସ୍ଥିତିକୁ ନିର୍ଭୀକ ଭାବେ ସାମନା କରି ନିଜର ଆତ୍ମରକ୍ଷା କରିବା ପାଇଁ ଏହି ଆତ୍ମରକ୍ଷା ତାଲିମ କିପରି ସହାୟକ ହେବ ସେ ସମ୍ପର୍କରେ ବକ୍ତବ୍ୟ ରଖି ଥିଲେ । ଏଥିରେ ଅଧ୍ୟାପକ ପ୍ରଶାନ୍ତ ଦାଶ, ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟ, କଲ୍ୟାଣୀ ବୈରିଗଂଜନ, ସୁଚିତ୍ରା ଦାଶ, ରୋଜାଲିନ୍ ଦାଶ, ସାଗରିକା ଦାସ, କସ୍ତୁରୀ ପଟ୍ଟନାୟକ, ରବିନ୍ଦ୍ର ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ । ଦୀର୍ଘ ଆଠ ଦିନ ଧରି ଚାଲିଥିବା ଏହି ତାଲିମ୍ ଶିବିରରେ ଯୁକ୍ତ ଦୁଇ ଶ୍ରେଣୀର ମୋଟ ୧୫୦ ଜଣ ଛାତ୍ରୀ ସାମିଲ ହୋଇ ବିଭିନ୍ନ ଆତ୍ମରକ୍ଷା କୌଶଳ ମାନ ତଲିମ ନେଇ ଥିବା ବେଳେ ଉକ୍ତ ଶିବିରକୁ କ୍ରୀଡା ଶିକ୍ଷକ ବିଭୁଧେନ୍ଦୁ ମାନସିଂହ ପରିଚାଳନା କରି ଥିବା ସହ ପ୍ରଶିକ୍ଷକ ସୁଶ୍ରୀ କଳ୍ପଶ୍ରୀ ପ୍ରଧାନ ଆତ୍ମରକ୍ଷାର ବିଭିନ୍ନ କୌଶଳର ତାଲିମ୍ ପ୍ରଦାନ କରିଥିଲେ । ତାଲିମ ପରିସମାପ୍ତି ପରେ ସମସ୍ତ ପ୍ରଶିକ୍ଷାର୍ଥୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇ ଥିଲା । ଏଥିରେ ବିଦ୍ୟାଳୟର ଶିବ ଶଙ୍କର ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ସଂପାଦକୀୟ...

## ଧାନ ସଂଗ୍ରହରେ ଅନିୟମିତତା

ଓଡ଼ିଶାର ଚାଷୀଙ୍କଠାରୁ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଭଳି ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ଓ ସଂଗଠନ ଯେଉଁ ଧାନ ସଂଗ୍ରହ କରୁଛନ୍ତି, ତାହା ସର୍ବନିମ୍ନ ମୂଲ୍ୟ(ଏମ୍‌ଏସ୍‌ପି) ଆଧାରିତ ଏବଂ ସରକାରୀ ବ୍ୟବସ୍ଥା ମଧ୍ୟରେ ଚାଲିଛି। ଏଥିପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଏମ୍‌ଏସ୍‌ପି ବାବଦ ଅର୍ଥ ଯୋଗାଇ ଦେବାର ବ୍ୟବସ୍ଥା ଅଛି। ସଂଘୀୟ ବ୍ୟବସ୍ଥାରେ ଏହା ଏକ ବୁଝାମଣାଭିତ୍ତିକ ଓ ବିଶ୍ୱସନୀୟ ପ୍ରକ୍ରିୟା। ତେବେ ଦେଖାଯାଉଛି ଯେ ଓଡ଼ିଶାର ଚାଷୀଙ୍କଠାରୁ ଧାନ କିଣିବାବେଳେ ରାଜ୍ୟ ସରକାର ସେମାନଙ୍କୁ ଯେଉଁ ଅର୍ଥ ପ୍ରଦାନ କରୁଛନ୍ତି, ତାହା ପ୍ରତିଶ୍ରୁତି, ବୁଝାମଣା ଓ ବ୍ୟବସ୍ଥା ଅନୁସାରେ ନିୟମିତ କେନ୍ଦ୍ର ଦ୍ୱାରା ଭରଣା କରାଯାଉନାହିଁ। ଅପରପକ୍ଷରେ ଚାଷୀଙ୍କୁ ଦେୟ ପୈଠ କରିବାକୁ ରାଜ୍ୟ ସରକାରଙ୍କୁ ବ୍ୟାଙ୍କରୁ ବିପୁଳ ଋଣ ଆଣିବାକୁ ପଡୁଛି। ଏହାଫଳରେ ଧାନ ସଂଗ୍ରହ କ୍ଷେତ୍ରରେ ଏକ ଗୁରୁତର ଅବସ୍ଥା ସୃଷ୍ଟି ହୋଇଛି। ପ୍ରଥମତଃ, ଚାଷୀଙ୍କଠାରୁ ଧାନ ନ କିଣିଲେ ରାଜ୍ୟ ସରକାର ଅସୁବିଧାରେ ପଡ଼ିବା ସହିତ ସେମାନଙ୍କ ରୋଷର ଶିକାର ହେବେ। ଦ୍ୱିତୀୟତଃ, ବିପୁଳ ଋଣ ଓ ସୁଧ କରିବା ଫଳରେ ରାଜ୍ୟ ସରକାରଙ୍କ ଆର୍ଥିକ ସ୍ଥିତି ବିଗିଡ଼ିବ। ତେଣୁ ଏହା ଏକ ବିଚିତ୍ର ସ୍ଥିତି ସୃଷ୍ଟି କରିଛି। ରାଜ୍ୟ ସମବାୟ ମନ୍ତ୍ରୀଙ୍କ କହିବା ଅନୁସାରେ ଚାଷୀଙ୍କଠାରୁ ଧାନ ଓ ଚାଉଳ କିଣିବା ପାଇଁ ଓଡ଼ିଶା ଓ ଭାରତ ସରକାରଙ୍କ ମଧ୍ୟରେ ଯେଉଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି, ତାହାର ସର୍ତ୍ତ ଅନୁସାରେ ପ୍ରତି ତିନିମାସରେ ଥରେ କେନ୍ଦ୍ର ଖାଦ୍ୟ, ସାଧାରଣ ବଂଟନ ଓ ଖାଉଟି କଲ୍ୟାଣ ମନ୍ତ୍ରଣାଳୟ ରିହାତି ବାବଦ ଅର୍ଥ ଯୋଗାଇ ଦେବା କଥା। ଏହି ଚୁକ୍ତି ସତ୍ତ୍ୱେ କେନ୍ଦ୍ର ସରକାର ବେଶ୍ କିଛି ବର୍ଷ ଧରି ଏହି ସର୍ତ୍ତର ଉଲ୍ଲଂଘନ କରିଆସୁଛନ୍ତି। ଫଳରେ ନିୟମିତ ବକେୟା ଅର୍ଥ ନ ପାଇ ଓଡ଼ିଶା ସରକାର ଆର୍ଥିକ ଚାପ ଓ ଋଣ ବୋଝର ସମ୍ମୁଖୀନ ହେଉଛନ୍ତି। ଏହା ନିଶ୍ଚିତ ଭାବେ ଏକ ଚିନ୍ତାଜନକ ବ୍ୟାପାର। କେନ୍ଦ୍ରରୁ ଚୁକ୍ତି ଅନୁସାରେ ନିୟମିତ ଅର୍ଥ ନ ମିଳିଲେ ଚାଷୀଙ୍କଠାରୁ ଓଡ଼ିଶା ଯୋଗାଣ ନିଗମ ଧାନ କିଣିବା ସମ୍ଭବ ହେବନାହିଁ। ତା'ଛଡ଼ା ଋଣ ପରିମାଣ ବଢ଼ିଲେ ଧାନ ଓ ଚାଉଳ ସଂଗ୍ରହ ଏକପ୍ରକାର ଅସମ୍ଭବ ହୋଇପଡ଼ିବ। ଏଯାଏଁ ରାଜ୍ୟ ଯୋଗାଣ ନିଗମ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ୨୫, ୧୭୦ କୋଟି ଟଙ୍କା ଋଣ କରି ସାରିଥିବାରୁ ଅଧିକ କରଜ ଆଣିବା ଆଉ ସହଜ ନୁହେଁ। ଯେତିକି ଋଣ ହୋଇଛି, ତା'ଉପରେ ସୁଧ ପରିମାଣ ୬୩୦୦ କୋଟି ଟଙ୍କାରେ ପହଞ୍ଚିଲାଣି। ତେଣୁ ଗତ ଫେବ୍ରୁଆରୀ ମାସ ୭ ତାରିଖରେ କେନ୍ଦ୍ର ଯୋଗାଣମନ୍ତ୍ରୀ ପୀୟୂଷ ଗୋୟଲଙ୍କ ନିକଟକୁ ରାଜ୍ୟ ସରକାର ଏକ ଚିଠି ଲେଖି ତୁରନ୍ତ ବକୟା ଅର୍ଥ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ପ୍ରାୟ ଦୁଇମାସ ହେଲାଣି ଏହି ଚିଠିର କୌଣସି ଉତର ରାଜ୍ୟ ସରକାରଙ୍କୁ ମିଳିନାହିଁ। ମନ୍ତ୍ରୀ ପୀୟୂଷ ଗୋୟଲ କେନ୍ଦ୍ରର ଜଣେ ଦକ୍ଷ ଓ ବିବେକବାନ ମନ୍ତ୍ରୀ। ସେଥିପାଇଁ ତାଙ୍କ ପାଖରେ ଚାରିପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି। ଓଡ଼ିଶାର ବିଜେଡି ସାଂସଦଗଣ ବାରମ୍ବାର ତାଙ୍କୁ ଭେଟି ଏକଥା ଅବଗତ କରାଇଲେଣି। ମୁଖ୍ୟମନ୍ତ୍ରୀ ନିଜେ ମଧ୍ୟ ଚିଠି ଲେଖି ପରିସ୍ଥିତିର ଗୁରୁତ୍ୱ ତାଙ୍କୁ ଜଣାଇଛନ୍ତି। ଏହାସତ୍ତ୍ୱେ ସେ ନିରବ ରହିବାର କାରଣ କ'ଣ? ସେ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରିପାରୁନାହାନ୍ତି ନା ବିଜେପିର ଚାପ ଯୋଗୁଁ ନିରବ ରହି ଓଡ଼ିଶା ସରକାରଙ୍କୁ ଜାଣିଶୁଣି ଆର୍ଥିକ ସଂକଟ ମଧ୍ୟକୁ ଠେଲି ଦେବାକୁ ଚେଷ୍ଟା କରୁଛନ୍ତି? ପ୍ରଧାନମନ୍ତ୍ରୀ କୁଆଡ଼େ ସଂଘୀୟ ସହଯୋଗିତା ଓ ରାଜ୍ୟର ସ୍ୱାର୍ଥକୁ ଅଗ୍ରାଧିକାର ଦେଉଛନ୍ତି! ଏହାସତ୍ତ୍ୱେ ତାଙ୍କ ନଜରକୁ ଏକଥା କେମିତି ଆସୁନାହିଁ କେନ୍ଦ୍ରରେ ଥିବା ଆମର ପ୍ରଭାବଶାଳୀ ବିଜେପି ମନ୍ତ୍ରୀମାନେ ଏକଥା ପ୍ରଧାନମନ୍ତ୍ରୀ ଓ ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀଙ୍କ ନଜରକୁ ନ ଆଣିବା ଘଟଣାରୁ ସନ୍ଦେହ ହେଉଛି ଯେ ଏହା ପଛରେ ଏକ ନ୍ୟସ୍ତ ରାଜନୈତିକ ସ୍ୱାର୍ଥ ସ୍ପଷ୍ଟ ଜଣାପଡୁଛି। ଏହି ଦେୟ ପ୍ରଦାନ ପ୍ରସଙ୍ଗ ବେଶ୍ ପୁରୁଣା ଓ ଲମ୍ବା। କୁହାଯାଉଛି ଯେ ୨୦୦୩-୦୪ରୁ ଧାନ ସଂଗ୍ରହ ବାବଦରେ କେନ୍ଦ୍ର ଓଡ଼ିଶାକୁ କ୍ରମାଗତ ଅର୍ଥ ବାକି ରଖିଛି ଏବଂ ଏହାର ମୋଟ ପରିମାଣ ୧୧,୮୩୫ କୋଟି ଟଙ୍କା। କିନ୍ତୁ କେନ୍ଦ୍ର ସରକାର ଏହି ପୁରୁଣା ଦାବିକୁ ଗ୍ରହଣ କରୁନାହାନ୍ତି କିମ୍ବା ଏହା ଉପରେ ସ୍ପଷ୍ଟୀକରଣ ରଖୁନାହାନ୍ତି। ରାଜ୍ୟର ବାରମ୍ବାର ଦାବି ଏବଂ କେନ୍ଦ୍ରର ନିରବତା ଏ କ୍ଷେତ୍ରରେ ସଂଘୀୟ ବ୍ୟବସ୍ଥା ଓ ସହଯୋଗରେ ଫାଟ ସୃଷ୍ଟି କରିବା ସ୍ୱାଭାବିକ। ପାରସ୍ପରିକ ବିଶ୍ୱାସ ମଧ୍ୟ ଏହାଦ୍ୱାରା ତୁଟି ଯିବ ଏବଂ କେନ୍ଦ୍ର ଉପରେ ରାଜ୍ୟମାନଙ୍କର ଭରସା ରହିବ ନାହିଁ। ପ୍ରକୃତରେ ସମସ୍ୟା କ'ଣ ଏବଂ ପ୍ରକୃତ ବାକି ଦେୟର ପରିମାଣ କେତେ, ତାହା ଦୁଇପକ୍ଷ ବସି ଆଲୋଚନା ମାଧ୍ୟମରେ ସମାଧାନ କରିବାର ଜରୁରୀ ଆବଶ୍ୟକତା ରହିଛି।

## ଦେଶପ୍ରେମୀ ସୁଭାଷ ଚନ୍ଦ୍ର ବୋଷ

।। ରମେଶ ଚନ୍ଦ୍ର ନାୟକ ।।

ଦେଶ ଓ ଜାତି ପାଇଁ ଯେଉଁ କେତେଜଣ ଜାତୀୟ ବୀର ପ୍ରାଣୋତ୍ସର୍ଗ କରିଥିଲେ ସେମାନଙ୍କ ମଧ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ଅନ୍ୟତମ।ସେପରି ଜଣେ ସୁଯୋଗ୍ୟ ସନ୍ତାନଙ୍କୁ ଲାଭ କରି ଏହି ପବିତ୍ର ଭାରତ ଭୂମି ଧନ୍ୟ ହୋଇଛି। ଏହି ମହାନ ଦେଶପୁଙ୍ଗବଙ୍କର ଜନ୍ମ ହୋଇଥିଲା ୧୮୯୭ ମସିହା ଜାନୁଆରୀ ୨୩ ତାରିଖ କଟକ ସହରର ଓଡ଼ିଆ ବଜାରଠାରେ ଏକ ସମ୍ଭ୍ରାନ୍ତଶୀଳ ପରିବାରରେ।ପିତା ଜାନକୀନାଥ ବୋଷ କଟକର ଜଣେ ବିଶିଷ୍ଟ ଓକିଲ ଥିଲେ। ମାତା ପ୍ରଭାବତୀ ଦେବୀ ଥିଲେ ଜଣେ ଧର୍ମ ପରାୟଣା ତଥା ନୀତି ନିଷ୍ଠା ଗୃହିଣୀ। ତାଙ୍କର ଅନ୍ୟତମ ଭ୍ରାତା ଶରତ ଚନ୍ଦ୍ର ବୋଷ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମର ମହାରଥୀ। ଅଧ୍ୟୟନ ସାରି ଇଂଲଣ୍ଡରୁ ପ୍ରତ୍ୟାବର୍ତ୍ତନ କରି ସେ ଗାନ୍ଧିଜୀଙ୍କ ନେତୃତ୍ୱରେ ପରିଚାଳିତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ। ଚାକିରିର ମୋହ ତାଙ୍କୁ ଆବଦ୍ଧ କରିପାରି ନଥିଲା। ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ଉତ୍ସାହ ଓ ପ୍ରେରଣାରେ ଉଦବୁଦ୍ଧ ହୋଇ ସେ ଅସହଯୋଗ ଆନ୍ଦୋଳନରେ ଲମ୍ଫ ପ୍ରଦାନ କରିଥିଲେ। ପ୍ରଗଳଭା ସ୍ରୋତସ୍ୱିନୀର ଧାରାତୁଲ୍ୟ ଦେଶପ୍ରେମୀ ର ଗତିପଥକୁ କିଏ ବା ପ୍ରତିରୋଧ କରି ପାରିବ? ସୁଭାଷ ଗ୍ରାମ ଗ୍ରାମ ବୁଲି ଛାତ୍ର, ଶିକ୍ଷକ, କୃଷକ , ଓକିଲ ଓ ସରକାରୀ କର୍ମଚାରୀମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ପାଇଁ ଆହ୍ୱାନ ଦେଉଥିଲେ। ସେ ବଙ୍ଗଳା ପ୍ରାଦେଶିକ ଜାତୀୟ କଂଗ୍ରେସର ଦୈନିକ ସମାଚାର 'ଫରୱାର୍ଡ'ର ସମ୍ପାଦନା ଦାୟିତ୍ୱ ମଧ୍ୟ ନିର୍ଭୀକ ଭାବେ ତୁଲାଇଥିଲେ। ୧୯୨୩ ମସିହାରେ ଦେଶବନ୍ଧୁଙ୍କ ନେତୃତ୍ୱରେ 'ସ୍ୱରାଜ ପାର୍ଟି' ଗଠିତ ହୋଇଥିଲା। ଏହି ପାର୍ଟିରେ ସୁଭାଷ ବୋଷ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ଅସହଯୋଗ ଆନ୍ଦୋଳନରେ ଯୋଗଦାନ କରି ସେ ଅନେକ ଥର କାରାବରଣ କରିଥିଲେ।ଦୁର୍ଦ୍ଧର୍ଷ

ଇଂରେଜ ମାନଙ୍କୁ ଏ ପବିତ୍ର ଭାରତ ଭୂମିରୁ ବିତାଡିତ କରିବାକୁ ହେଲେ ରକ୍ତାକ୍ତ ସଂଗ୍ରାମର ଆବଶ୍ୟକ ଯାହାକୁ ସେ ମର୍ମେ ମର୍ମେ ଅନୁଭବ କରିଥିଲେ। ସେଥିପାଇଁ ସେ ସର୍ବଦା ସଭାସମିତିରେ ଚିତ୍କାର କରି କହୁଥିଲେ -- ' ମୋତେ ରକ୍ତ ଦିଅ , ମୁଁ ତୁମକୁ ସ୍ୱାଧିନତା ଦେବି '। ଗାନ୍ଧିଜୀଙ୍କୁ ତଥା ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହ ଆଲୋଚନା କରି ଦେଶର ଯୁବକମାନଙ୍କୁ ଏକତ୍ର କରି ସେ ଏକ ସେନାବାହିନୀ ଗଠନ କରିବା ସହ ଏହାର ନେତୃତ୍ୱ ମଧ୍ୟ ନେଇଥିଲେ। ତାଙ୍କର ତ୍ୟାଗ , ନିଷ୍ଠା ଓ କାର୍ଯ୍ୟଦକ୍ଷତା ତାଙ୍କୁ ଜାତୀୟ ରଙ୍ଗମଞ୍ଚରେ ଜଣେ ଦେଶପ୍ରେମୀ ସଂଗ୍ରାମୀ ଭାବେ ଅଧିଷ୍ଠିତ କରାଇଥିଲା।

ଦେଶର ବିଭିନ୍ନ ସ୍ଥାନରେ ସଭାସମିତି କରି ଇଂରେଜ ସରକାରଙ୍କ ବିରୋଧରେ ତାଙ୍କର ଓଜସ୍ୱିନୀ ଭାଷଣ ପ୍ରଦାନ କରିଥିଲେ। ଇଂରେଜ ସରକାର ତାଙ୍କୁ ଗିରଫ କରି ବ୍ରହ୍ମଦେଶର ମାଣ୍ଡେଲା ଜେଲକୁ ପ୍ରେରଣ କଲେ। ବାରମ୍ବାର କାରାବରଣ କରିବା ଫଳରେ ତାଙ୍କର ସ୍ୱାସ୍ଥ୍ୟରେ ଅବନତି ଘଟିଥିଲା। ସେ ଚିକିତ୍ସା ପାଇଁ ସୁଇଜରଲ୍ୟାଣ୍ଡ ଯାତ୍ରା କରିବା ସହ ସେଠାରେ ଅବସ୍ଥାନ କାଳରେ ' ଦି ଇଣ୍ଡିଆନ୍ ଷ୍ଟ୍ରଗଲ୍' ନାମରେ ଏକ ପୁସ୍ତକ ରଚନା କରିଥିଲେ। ୧୯୩୮ ମସିହାରେ ସେ ହରିପୁରାଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେସନରେ ସଭାପତି ରୂପେ ନିର୍ବାଚିତ ହେବା ସହ

ପୁନର୍ବାର ୧୯୩୯ ମସିହାରେ ତ୍ରିପୁରା ଅଧିବେଶନରେ ସଭାପତି ଆସନ ଅଳଙ୍କୃତ କରିଥିଲେ। ସେହି ସମୟରେ ଗାନ୍ଧିଜୀ ଏବଂ ତାଙ୍କର ଅନୁଗତଙ୍କ ସହ ଗଭୀର ମତଭେଦ ହୋଇଥିଲା। ତେଣୁ ସେ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇ ' ଫରୱାର୍ଡ' ନାମରେ

ଏକ ଦଳ ଗଠନ କରିଥିଲେ। ସାପ୍ତାହିକ 'ଫରୱାର୍ଡ ବ୍ଲକ୍' ସମ୍ବାଦପତ୍ରରେ ଏକ ଲେଖା ପାଇଁ ୧୯୪୦ ମସିହାରେ ତାଙ୍କୁ କୈଫିୟତ ଦେବାକୁ ପଡ଼ିଥିଲା। କୋର୍ଟରେ ଜେରା ଚାଲିଥିବା ସମୟରେ ଜାମିନରେ ଥାଇ ସେ ତାଙ୍କ କଲିକତା ବାସଭବନରୁ ଅନ୍ତର୍ହିତ ହୋଇ ଦୁଃସାହସିକ ପଦଯାତ୍ରା କରି କାବୁଲରେ ପହଞ୍ଚି ଥିଲେ। ସେଠାରେ ନାଜୀ ସରକାରଙ୍କ ସାହାଯ୍ୟରେ ଭାରତୀୟ ସୈନ୍ୟମାନଙ୍କୁ ନେଇ ଇଂରେଜମାନଙ୍କ ବିରୋଧରେ ' ଆଜାଦ୍ ହିନ୍ଦ୍ ' ନାମକ ଏକ ସୈନ୍ୟ ଦଳ ଗଠନ କରିଥିଲେ। ଇଂରେଜ ମାନଙ୍କର ମଧ୍ୟ ଶତ୍ରୁ ଥିଲେ। ତେଣୁ ଜର୍ମାନୀ ତରଫରୁ ପ୍ରାୟ ଅଠର ହଜାର ଭାରତୀୟ ସୈନ୍ୟ ଯୁଦ୍ଧ କୌଶଳ ଓ ଅସ୍ତ୍ର ଶସ୍ତ୍ର ବ୍ୟବହାରରେ ତାଲିମ ପ୍ରାପ୍ତ ହୋଇଥିଲେ। ୧୯୪୩ ମସିହାରେ ସେ ସିଙ୍ଗାପୁରରେ ' ଆଜାଦ୍ ହିନ୍ଦ୍ ' ନାମରେ ଏକ ଶକ୍ତିଶାଳୀ ଦଳ ଗଠନ କରିଥିଲେ। ୧୯୪୫ ମସିହାରେ ଜଣେ ଅନ୍ତରଙ୍ଗ ବନ୍ଧୁ ହବିବୁର ରହମନଙ୍କ ସହ ଏକ ଉଡାଜାହାଜରେ ଟୋକିଓ ଅଭିମୁଖେ ଯାତ୍ରା କରିବା ବାଟରେ ଫର୍ମୋଜୀ ଦ୍ୱୀପରେ ଉଡାଜାହାଜଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ବୋଲି କେତେକ କୁହାଯାଇଥାଏ। ଏହି ମହାନ ବିପ୍ଲବୀ ବୀରଙ୍କର ଅନ୍ତିମ ଜୀବନ ଏବେବି ଭାରତୀୟମାନଙ୍କ ନିକଟରେ ରହସ୍ୟାବୃତ ହୋଇ ରହିଛି।

ଏହି ଅମ୍ଳାନ ବ୍ୟକ୍ତିତ୍ୱଙ୍କ ପରି ଆଉ କେହି ସୁଯୋଗ୍ୟ ସନ୍ତାନ ଭାରତମାତାର କୋଳ ମଣ୍ଡନ ପୁଣି ଯେ କରିବ ତାହା ସନ୍ଦିହାନ ! ସୁଭାଷ ବୋଷଙ୍କ ସ୍ଲୋଗାନ ଥିଲା ' ଜୟହିନ୍ଦ୍ '। ଏଣୁ ସମସ୍ତେ ତାଙ୍କୁ ନେତାଜୀ ନାମରେ ନାମିତ କରିଥିଲେ। ତାଙ୍କର ପ୍ରଭାବ ଭାରତୀୟ ସେନାବାହିନୀ ଉପରେ ପଡିଥିଲା। ନେତାଜୀ ଭାରତ ଇତିହାସରେ ଜଣେ ସେନାପତି ଥିଲେ। ସେହି ସୁଯୋଗ୍ୟ ସନ୍ତାନଙ୍କୁ ହରାଇବାରେ ଭାରତର ଅପୂରଣୀୟ କ୍ଷତି ଘଟିଥିଲା। ତାଙ୍କ ପରି ଜଣେ ଜନନାୟକ , ନିର୍ଭୀକ ଜାତୀୟବାଦୀ ନେତା , ଦେଶସେବକ , ରାଷ୍ଟ୍ରନାୟକ , ସେନାପତି ଏ ଯୁଗରେ ମିଳିବା କାଠିକର ପାଠ। ଏଣୁ ସେ ନିଶ୍ଚିତଭାବେ ଆମ୍ଭମାନଙ୍କ ନିକଟରେ ଚିରସ୍ମରଣୀୟ ହୋଇ ରହିବେ ଏଥିରେ ଦ୍ୱିଧାମତର କାରଣ ନାହିଁ। ସେହି ତ୍ୟାଗପୂତ ବରେଣ୍ୟ ଯୁବନେତାଙ୍କ ଆଦର୍ଶରେ ଆଜିର ଯୁବ ସମ୍ପ୍ରଦାୟ ଅନୁପ୍ରାଣିତ ହେବା ବିଧେୟ। ଓଡ଼ିଶା ମାଟିର ସୁଯୋଗ୍ୟ ସନ୍ତାନ ସଭାଷ ବୋଷଙ୍କ ଯୋଗୁଁ ଭାରତବାସୀ ସ୍ୱାଧୀନତାର ମୋହ ପାଇଲେ। ଏଣୁ ସେ ଆମ୍ଭମାନଙ୍କ ନିକଟରେ ଚିରସ୍ମରଣୀୟ ହୋଇ ରହିବେ

ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଜିର ସେହି ବରେଣ୍ୟ ସଂଗ୍ରାମୀ ଦେଶପ୍ରେମୀ ନେତାଜୀଙ୍କ ପୟରେ ଭୂମିଷ୍ଠ ପ୍ରଣାମ ଜଣାଇବାକୁ ଭୁଲିବା ନାହିଁ।

ରମେଶ ଚନ୍ଦ୍ର ନାୟକ
କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦.

## ଓଡ଼ିଶାର ଶତାବ୍ଦୀ-ସଙ୍କଳ୍ପ

ଉତ୍କଳ ଜନନୀର ବହୁ ବରପୁତ୍ରଙ୍କ ନିରବଚ୍ଛିନ୍ନ ଉଦ୍ୟମ ଫଳରେ ୧୯୩୬ ଏପ୍ରିଲ୍ ପହିଲାରେ ଓଡ଼ିଆ ଭାଷାଭାଷୀ ଅଂଚଳକୁ ନେଇ ଦେଶର ଭାଷାଭିତିକ ପ୍ରଥମ ରାଜ୍ୟ ଭାବେ ଗଠିତ ହେଲା ଓଡ଼ିଶା ପ୍ରଦେଶ। ୨୦୩୬ରେ ଆମେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବାକୁ ଯାଉଛେ। ଏ ପରିପ୍ରେକ୍ଷୀରେ ଶତବାର୍ଷିକୀ ବେଳକୁ ଆମ ରାଜ୍ୟର ଚିତ୍ର ଓ ଚେହେରା କେତେ ସମୃଦ୍ଧ ହୋଇଥିବ ସେ ସଂକ୍ରାନ୍ତରେ ଓଡ଼ିଆମାନେ ଯଦି ଚିନ୍ତା ନ କରିବେ, ସ୍ୱପ୍ନ ନଦେଖିବେ, ଆମେ କେଉଁ କ୍ଷେତ୍ରରେ କେତେ ଆଗେଇଛୁ ଓ କେତେ ପଛେଇଛୁ ତାହାର କାରଣ ଖୋଜି ନିରାକରଣର ବାଟ ନକାଢ଼ିବେ, ବୁଦ୍ଧି ବିବେକ ଖଟାଇ ଉତ୍ସର୍ଗୀକୃତ ଉଦ୍ୟମ ନ କରିବେ ତେବେ ସମୃଦ୍ଧ ଓଡ଼ିଶାର ପରିକଳ୍ପନା କେବଳ ସ୍ୱପ୍ନରେ ରହିଯିବ। ତେଣୁ ଏବେଠାରୁ ଏ ପ୍ରସଙ୍ଗରେ ଆତ୍ମଚିନ୍ତନ ସହ ସକାରାତ୍ମକ ଦୃଷ୍ଟିଭଙ୍ଗୀ ନେଇ ଆମକୁ ସମୃଦ୍ଧିର ଶୀର୍ଷ ସ୍ଥାନରେ ପହଞ୍ଚିବା ପାଇଁ ଯୋଜନାବଦ୍ଧ ଉଦ୍ୟମ କରିବାକୁ ପଡ଼ିବ।

ଗୋଟିଏ ଜାତିର ପୁଞ୍ଜି ହେଉଛି ତାହାର ଭାଷା, ସାହିତ୍ୟ, ସଂସ୍କୃତି, ଶୃଙ୍ଖଳା, ସ୍ୱଚ୍ଛତା ଓ କର୍ମପ୍ରବଣତା। ଏହା ଦୁର୍ବଳ ହୋଇଗଲେ ଜାତିର ମୂଳଦୁଆ ଦୋହଲିଯାଏ। ତେବେ ବିଭିନ୍ନ କାରଣରୁ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଓଡ଼ିଆମାନଙ୍କ କର୍ମପ୍ରବଣତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆମ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଅଧିକ ଋଦ୍ଧିମନ୍ତ କରିବା ସହ ପୁଣି କର୍ମସଂସ୍କୃତିକୁ ବ୍ୟାପକ କରିବାକୁ ପଡ଼ିବ। ଓଡ଼ିଆକୁ ଜୀବନ ଜୀବିକାର ଭାଷା କରିବାକୁ ହେବ। ଏଥିସହିତ ସ୍ୱାଭିମାନ, ସ୍ୱାବଲମ୍ବନ ଓ ସ୍ୱରୋଜଗାରକୁ ଜୀବନର ମନ୍ତ୍ର ଭାବେ ଗ୍ରହଣ କରିନେଲେ ବ୍ୟକ୍ତି, ପରିବାର, ସମାଜ ଓ ଜାତିର ଜୀବନ ପୁଲକିତ ହୋଇଉଠିବ। ପ୍ରତି ସବଳ ହାତକୁ କାମ ଓ ପ୍ରତି କ୍ଷେତକୁ ପାଣିର ବ୍ୟବସ୍ଥା କରି ଆମେ ଆମ ରାଜ୍ୟକୁ ସୀମିତ ସମୟସୀମା ମଧ୍ୟରେ ସମୃଦ୍ଧ କରିପାରିବା। ବେକାରୀ ଓ ବେରୋଜଗାରୀ ବ୍ୟାଧିରୁ ମୁକ୍ତ ହେବା ପାଇଁ କେବଳ ସରକାରୀ ଚାକିରି ପଛରେ ନଗୋଡ଼ାଇ ସ୍ଥିର ନେତୃତ୍ୱରେ ଆମକୁ ଏଭଳି ବ୍ୟବସ୍ଥା ଆପଣାଇବାକୁ ପଡ଼ିବ. ଯେଉଁଥିରେ ଆମେ ଅନ୍ୟମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରିବା। ଶ୍ରୀଜଗନ୍ନାଥ ସଂସ୍କୃତିର ମୃଦୁ ମଳୟ ଯୋଗୁଁ ଏକ ପବିତ୍ର ବାତାବରଣରେ ଆମେ ଗଢ଼ା। ଏଠି ଛୋଟବଡ଼ ଭେଦଭାବ ନାହିଁ, ଅସ୍ପୃଶ୍ୟତା ଓ ସାମ୍ପ୍ରଦାୟିକତାର କଳଙ୍କ ନାହିଁ ଏବଂ ଲିଙ୍ଗଗତ ବୈଷମ୍ୟ ନାହିଁ ବୋଲି ଆମକୁ ପୁଣି ପ୍ରମାଣିତ କରିବାକୁ ହେବ। ସମସ୍ତଙ୍କୁ ଯେଭଳି ଉନ୍ନତମାନର ଶିକ୍ଷା ଓ ସ୍ୱାସ୍ଥ୍ୟସେବା ମିଳେ ସେ ଦିଗରେ ବି ଆମକୁ ଅଧିକ ପ୍ରଯତ୍ନ କରିବାର ଆବଶ୍ୟକତା ରହିଛି। ଜନସଂଖ୍ୟାର ପ୍ରାୟ ଅଧା ମହିଳା ଥିବାରୁ ବିକାଶ କ୍ଷେତ୍ରରେ ସେମାନଙ୍କ ସଶକ୍ତୀକରଣ ଏକାନ୍ତ ପ୍ରୟୋଜନ।

ଓଡ଼ିଶାର ହସ୍ତଶିଳ୍ପ, ହସ୍ତତନ୍ତ, କଳାସ୍ଥାପତ୍ୟ ଆଦିର ଯେଉଁ ସୁନାମ ଓ ସୁଦୀର୍ଘ ଇତିହାସ ରହିଛି ତାହାକୁ ଅଧିକ ସମୃଦ୍ଧ କରିବାକୁ ପଡ଼ିବ। ପ୍ରକୃତିମାତା ଆମକୁ ଆଶୀର୍ବାଦ ସ୍ୱରୂପ ଯେତେ ସମ୍ପଦ ଦେଇଛନ୍ତି, ତାହାର ସୁରକ୍ଷା ସହିତ ଆବଶ୍ୟକତାଭିତିକ ବିନିଯୋଗ ଲାଗି ଆମ ପାଖରେ ଯେତେସବୁ ସୁଯୋଗ ରହିଛି, ତାହାର ବି ଉପଯୋଗ କରିବାକୁ ପଡ଼ିବ।

ପ୍ରହଲାଦ କୁମାର ସିଂହ



ରାଜ୍ୟକୁ ପ୍ରଦୂଷଣମୁକ୍ତ କରିବା ଲାଗି ବି ଆମ ପାଇଁ ବଡ଼ ଆହ୍ୱାନ ରହିଛି। ସମଗ୍ର ବିଶ୍ୱ ଜଳବାୟୁ ପରିବର୍ତନ ଘେନି ଆତଙ୍କିତ ହୋଇପଡ଼ିଥିବାବେଳେ ଆମର ଜଳ, ଜମି, ପବନ, ଜଙ୍ଗଲ, ଖଣିଜସମ୍ପଦ ଆଦିର ଆବଶ୍ୟକତା ଭିତିକ ଉପଯୋଗ କରିବାକୁ ହେବ। ଆମ ରାଜ୍ୟ ଜନସଂଖ୍ୟାର ପାଖାପାଖି ୪୦ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ହୋଇଥିବାରୁ ସେମାନଙ୍କର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ବିକାଶ ନଘଟିଲେ ଆମକୁ ବହୁମୂଲ୍ୟ ଦେବାକୁ ପଡ଼ିବ। ବିଭିନ୍ନ କ୍ଷେତ୍ରରେ ବିକାଶ ସତ୍ତ୍ୱେ ଆମ ରାଜ୍ୟ ଜନସଂଖ୍ୟାର ୮୦ ପ୍ରତିଶତରୁ ଅଧିକ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଚାଉଳ ଉପରେ ନିର୍ଭରଶୀଳ। ଏହାସତ୍ତ୍ୱେ ଅପପୁଷ୍ଟି, ରକ୍ତହୀନତା ଆଜି ବି ଆମ ପାଇଁ ବଡ଼ ଆହ୍ୱାନ ହୋଇ ରହିଛି। ଏଥିରୁ ମୁକ୍ତି ଲାଗି 'ଗ୍ରାମସ୍ୱରାଜ' ରାସ୍ତାରେ ଓଡ଼ିଶାକୁ ଆଗେଇ ନେଇ ପ୍ରତି ଗାଁକୁ ସ୍ୱାବଲମ୍ବୀ କରିବାକୁ ପଡ଼ିବ। ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଲାଗି ଗାଁର ବିବାଦ ଗାଁରେ ମେଂଟାଇ ଅଦାଲତ, ପୁଲିସ ଓ ସରକାରଙ୍କ ଉପରୁ ଚାପ କମାଇବାକୁ ହେବ। ହିଂସା, ନିଶା, ଘୃଣା, ଦ୍ୱେଷ, ଭୟ, ପରଶ୍ରୀକାତରତା, ଅପରାଧ, ହୀନମନ୍ୟତା, କୁସଂସ୍କାରଟନା ଆଦି ଆମ ବିକାଶ ପଥରେ ବଡ଼ ବାଧକ ହୋଇଥିବାରୁ ଏଥିରୁ ମୁକ୍ତି ପାଇଁ ଆମକୁ କଠୋର ପଦକ୍ଷେପ ନେବାକୁ ପଡ଼ିବ।

ରାଜ୍ୟକୁ ସ୍ୱାବଲମ୍ବୀ କରିବା ଲାଗି କେତେଗୁଡ଼ିଏ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଶହେ ବର୍ଷ ପୂର୍ତ୍ତି ପୂର୍ବରୁ ଏ ଦିଗରେ ଆମେ ସମୟଭିତିକ କାର୍ଯ୍ୟକ୍ରମ ଗ୍ରହଣ କରିବା ଆବଶ୍ୟକ। ଓଡ଼ିଶାର ୪୮୦କିମି ଦୈର୍ଘ୍ୟର ସାମୁଦ୍ରିକ ବେଳାଭୂମି ଓ ୧୧ଶହ ବର୍ଗକିଲୋମିଟର ପରିବ୍ୟାପ୍ତ ଲବଣାକ୍ତ ହ୍ରଦ ଚିଲିକା ଥିବାରୁ ଲୁଣ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାକୁ ସ୍ୱାବଲମ୍ବୀ କରାଯିବା ସହ ବାର୍ଷିକ ଅନ୍ୟୂନ ୫୦ଲକ୍ଷ ମେଟ୍ରିକ୍‌ଟନ୍ ଲୁଣ ରପ୍ତାନୀ କରାଯାଇପାରିଲେ ଲକ୍ଷାଧିକ କର୍ମନିଯୁକ୍ତି ସହିତ ରାଜ୍ୟର ଆର୍ଥିକ ସମୃଦ୍ଧି ଆସିପାରିବ। ସେହିଭଳି କପଡ଼ା, ଚିନି, ତେଲ, ପନିପରିବା, ଫଳ, ମାଛ, ଅଣ୍ଡା, ଫୁଲ, ଡାଲି, ଗହମ ଆଦି କ୍ଷେତ୍ରରେ ରାଜ୍ୟକୁ ସ୍ୱାବଲମ୍ବୀ କରାଯିବା ସହ ବଳକାସାମଗ୍ରୀ ରପ୍ତାନୀ ଲାଗି ବ୍ୟବସ୍ଥା କରାଯାଇପାରିଲେ ଓଡ଼ିଶାର ବିକାଶ ବାରି ହୋଇଯିବ। କେବଳ ଧାନ ଉପରେ ନିର୍ଭର ନକରି ବିଭିନ୍ନ ପ୍ରକାର ଅର୍ଥକରୀ ଫସଲ ଉତ୍ପାଦନ ସହ ସଂରକ୍ଷଣ ଲାଗି ଆମକୁ ପର୍ଯ୍ୟାପ୍ତ ସଂଖ୍ୟକ ଶୀତଳ ଭଣ୍ଡାର, କୃଷିଶିଳ୍ପ ଓ କୃଷି ବଜାରର ବ୍ୟବସ୍ଥା କରିବାକୁ ହେବ। ଜଙ୍ଗଲ ସଂରକ୍ଷଣ ଓ ଉଜୁଡ଼ା ଜଙ୍ଗଲର ବିକାଶ ସହ ଜଙ୍ଗଲଜାତ ସାମଗ୍ରୀର ଉପଯୁକ୍ତ ବିନିଯୋଗ ଓ ବଜାର ପାଇଁ ମଧ୍ୟ ସୁଯୋଗ ସୃଷ୍ଟି କରିବାକୁ ପଡ଼ିବ। ବଢ଼ି ଚାଲିଥିବା ଆର୍ଥିକ ତାରତମ୍ୟର ଅନ୍ତ ଘଟାଇ ରାଜ୍ୟକୁ ସମବିକାଶ କ୍ଷେତ୍ରରେ ଆଗେଇ ନେବାକୁ ହେବ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେବର୍ଷ ପୂର୍ତି ବେଳକୁ ରାଜ୍ୟରେ ଖାଦ୍ୟ, ବସ୍ତ୍ର ଓ ବାସଗୃହର ଯେପରି ଅଭାବ ନଥିବ, ଶିକ୍ଷା ଓ ସ୍ୱାସ୍ଥ୍ୟସେବାରୁ ଯେପରି କେହି ବଂଚିତ ନ ରୁହନ୍ତି ଏବଂ ବାଣିଜ୍ୟିକ କ୍ଷେତ୍ରରେ ଆମେ ବଳକା ହେବା ସେ ଦିଗରେ ମଧ୍ୟ ଆମକୁ ସଙ୍କଳ୍ପବଦ୍ଧ ସାଧନା କରିବାକୁ ହେବ। ରାଜ୍ୟର ଭିତିଭୂମି ବିକାଶ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ପଡ଼ିବ। ସବୁଘରେ ଏବଂ ବିଶେଷକରି କୃଷି ଓ କୁଟୀରଶିଳ୍ପ କ୍ଷେତ୍ରରେ ବିଦ୍ୟୁତ୍ ଶକ୍ତି ଓ ଆଧୁନିକ ଜ୍ଞାନକୌଶଳର ଉପଯୋଗକୁ ଆଖିରେ ରଖି ଆମକୁ ତାପଜ ବିଦ୍ୟୁତ୍ ପରିବର୍ତେ ସୌରଶକ୍ତି ଓ ସାମୁଦ୍ରିକ ଶକ୍ତିରୁ ବିଦ୍ୟୁତ୍ ସଂଗ୍ରହ କରିବାକୁ ପଡ଼ିବ। ପ୍ରତି ଗାଁକୁ ସଂଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ କରିବାକୁ ହେବ। ରାଜନୈତିକ, ପ୍ରଶାସନିକ, ବିଜ୍ଞାନ ଓ ବୈଷୟିକ ଆଦି କ୍ଷେତ୍ରରେ ଓଡ଼ିଆମାନେ ଦେଶ ବିଦେଶରେ ଯେପରି ନେତୃତ୍ୱ ନେବେ, ସେଥିପାଇଁ କ୍ଷେତ୍ର ପ୍ରସ୍ତୁତ କରିବାକୁ ହେବ। କ୍ରୀଡ଼ା, ସଙ୍ଗୀତ, ନୃତ୍ୟ ଓ ଅନ୍ୟାନ୍ୟ ଲୋକକଳାର ବିକାଶ ଘଟାଇ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଆମ ପାଇଁ ଆହ୍ୱାନ। କ୍ଷୁଧା, ଦାରିଦ୍ର୍ୟ, ବେକାରୀ ଓ ଦାଦନରୁ ମୁକ୍ତି ସହ ନାରୀ, ଯୁବକ, କୃଷକ, ଶ୍ରମିକ ଓ ଶିଳ୍ପୀମାନଙ୍କୁ ଅଧିକ ସଶକ୍ତ କରିବାକୁ ହେବ। ନୀତି, ନୈତିକତା ଓ ଆଧ୍ୟାତ୍ମିକତାର ବିକାଶ ବ୍ୟକ୍ତି ଜୀବନରେ ଘଟାଇବା ପାଇଁ ଅହିଂସା, ସତ୍ୟ, ଅଚୌର୍ଯ୍ୟ, ବ୍ରହ୍ମଚର୍ଯ୍ୟ, ମିତବ୍ୟୟତା, ଶରୀରଶ୍ରମ, ନିର୍ଭୀକତା, ସର୍ବଧର୍ମ ସମଭାବ, ଭାଇଚାରା ଆଦିକୁ ବ୍ରତ ଭାବେ ବରିନେବାକୁ ପଡ଼ିବ। ପ୍ରତିଟି ଓଡ଼ିଆ ମା', ମାତୃଭୂମି, ମାତୃଭାଷା ପ୍ରତି ନିଜର ଅଙ୍ଗୀକାରବଦ୍ଧତା ପ୍ରଦର୍ଶନ କରିବା ସହ ପ୍ରତିଦିନ ଏ ପ୍ରସଙ୍ଗରେ ଅନ୍ତତଃ କିଛି ସମୟ ଚିନ୍ତା ଓ କାମ କରନ୍ତୁ। ସଫଳତାର ଶିଡ଼ି ଚଢ଼ିବା କ୍ଷେତ୍ରରେ ବିଫଳତାକୁ ପାହାଚ ଭାବେ ବ୍ୟବହାର କରିବାର ମାନସିକତା ଆମର ରହିବା ଦରକାର। ସେବା, ସାଧନା, ଶୃଙ୍ଖଳା, ସଙ୍କଳ୍ପର ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଆସନ୍ତୁ ଦଳ-ମତ ନିର୍ବିଶେଷରେ ଆମେ ସମୃଦ୍ଧ ଓଡ଼ିଶା ଗଠନର ସଙ୍କଳ୍ପକୁ ୨୦୩୬ ସୁଦ୍ଧା ସାକାର କରିବାକୁ ନିଜଆଡୁ ନିଜେ ଦାୟିତ୍ୱ ନେଇ କାମ କରିବା। ୧,୫୫,୭୦୭ ବର୍ଗକିମି କ୍ଷେତ୍ରଫଳ ବିଶିଷ୍ଟ ଆମ ରାଜ୍ୟର ପ୍ରତି ଇଞ୍ଚ ଜମିର ସୁରକ୍ଷା ଓ ବିକାଶ ଲାଗି ପ୍ରତିଟି ଓଡ଼ିଆ ଗାଁରୁ ରାଜଧାନୀ ପର୍ଯ୍ୟନ୍ତ ଏମିତି ସମର୍ପିତ ହୋଇ କାମ କରନ୍ତୁ, ଯେପରି ଅନୁଭୂତ ହେବ ଯେ ଗାଁରେ ସେମାନେ ସରକାର ଏବଂ ଭୁବନେଶ୍ୱର ଓ ଦିଲ୍ଲୀରେ ରହିଛି ସେମାନଙ୍କର ସରକାର। ଏହାହେଉ ଓଡ଼ିଶା ପ୍ରଦେଶ ଗଠନର ଶହେବର୍ଷ ପୂର୍ତିର ଆହ୍ୱାନ।

## ଆଧ୍ୟାତ୍ମିକତା ଓ ସାମ୍ୟବାଦ

ଆର୍ଥିକ ଦୃଷ୍ଟିକୋଣରୁ ସମାଜକୁ ଦୁଇଭାଗରେ ବିଭକ୍ତ କରାଯାଇପାରିବ ଧନୀ ଓ ଗରିବ, ଥିବାବର୍ଗ ଓ ନଥିବା ବର୍ଗ (ଐବଙ୍ଗର ବଭୟ ଐବଙ୍ଗର ଭକ୍ଟଶ୍ୱଶ୍ୱ)। କିଛି ଲୋକଙ୍କ ପାଖରେ ପ୍ରଚୁରମାତ୍ରାରେ ଧନ ଥିବାବେଳେ ସେମାନେ ସବୁପ୍ରକାର ସୁଖସୁବିଧା ବିଳାସ ବ୍ୟସନରେ ଜୀବନଯାପନ କରୁଛନ୍ତି। ଅନ୍ୟପକ୍ଷରେ ଏଭଳି କିଛି ବର୍ଗ ଅଛନ୍ତି ଯେଉଁମାନଙ୍କ ପାଖରେ ନିଜର ସର୍ବନିମ୍ନ ଆବଶ୍ୟକତାକୁ ପୂରଣ କରିବାପାଇଁ ଧନ କିମ୍ବା ସାଧନ ନାହିଁ। ଦିନସାରା ଖରା, ବର୍ଷା, ଶୀତରେ ଅକ୍ଲାନ୍ତ ଶ୍ରମ କଲା ପରେ ମଧ୍ୟ ସେମାନଙ୍କ ପରିବାରକୁ ଦୁଇଓଳି ଦୁଇମୁଠା ଠିକ୍‌ଭାବେ ଖାଦ୍ୟ ଉପଲବ୍ଧ ହୁଏନାହିଁ। ପ୍ରଥମ ବର୍ଗର ଲୋକମାନଙ୍କୁ ଆମେ ପୁଞ୍ଜିପତି ଆଖ୍ୟା ଦେଇଥାଉ। ସେମାନଙ୍କ ମତ ହେଲା ନିଜର ବୁଦ୍ଧିବଳରେ ତଥା ସୁଯୋଗର ଠିକ୍ ଉପଯୋଗ କରି ଜଣେ ଜୀବନକାଳ ମଧ୍ୟରେ ଅମାପ ସମ୍ପଲିର ଅଧିକାରୀ ହୋଇପାରିବ। କେବଳ ହଳ ଚଳାଇ, କାରଖାନାରେ ଶ୍ରମିକ ଭାବେ କାମ କରି କିମ୍ବା ଦିନସାରା ମେହନତ ମଜଦୁରି କରି କେହି କେବେ ବତଶାଳୀ ହୋଇପାରିବ ନାହିଁ। ଏହି ବର୍ଗର ଲୋକେ ବଂଶବଂଶ ଧରି ଜୀବନସାରା ଚାକିରି କରି କିମ୍ବା କଳକାରଖାନାରେ ଶ୍ରମ କରି ଜୀବନ ନିର୍ବାହ କରୁଛନ୍ତି, ମାତ୍ର ଧନୀ ହେବା ପାଇଁ ସଂକଳ୍ପ ପୂର୍ବକଏମାନେ କେବେ ବୁଦ୍ଧି ବଳରେ ଅର୍ଥାଗମର ରାସ୍ତା ଖୋଜନ୍ତି ନାହିଁ।

ଏକବିଂଶ ଶତାବ୍ଦୀ ସମାଜରେ ଆଉ ଏକପ୍ରକାର ଧନିକ ଶ୍ରେଣୀର ଉଦ୍‌ଭବ ହୋଇଛି ଯେଉଁମାନେ କଳ,ବଳ,ଛଳ ପ୍ରୟୋଗ କରି ନିଜ ପଦମର୍ଯ୍ୟାଦାର ଦୁରୁପଯୋଗ କରି ତଥା ଦୁର୍ନୀତି ଓ ଭ୍ରଷ୍ଟାଚାରର ସାହାର ନେଇ ରାତାରାତି କାଙ୍ଗାଳରୁ କୋଟିପତିରେ ପରିଣତ ହେଉଛନ୍ତି। ସମାଜସେବା ପାଇଁ ଉଦ୍ଦିଷ୍ଟ ରାଜନୀତି, ପ୍ରଶାସନିକ ପେସାକୁ ଏମାନେ ବେପାରରେ ପରିଣତ କରି ନେତାଙ୍କ ଅର୍ଥରେ ପରିପୁଷ୍ଟ ରାଜକୋଷକୁ ଲୁଣ୍ଠନ କରୁଛନ୍ତି। ଏମାନେ କମ୍ ପରିଶ୍ରମରେ କିମ୍ବା ଆଦୌ ଶ୍ରମ ନକରି ପ୍ରଚୁର ଧନ ଉପାର୍ଜନ କରୁଥିବାବେଳେ ଶ୍ରମ ଓ ସଂଘର୍ଷ କରି ସକାଳୁ ରାତିପର୍ଯ୍ୟନ୍ତ ଅହରହ ଶରୀରକୁ ଯନ୍ତ୍ରଣା ଦେଉଥିବା ବ୍ୟକ୍ତିଙ୍କୁ ପେଟପାଟଣା ପାଇଁ ସାମାନ୍ୟ ଆବଶ୍ୟକତା ଉପଲବ୍ଧ ହେଉନାହିଁ। କୁହାଯାଉଥିଲା ଦେଶର ଅର୍ଦ୍ଧାଧିକ ପୁଞ୍ଜି ମାତ୍ର ଆଠଟି ଧନାଢ଼୍ୟ ପରିବାର ହାତରେ ଠୁଳ ହୋଇ ରହିଛି। ପରିସ୍ଥିତି ଏଭଳି ହୋଇଛି ଯେ ଧନୀ ଅଧିକ ଧନୀ ଏବଂ ଗରିବ ଅଧିକ ଗରିବ ହେବାରେ ଲାଗିଛି। ଅନାହାର ମୃତ୍ୟୁ ଓ ଚାଷୀ ଆତ୍ମହତ୍ୟା ଭଳି ସମ୍ବାଦରେ ପ୍ରତିଦିନ ଗଣମାଧ୍ୟମ ଭରପୂର ହେଉଛି। ଜନତାର ଜୀବନ ଧାରଣ ମାନକୁ ଉନ୍ନତ କରିବା ପାଇଁ ଲକ୍ଷଲକ୍ଷ କୋଟିଟଙ୍କା ବ୍ୟୟବରାଦ ହେଉଥିଲେ ହେଁ ନିର୍ଦ୍ଦିଷ୍ଟ କେତେକ ଗୋଷ୍ଠୀ ଏହି ଅର୍ଥର ଦଶ କୋଡ଼ିଏ ପ୍ରତିଶତ ମାତ୍ର ଉପଯୋଗ କରି ବାକୀସବୁ ବାଟମାରଣା କରୁଛନ୍ତି। ବିଶେଷ ଭାବରେ କହିବାକୁ ଗଲେ ମନୁଷ୍ୟ ଭିତରେ ପଶୁତ୍ୱର ପ୍ରବୃତି ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟାୟ, ଅନୀତି, ଶୋଷଣ, ଅତ୍ୟାଚାର ଦ୍ୱାରା ସାମାଜିକ ବ୍ୟବସ୍ଥା କବଳିତ। ଶାସନ ଦାୟିତ୍ୱ ସମ୍ଭାଳିଥିବା ବ୍ୟକ୍ତିମାନେ ମଧ୍ୟ ପ୍ରାୟତଃ ଏହି ଚରିତ୍ରର ହୋଇଥିବା କାରଣରୁ- 'ଯଥା ରାଜା, ତଥା ପ୍ରଜା'ର ସ୍ଥିତି ଉତ୍ପନ୍ନ ହୋଇଛି।

ସଂସାରର ଏହି ଅବସ୍ଥାକୁ ଲକ୍ଷ୍ୟ କରି ପ୍ରସିଦ୍ଧ ଚିନ୍ତା ନାୟକ କାର୍ଲମାର୍କସ 'ସାମ୍ୟବାଦ' ନାମରେ ଏକ ସିଦ୍ଧାନ୍ତ ପ୍ରଚଳନ କଲେ ଏବଂ ନିଜସ୍ୱ ସିଦ୍ଧାନ୍ତକୁ ତର୍କ ସଙ୍ଗତ କରିବାପାଇଁ 'ଦାସ୍ କ୍ୟାପିଟାଲ' ନାମକ ଏକ ଗ୍ରନ୍ଥ ରଚନା କଲେ। ତାଙ୍କର ଦୃଷ୍ଟିକୋଣ ହେଲା ଯେଉଁ ଶ୍ରମିକ ଝାଳବୁହାଇ ପରିଶ୍ରମ କରୁଛି, ବାସ୍ତବରେ ରୋଜଗାର ତାହାର। ମାଲିକ କେବଳ ବସି ରହି ଉପାର୍ଜିତ ଧନର ଅଧିକାରୀ ହୋଇପାରିବ ନାହିଁ। ସେଥିପାଇଁ ଆମଦାନୀର ହକ୍‌ଦାର ଶ୍ରମିକ ମାଲିକ ନୁହେଁ। ସେହି ଦୃଷ୍ଟିରୁ ଆମଦାନୀର ଅଧିକ ଭାଗ ଶ୍ରମିକକୁ ମିଳିବା ଦରକାର। ତାଙ୍କର ସ୍ଲୋଗାନ ଥିଲା 'କାରଖାନା ଶ୍ରମିକର ଏବଂ କ୍ଷେତ୍ର ହଳ ଚଳାଇବା ବ୍ୟକ୍ତିର। ଯଦି ଶ୍ରମିକକୁ ତା'ର ଉପଯୁକ୍ତ ମୂଲ୍ୟ ନମିଳେ ତେବେ ସେ ବିଦ୍ରୋହ କରିବାପାଇଁ ବାଧ୍ୟ। ଶେଷରେ ସେ ମାଲିକଠାରୁ ତା'ର ଅଂଶଧନକୁ ଛଡ଼ାଇ ଆଣିବ। ଏହି ମର୍ମରେ ସେ ଆହ୍ୱାନ ଦେଲେ- ଦୁନିଆର ମଜଦୁର ଏକ ହୁଅ। ମାର୍କସଙ୍କ ସିଦ୍ଧାନ୍ତକୁ ଭିତିକରି ବିଶ୍ୱବ୍ୟାପୀ ଶ୍ରମିକମାନେ ସଙ୍ଗଠିତ ହେଲେ ଏବଂ ଅନେକ ଦେଶରେ ଶ୍ରମିକ ବିପ୍ଳବ ଆରମ୍ଭ ହେଲା। ମାର୍କସ୍‌ଙ୍କ ଦାବି ଥିଲା ଧନୀଙ୍କ ସମସ୍ତ ସମ୍ପତି ଜବତ କରି ତା'ର ରାଷ୍ଟ୍ରୀୟକରଣ କରାଯିବା ଉଚିତ ତଥା ସମସ୍ତଙ୍କୁ ବରାବର କାମ ଦେଇ ସମସ୍ତଙ୍କୁ ସମାନସ୍ତରକୁ ଆଣିବା ଆବଶ୍ୟକ। ଏହାଫଳରେ ଧନୀ ଆଉ ଧନୀ କିମ୍ବା ଗରିବ ଆଉ ଗରିବ ରହିବ ନାହିଁ। ସଭିଙ୍କୁ ରୋଟି, କପଡ଼ା ଓ ମକାନ୍ ଉପଲବ୍ଧ ହେବ। ଏହା ହିଁ ହେଉଛି ସାମ୍ୟବାଦ। ଏହି ଆଦର୍ଶକୁ ଭିତିକରି ଅନେକ ରାଷ୍ଟ୍ର ବିପ୍ଳବ ପରେ ଚୀନ, ରୁଷିଆ, ମଙ୍ଗୋଲିଆ, ଜର୍ମାନୀ ଭଳି ଦେଶମାନଙ୍କରେ ସାମ୍ୟବାଦ ଆଧାରରେ ସରକାରମାନ ପ୍ରତିଷ୍ଠିତ ହେଲା ଏବଂ ଶ୍ରମିକ ପ୍ରତିନିଧିଙ୍କ ହାତରେ

ଅରୁଣ କୁମାର ପଣ୍ଡା

ଶାସନ ଭାର ଅର୍ପଣ କରାଗଲା।

ପରନ୍ତୁ କିଛି ବର୍ଷର ପରୀକ୍ଷା ନିରୀକ୍ଷା ପରେ ତାସ ଘର ପରି ରୁଷିଆ ଭଳି କେତେକ ଶକ୍ତିଶାଳୀ ଦେଶରେ ସାମ୍ୟବାଦ ଧ୍ୱଂସ ପାଇଲା ଏବଂ ପୁଣି ସେଠାରେ ଗଣତନ୍ତ୍ର ପ୍ରତିଷ୍ଠିତ ହେଲା। ଏହାର କାରଣ ସ୍ୱରୂପ କୁହାଯାଇପାରେ କେବଳ ବସ୍ତୁବାଦକୁ ଭିତିକରି କରାଯାଇଥିବା ଆନ୍ଦୋଳନ ବା ସଂସ୍କାର ଚିରସ୍ଥାୟୀ ହୋଇ ରହେନାହିଁ। ଯଦି ଠିକ୍ ଭାବରେ ବିଚାର କରାଯାଏ ତେବେ ସାମ୍ୟବାଦର ମୂଳସ୍ରୋତ ହେଉଛି ଆଧ୍ୟାତ୍ମିକତା। ଆଧ୍ୟାତ୍ମିକତାର ମନ୍ତ୍ର ହେଲା- 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା। ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖଭାଗ ଭବେତ୍।' ଅର୍ଥାତ୍ ସମସ୍ତେ ସୁଖୀ ରହନ୍ତୁ, ସମସ୍ତଙ୍କ ସ୍ୱାସ୍ଥ୍ୟ ଠିକ୍ ରହୁ, ସମସ୍ତେ ସାଧୁ ଓ ସଚ୍ଚୋଟ ହୁଅନ୍ତୁ ତଥା କାହାକୁ କେତେବେଳେ ଦୁଃଖନପଡୁ। ଏଭଳି ଉଦାତ ବିଚାର ମାର୍କସଙ୍କ ଦର୍ଶନରେ ନାହିଁ। ଧନିକଙ୍କଠାରୁ ଛଡ଼ାଇ ନେଇ ଗରିବଙ୍କୁ ଧନୀ କରିବା ଅର୍ଥ ଧନିକଙ୍କୁ ଗରିବ କରିବା। ଫଳସ୍ୱରୂପ ସେହି ସମାନ ସ୍ଥିତିର ସୃଷ୍ଟି।

ଏକ ପରମପିତା ପରମାତ୍ମାଙ୍କ ସନ୍ତାନ ହେବା କାରଣରୁ ଆମ ଭିତରେ ପରସ୍ପର ଭ୍ରାତୃଭାବ ଆସିବା ଦରକାର। ଭାଇ ଭାଇର ବିଚାର ଆସିଲେ ଆମେ ଅନ୍ୟ ପ୍ରତି ଶଠତା, ପ୍ରବଂଚ୍ଛନା, ଛନ୍ଦ, କପଟ କରିବା ନାହିଁ ଏବଂ ପ୍ରେମ ସମ୍ବନ୍ଧ ଭିତରେ ରହିବ, ପରସ୍ପରକୁ ସହଯୋଗ କରିବାର ପ୍ରବୃତି ଆମ ଭିତରେ ଜାଗ୍ରତ ହେବ, ଯାହାକି ମନୁଷ୍ୟର ସ୍ୱାଭାବିକ ଗୁଣ। ଆତ୍ମିକ ଭ୍ରାତୃତ୍ୱର ଭାବନା ଦ୍ୱାରା ଆମେ ଶୋଷଣମୁକ୍ତ ଏକ ସାମ୍ୟବାଦର ସମାଜଗଠନ କରିବାକୁ ସମର୍ଥ ହୋଇପାରିବା। ସମାଜରେ ଉଚ୍ଚ-ନୀଚ ଧନୀ ଗରିବର ଭେଦଭାବ ରହିବ ନାହିଁ। ଅମିର ଗରିବ ସଂଘର୍ଷର ସମାପ୍ତି ଘଟିବ ଏବଂ ସର୍ବତ୍ର ସମାନତା ବା ସାମ୍ୟ ବିରାଜମାନ କରିବ। ଅତଃ ଆଧ୍ୟାତ୍ମିକତାର ପରିପ୍ରକାଶ ସାମ୍ୟବାଦ ବା ସମାଜବାଦ ରୂପରେ ହିଁ ହେବ।

ଏବେ ବିଚାର କରିବା ଆଧ୍ୟାତ୍ମିକତା ଓ ମାର୍କସଙ୍କ ସାମ୍ୟବାଦ ଭିତରେ ଫରକ କ'ଣ! ସାମ୍ୟବାଦ ସମାଜକୁ ଏକ ମେସିନ ବୋଲି ଭାବୁଥିବାବେଳେ ଆଧ୍ୟାତ୍ମିକତା ସମାଜକୁ ଏକ ପରିବାର ଭାବରେ ଦେଖେ- 'ବସୁଧୈବ କୁଟୁମ୍ବକମ୍'। ଯେପରି ପରିବାରରେ ମା, ବାପା, ଭାଇ, ଭଉଣୀ ଥାଆନ୍ତି, ସେହିପରି ସଂସାର ପରିବାରରେ ପରମାତ୍ମା ଆମର ମାତାପିତା। ଆତ୍ମିକ ଭାବନାରେ ଆମେ ସମସ୍ତ ଆତ୍ମା ସେହି ପରମାତ୍ମାଙ୍କ ସନ୍ତାନ ହୋଇଥିବାରୁ ଭାଇ ଭଉଣୀ ସମସ୍ତେ ନିଜନିଜର କର୍ତବ୍ୟ ଠିକ୍ ଭାବରେ ନିର୍ବାହ କଲେ ପରିବାରରେ ସୁଖ, ଶାନ୍ତି ଓ ସମୃଦ୍ଧି ଆସେ। ସେହିଭଳି ଦେଶ ଓ ସମାଜରେ ଆମେ ଉତରଦାୟୀ ଭାବେ କାର୍ଯ୍ୟ କଲେ ସାମାଜିକ ବ୍ୟବସ୍ଥା ସମରସତା ଭିତିରେ ଗଢ଼ିଉଠେ। ସମାଜର ବିକାଶ ସହିତ ପ୍ରତ୍ୟେକ ବ୍ୟକ୍ତିର ବିକାଶ ହୁଏ। ଯେଭଳି ଗୋଟିଏ ପରିବାରରେ ଜଣେ ସଦସ୍ୟର ଦେହ ଖରାପ ହେଲେ ଅନ୍ୟମାନେ ମିଳିମିଶି ତା'କାର୍ଯ୍ୟ ସମ୍ପାଦନ କରିବାପାଇଁ ଉଦ୍ୟମ କରନ୍ତି, ଠିକ୍ ସେହିଭଳି ସମାଜ, ରାଷ୍ଟ୍ର ଓ ବିଶ୍ୱରେ ଦୁର୍ବଳକୁ ସବଳ ଏବଂ ନିରାଶ୍ରୟକୁ ଆଶ୍ରୟ ଦେବାର ବ୍ୟବସ୍ଥା କେଉଁ ଅନାଦି ଅନନ୍ତ କାଳରୁ ଚାଲି ଆସିଛି। ବସ୍ତୁବାଦ ଓ ଆଧ୍ୟାତ୍ମିକ ବିଚାର ଅଭାବରୁ ଏକବିଂଶ ଶତାବ୍ଦୀରେ ଆମେ ସେହି ରୀତିକୁ ଛାଡ଼ି ଦେଇଛୁ, ଫଳରେ ସାମାଜିକ ବିଘଟନ ଓ ସମସ୍ୟା ଆମକୁ ଗ୍ରାସ କରିଛି। ସେହିଭଳି ସାମ୍ୟବାଦର କାର୍ଯ୍ୟପ୍ରଣାଳୀ ସ୍ଥୂଳ ଓ ଆଧ୍ୟାତ୍ମିକତାର ସୂକ୍ଷ୍ମ। ଏହି ସୂକ୍ଷ୍ମ କାର୍ଯ୍ୟଧାରାର ରୂପାୟନ ପାଇଁ ଶିକ୍ଷାକ୍ରମରେ ନିଶ୍ଚିତ ଭାବରେ ଆଧ୍ୟାତ୍ମିକତାକୁ ପ୍ରାଧାନ୍ୟ ଦିଆଯିବା ଉଚିତ।

# ଡ୍ରାଇଭର ଆଖି ବନ୍ଦ କଲେ ବାଜିବ ସାଇରନ

ଦେଶରେ ପ୍ରତ୍ୟେକ ବର୍ଷ ପାଖାପାଖି ସାଢ଼େ ଚାରିଲକ୍ଷ ଗାଡି ଦୁର୍ଘଟଣାର ଶିକାର ହୋଇଥାଏ। ପ୍ରତିବର୍ଷ ଦେଢ଼ ଲକ୍ଷ ଲୋକ ଦୁର୍ଘଟଣା କାରଣରୁ ପ୍ରାଣ ହରାଇଥାନ୍ତି। ଗାଡି ଚଳାଇବା ବେଳେ ଡ୍ରାଇଭରକୁ ନିଦ ଲାଗିବା କିମ୍ବା ମଦ୍ୟପାନ କରି ଗାଡି ଚଳାଇବା ଦୁର୍ଘଟଣାର କାରଣ। ଏଣୁ ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି ଏକ ଏଭଳି ଯନ୍ତ୍ର ଯାହା ଏଭଳି ଦୁର୍ଘଟଣା ହେବାରୁ ରକ୍ଷା କରିପାରିବ। ଗାଡି ଚଳାଇବା ବେଳେ କୌଣସି କାରଣରୁ ଡ୍ରାଇଭର ଆଖି ବନ୍ଦ କରିଦେଲେ ଗାଡି



ଆପେ ଧିମା ହୋଇଯିବ ଏବଂ ସାଇରନ୍ ବାଜିବ। ଦେଶର ୧୫ ଜଣ ଇଂଜିନିୟର ଟିମ୍ ଏହି ଯନ୍ତ୍ର ଉଦ୍ଭାବନ କରିଛନ୍ତି। ବେଙ୍ଗାଲୁରର ପ୍ରଫେସର ଏ ନରସିଂହ୍ମା ଭେଙ୍କଟେସ ଏହି ଟିମ୍‌ର ନେତୃତ୍ୱ ନେଇଛନ୍ତି। ଏହି ଯନ୍ତ୍ରଟିର ନାମ ଡିଟେକ୍ସନ୍ ସିଷ୍ଟମ ରଖାଯାଇଛି। ଡିଟେକ୍ସନ୍ ସିଷ୍ଟମ ମୁହଁ ଏବଂ ଆଖିର ଭାବକୁ ପଢ଼ିପାରିବ। ଡ୍ରାଇଭର ଗାଡି ଚଳାଇବା ଭଳି ଅବସ୍ଥାରେ ଅଛି କି ନାହିଁ ଏହା ଏହି ଯନ୍ତ୍ର ଯୋଗେ ଜଣାପଡିବ। ଏଥି ନିମନ୍ତେ ଯନ୍ତ୍ରରେ ଅତ୍ୟାଧୁନିକ ସେନ୍ସର ଲଗାଯାଇଛି। ସେନ୍ସର ଆଖିର ଗତିବିଧି ଉପରେ ନଜର ରଖିବ। ଏହି ଯନ୍ତ୍ରକୁ ଗାଡି ଖଞ୍ଜା ଯାଇପାରିବ। ଗାଡି ଚଳେଇବା ସମୟରେ ଡ୍ରାଇଭରର ଆଖି ବୁଜି ହୋଇଗଲେ ଗାଡିଟି ଆପେ ଧିମା ହୋଇଯିବ ଏବଂ ସାଇରନ ବାଜିବ। ଫଳରେ ଡ୍ରାଇଭର ସଜାଗ ହୋଇ ଦୁର୍ଘଟଣାରୁ ରକ୍ଷା ପାଇପାରିବ। ଯନ୍ତଟି ଉଦ୍ଭାବନ କରିଥିବା ଟିମ୍‌ରେ ଉତ୍ତରାଖଣ୍ଡ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ ଏବଂ ଓଡ଼ିଶାର ପ୍ରଫେସର ମଧ୍ୟ ସାମିଲ ଥିଲେ। ଏହି ପ୍ରଫେସରମାନେ ଇଣ୍ଟରନେଟ୍ ମିଡିଆ ନାମକ ଏକ ସାଇଟ୍‌ରେ ପରସ୍ପରକୁ ସାକ୍ଷାତ୍ କରିଥିଲେ।

# ୪୦ କୋଟିର ଡ୍ରେସ୍ ପିନ୍ଧି ର୍‍ୟାମ୍ପରେ ଚାଲିଲେ ଉର୍ବଶୀ

ବଲିଉଡ ଅଭିନେତ୍ରୀ ଉର୍ବଶୀ ରାଉତେଲା ସର୍ବଦା ନିଜ ଗ୍ଲାମରସ ଲୁକ୍ ଆଉ ଅନ୍ଦାଜରେ ସମସ୍ତଙ୍କୁ କରନ୍ତି ଦିୱାନା। ତାଙ୍କ ଲୁକ୍ ଦେଖି ପ୍ରଶଂସକଙ୍କ ହୋସ୍ ଉଡିଯାଏ। ସେ ଫ୍ୟାଶନ୍ ୱାର୍ଲ୍ଡରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଫିଲ୍ମରେ ଏତେଟା ସଫଳ ହୋଇନଥିବା ଉର୍ବଶୀ ଫ୍ୟାଶନ୍ ୱାର୍ଲ୍ଡରେ କିନ୍ତୁ ବେଶ୍ ସଫଳତା ହାସଲ କରିଛନ୍ତି। ତାଙ୍କୁ ପ୍ରାୟତଃ ଭିନ୍ନ ଭିନ୍ନ ଫ୍ୟାଶନ୍ ଶୋ'ରେ କେତେବେଳେ ଜଜ୍ ରୂପେ ନଜର ଆସନ୍ତି ତ ଆଉ କେତେବେଳେ ଶୋ' ଟପ୍ପର ରୂପେ। ନିକଟରେ ଏଭଳି ହିଁ ଏକ ଅରବ ଫ୍ୟାଶନ୍ ୱିକ୍‌ରେ ତାଙ୍କୁ ଦେଖିବାକୁ ମିଳିଛି। ଏଠାରେ ତାଙ୍କୁ ଲକ୍ ଦେଖି ସମସ୍ତ ହୋସ୍ ଉଡିଯାଇଛି। ଅରବ ଫ୍ୟାଶନ ଶୋ'ରେ ରାମ୍ପ ୱାକ୍ କରିଛନ୍ତି ଉର୍ବଶୀ। ପ୍ରଥମ ଭାରତୀୟ ମହିଳା ରୂପେ ଉର୍ବଶୀ ଏହି ଶୋ'ରେ ଦୁଇ ଥର ସାମିଲ ହୋଇ ସାରିଲେଣି। ତେବେ ଏହି ଫ୍ୟାଶନ ଶୋ'ରେ ସବୁଠାରୁ ମୁଖ୍ୟ ଥିଲା ଉର୍ବଶୀଙ୍କୁ ଡ୍ରେସ୍ ଓ ତାଙ୍କ ଲୁକ୍। ୪୦ କୋଟି ଟଙ୍କାର ଡ୍ରେସ୍ ପିନ୍ଧି ରାମ୍ପ ୱକ୍ କରିଥିଲେ ଉର୍ବଶୀ। ଉର୍ବଶୀ ପିନ୍ଧିଥିବା ଏହି ୪୦ କୋଟିର ରୟାଲ ଆଉଟ୍‌ଫିଟ୍‌ରୁ ସୁନା ଓ ହୀରା ତିଆରି। ଡ୍ରେସ୍‌ରେ



ସୁନାର ଚେନ୍ ଝୁଲି ରହିଥିବା ବେଳେ ହୀରା ଖଚିତ ହୋଇଛି। ତେବେ ସବୁଠାରୁ ଆକର୍ଷଣୀୟ ଥିଲା ଉର୍ବଶୀ ନିଜ ମୁଣ୍ଡ ପିନ୍ଧିଥିବା ମୁକୁଟ। ଏହା ମଧ୍ୟ ପୁରା ସୁନାରେ ତିଆରି। ଏହି ହାଇ ସ୍ଲିଟ୍ ଗୋଲ୍ଡେନ୍ ଗାଉନ୍‌କୁ ଫର୍ଣ୍ଣେ ୱନ୍ ଅମାଟୋ ଡିଜାଇନ୍ କରିଥିଲେ। ଏହାପୂର୍ବରୁ ଓମେଟା ପ୍ରସିଦ୍ଧ ହଲିଉଡ ପପ୍ ଗାୟିକା ବିୟୋନ୍ସ, ଜେନିଫର ଲୋପେଜ୍‌ଙ୍କ ପାଇଁ ମଧ୍ୟ ଡ୍ରେସ୍ ଡିଜାଇନ୍ କରିସାରିଛନ୍ତି।

## ଆମ ମାତୃଭାଷା ଆମ ପରିଚୟ



ମାଆ ମୁଖ ଭାଷା ଆମ ମାତୃଭାଷା
ସେତ ସବୁଠୁ ସୁନ୍ଦର
ନିଜର ଭାଷାକୁ ସନମାନ ଦେଲେ
ଜଗତେ ହେବ ମଧୁର ୧
ଓଡିଶା ପ୍ରଦେଶେ ଜନମ ଆମର
ଓଡ଼ିଆର ପରିଚୟ
ଓଡ଼ିଆ କହିବା ଓଡ଼ିଆ ଲେଖିବା
ଓଡ଼ିଆ ପଠନ ପ୍ରୀୟ ୨
ଆମ ମାତୃଭାଷା ସର୍ବ ଗୁଣେ ଶ୍ରେଷ୍ଠ
ସେତ କେବେ ନୁହେଁ ନ୍ୟୁନ
ମାତର ଆଦର ମାତୃଭାଷା ଦେଲେ
ଜଗତେ ହେବ ମହାନ ୩
ଓଡ଼ିଆ ଭାଷାର ସ୍ୱାଭିମାନ ରକ୍ଷା
ଆମ ପରିଚୟ ହେବ
ସର୍ବେ ମିଶି ଆମେ ସଂକଳ୍ପ କରିଲେ
ଭାଷା ବିକଶିତ ହେବ ୪
ସବୁ ଭାଷା ଆମେ ଅଧ୍ୟୟନ କରି
ଓଡ଼ିଆକୁ ନ ଭୁଲିବା
ମାତୃଭାଷା ଆମ ପରିଚୟ ଦିଏ
ଶୁଦ୍ଧ ଓଡ଼ିଆ କହିବା ୫
ମନର ଭାବକୁ ପ୍ରକାଶ କରିବା
ମାତୃଭାଷା ମାଧ୍ୟମରେ
ନିଜ ସନ୍ତାନକୁ ପାଠ ପଢ଼ାଇବା
ଓଡ଼ିଆ ବିଦ୍ୟାଳୟରେ ୬
ଆମେତ ଓଡ଼ିଆ ଭାଷା ତ ବଢିଆ
ଏହି ଆମ ପରିଚୟ
ଓଡ଼ିଆ ଭାଷାର ମାନ ବଢାଇବା
ସେ ହୋଇବ ଲୋକ ପ୍ରୀୟ ୭
ମାତୃଭାଷା ଆମ ସରକାରୀ ଭାଷା
ଶାସ୍ତ୍ରୀୟ ମାନ୍ୟ ପାଇଛି
ମଧୁ ଓ ଫକୀର ରାଧାନାଥ ରାୟ
ତାକୁ ସମ୍ମାନ ଦେଇଛି ୮
କାବ୍ୟ କବିତା ସୃଜନ କରିବା
ଭାଷାର ବିକାଶ ପାଇଁ
ବାଣୀ ଭଣ୍ଡାରକୁ ସମୃଦ୍ଧ କରିବା
ନୂତନତା ଭରି ଦେଇ ୯

ଆକାଂକ୍ଷା ଦାଶ, ବଲାଙ୍ଗୀର

# ଭାଲୁ ଖାଉଛି ଆଇସକ୍ରିମ୍

ଛତିଶଗଡର କାକେର ସହରରେ ଗତ କିଛିଦିନ ହେବ ଜଙ୍ଗଲୀ ଭାଲୁଙ୍କର ଅଜବ ଗତିବିଧି ଦେଖିବାକୁ ମିଳିଛି। ରାତି ସମୟରେ ଜଙ୍ଗଲୀ ଭାଲୁ ସହର ମଧ୍ୟ ଆସି ଆଇସକ୍ରିମ୍ ଠେଲା ମଧ୍ୟରୁ ଆଇସକ୍ରିମ୍ ଖାଇ ଦେଉଥିବା ଜଣାପଡିଛି। ଅଙ୍କିତ କୁମାବତ ନାମକ ଜଣେ ଆଇସକ୍ରିମ୍ ବ୍ୟବସାୟୀଙ୍କ ମୁତାବକ, ସହରର ୨ଟି ଜାଗାରେ ସେ ଏବଂ ତାଙ୍କ ଭାଇ ଠେଲା ଗାଡିରେ ଆଇସକ୍ରିମ୍ ବିକ୍ରି କରନ୍ତି। କିନ୍ତୁ ଲଗାତର ୩ରୁ ୪ ମାସ ହେବ ୪-୫ଟି ଭାଲୁ ରାତି ସମୟରେ ଆସି ତାଙ୍କର ଆଇସକ୍ରିମ୍ ଖାଇ ଦେଉଛନ୍ତି। ଏହିଭଳି ମାସ ମଧ୍ୟରେ ଭାଲୁ ତାଙ୍କର ୫୦ରୁ ୬୦ ହଜାର ଟଙ୍କାର ଆଇସକ୍ରିମ୍ ଖାଇ ସାରିଥିବା ସେ ଅଭିଯୋଗ କରିଛନ୍ତି। ଭାଲୁକୁ ଘଉଡାଇବାକୁ ସେ ବିଭିନ୍ନ ପ୍ରୟାସ କରିବା ପରେ ମଧ୍ୟ ଏଥିରେ ବିଫଳ ହୋଇଛନ୍ତି। ଆଇସକ୍ରିମ୍ ଠେଲା ଚାରିପାଖେ ଆଲୁମିନିୟମ୍ ବାଡ ଦେଇଥିଲେ ମଧ୍ୟ ଭାଲୁ ଏହାକୁ ଭାଙ୍ଗି ଠେଲା ମଧ୍ୟରୁ ଆଇସକ୍ରିମ୍ ଖାଇ ଦେଉଥିବା ସେ କହିଛନ୍ତି। ତାଙ୍କ ଆଖପାଖରେ ରହୁଥିବା ତାଙ୍କର ସାଥୀ ଆଇସକ୍ରିମ୍ ବ୍ୟବସାୟୀ ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ଏ ନେଇ ମିଳିତ ଭାବେ ସେମାନେ ବନ ବିଭାଗ ନିକଟରେ ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି।



# ପାଠରେ ନ ଥିଲା ମନ ବର୍ତ୍ତମାନ ବ୍ରୋକରେଜ କମ୍ପାନୀର ମାଲିକ



ଦେଶର ଖ୍ୟାତନାମା ଯୁବ ବ୍ୟବସାୟୀ ତଥା ଦେଶର କୋଟିପତି ତାଲିକାରେ ସ୍ଥାନ ସୃଷ୍ଟି କରିପାରିଥିବା ନିଖିଳ କାମତ ନିଜର ସ୍କୁଲ ଶିକ୍ଷା ପୂରଣ କରି ପାରିନଥିଲେ ବୋଲି ନିକଟରେ ଏକ ସାକ୍ଷାତକାରରେ କହିଥିଲେ। ନିଖିଳ ଦେଶର ସର୍ବବୃହତ୍ ବ୍ରୋକରେଜ କମ୍ପାନୀ ଜେରୋଧାର ପ୍ରତିଷ୍ଠାତା। ୨୦୧୦ରେ ଏହି କମ୍ପାନୀ ଆରମ୍ଭ କରିଥିଲେ, ଯାହା ଏବେ ଅନ୍ତର୍ଜାତୀୟ ସ୍ତରରେ ବେଶ୍ ନାଁ କରିପାରିଛି। ସାକ୍ଷାତ୍‌କାରରେ ନିଖିଳ କହିଛନ୍ତି, ସ୍କୁଲରେ ଉପସ୍ଥାନ କମ୍ ହେବା କାରଣରୁ ସେ ଦଶମ ବୋର୍ଡ ପରୀକ୍ଷା ଦେଇ ପାରିନଥିଲେ। ସ୍କୁଲର ପାଠପଢ଼ାରେ ତାଙ୍କର ମନ ଲାଗୁନଥିଲା କାରଣରୁ ସେ ଅଧିକାଂଶ ସମୟ ସ୍କୁଲରେ ଅନୁପସ୍ଥିତ ରହିଥାନ୍ତି। ଏହି ସମୟରେ ସେ ପୁରୁଣା ଫୋନ୍ ବିକ୍ରି କରି ଟଙ୍କା ରୋଜଗାର କରୁଥିବା ମଧ୍ୟ ପ୍ରକାଶ କରିଛନ୍ତି। ଏହା ତାଙ୍କ ଜୀବନର ପ୍ରଥମ ବ୍ୟବସାୟ ଥିଲା ବୋଲି ସେ କହିଛନ୍ତି। ନିଖିଳ ସ୍କୁଲ ଶିକ୍ଷା ଛାଡିବା ପରେ ୧୭ ବର୍ଷ ବୟସରେ ୮୦୦୦ ଟଙ୍କା ଦରମାରେ କଲ୍‌ସେଣ୍ଟରରେ କାମ କରୁଥିଲେ। ପିଲା ଦିନରୁ ନିଖିଳ ଜଣେ ବ୍ୟବସାୟୀ ହେବାକୁ ଚାହୁଁଥିଲେ ବୋଲି କହିଛନ୍ତି।

# ରାତି ଜଗୁଆଳିରୁ ଆଇଆଇଏମ୍ ପ୍ରଫେସର

ଇଚ୍ଛାଶକ୍ତି ଥିଲେ କୌଣସି ଜିନିଷ ଅସମ୍ଭବ ନୁହେଁ, ଏହା ପ୍ରମାଣିତ କରିଛନ୍ତି କେରଳର ରଣଜିତ ରାମଚନ୍ଦ୍ରନ୍। କାସରଗଡରେ ଜନ୍ମିତ ୨୮ ବର୍ଷୀୟ ରଣଜିତଙ୍କ ସଫଳତାର କାହାଣୀ ଖୁବ୍ ପ୍ରେରଣାଦାୟୀ। ଜଣେ ନାଇଟ୍ ଗାର୍ଡରୁ ସେ କିଭଳି ଭାବେ ଆଇଆଇଏମ୍ ଭଳି ଭାରତର ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପ୍ରଫେସର ହୋଇପାରିଲେ ଏକଥା ସେ ସୋସିଆଲ ମିଡିଆ ଯୋଗେ ଜଣାଇଛନ୍ତି। ରଣଜିତଙ୍କର ଏହି ପୋଷ୍ଟ ବେଶ୍ ଭାଇରାଲ ହୋଇଛି। ସେ ସୋସିଆଲ ମିଡିଆରେ ନିଜର ସଂଘର୍ଷଭରା କାହାଣୀ ବର୍ଣ୍ଣନା କରିବା ସହ ନିଜର ଛୋଟ କୁଡ଼ିଆ ଘରର ଫଟୋ ସେୟାର କରିଛନ୍ତି। ଜଣେ ଆଇଆଇଏମ୍ ପ୍ରଫେସର ଏହି କୁଡିଆ ଘରେ ଜନ୍ମ ହୋଇଥିଲା ବୋଲି ସେ ଫଟୋଟିରେ କ୍ୟାପସନ୍ ଦେଇଛନ୍ତି। ଜୀବନରେ ବାଧାବିଘ୍ନ ଆସିବା କାରଣରୁ ନିଜର ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ଯାଉଥିବା ଯୁବପୀଢ଼ିଙ୍କୁ ସେ ଅନୁପ୍ରାଣିତ କରିବାକୁ ଚାହୁଁଛନ୍ତି ବୋଲି ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ପୋଷ୍ଟରେ ରଣଜିତ ଲେଖିଛନ୍ତି, ମୋ ଜୀବନରେ ଏମିତି ଏକ ସମୟ ଆସିଥିଲା ଯେବେ ମୁଁ ମୋ ସ୍କୁଲ ପାଠପଢ଼ା ଛାଡି ଚାକିରି କରି ଘର ଲୋକଙ୍କୁ ସାହାଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲି। ମୋ ବାପା ଜଣେ ଦରଜୀ ହୋଇଥିବା ବେଳେ ମା ମନରେଗା ଶ୍ରମିକ। ସ୍ୱଳ୍ପ ରୋଜଗାରରେ ଘରର ପ୍ରତିପୋଷଣ ଖୁବ୍ କଷ୍ଟକର ହେଉଥିଲା। ମୋ ତଳେ ଛୋଟ ଭାଇଭଉଣୀ ଅଛନ୍ତି।



ଘରର ବଡ଼ ପୁଅ ଭାବେ ମୁଁ ପିଲାଟି ଦିନୁ ସଂଘର୍ଷ ଆରମ୍ଭ କରିଥିଲି। ମୁଁ କଲେଜରେ ପାଠପଢ଼ା ଆରମ୍ଭ କରିବା ପରେ ୪୦୦୦ ଟଙ୍କା ମାସିକ ଦରମାରେ ଏକ ବିଏସ୍‌ଏନ୍‌ଏଲ୍ ଟେଲିଫୋନ୍ ଏକ୍ସଚେଞ୍ଜ ସେଣ୍ଟରରେ ନାଇଟ୍ ଗାର୍ଡ ଭାବେ କାମ କଲି। ମୋର ସ୍ନାତକୋତ୍ତର ପାଠପଢ଼ା ଶେଷ ପର୍ଯ୍ୟନ୍ତ ମୁଁ ଏଠାରେ କାମ କରୁଥିଲି। ସେ ସମୟରେ ମୁଁ ଘରକୁ କେବଳ ଖାଇବାକୁ ଯାଏ। ବାକି ସବୁ ସମୟରେ ଟେଲିଫୋନ୍ ଏକ୍ସଚେଞ୍ଜ ସେଣ୍ଟରରେ ରହି ପାଠ ପଢ଼େ। ସ୍ନାତକୋତ୍ତର ପରେ ଆଇଆଇଟି ମାଡ୍ରାସରେ ମୁଁ ପିଏଚ୍‌ଡି କରିବାର ସୁଯୋଗ ପାଇଲି। ସେତେ ପର୍ଯ୍ୟନ୍ତ ମୁଁ ମୋ ଜିଲ୍ଲା ବାହାରେ ପାଦ ରଖି ନଥିଲି। ପିଏଚ୍‌ଡିରେ ପାଠ ପଢ଼ିବା ସମୟରେ ମୋତେ ଭଲ ଭାବରେ ଇଂରାଜୀ ଆସୁନଥିଲା। ମୁଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲି। ଏଣୁ ପିଏଚ୍‌ଡି ପାଠପଢ଼ା ଅଧାରୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲି। କିନ୍ତୁ ତାଙ୍କର ଗାଇଡ୍ ଏ ସମୟରେ ତାଙ୍କୁ ବେଶ୍ ସାହାଯ୍ୟ କରିଥିଲେ ଫଳରେ ସେ ଅର୍ଥନୀତିରେ ପିଏଚ୍‌ଡି ହାସଲ କରିପାରିଲେ ବୋଲି କହିଛନ୍ତି। ଏଭଳି ଭାବେ ବିଭିନ୍ନ ବାଧାବିଘ୍ନ ପରେ ମଧ୍ୟ ହାର ନ ମାନି ରଣଜିତ ନିଜର ଆଶା ପୂରଣ କରିପାରିଛନ୍ତି। ରଣଜିତ୍ ବେଙ୍ଗାଲୁରର କ୍ରିଷ୍ଟ ୟୁନିଭର୍ସିଟିରେ କିଛି ଦିନ ପାଠ ପଢ଼ାଇବା ପରେ ଏବେ ରାଞ୍ଚି ଆଇଆଇଏମ୍‌ରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ପାଠ ପଢ଼ାଉଛନ୍ତି।



# ପତ୍ନୀଙ୍କ ଇଚ୍ଛା ପୂରଣ ପାଇଁ ବିମାନ ତିଆରି କଲେ ସ୍ୱାମୀ

କରୋନା ମହାମାରୀ ସମସ୍ତଙ୍କ ଜୀବନକୁ ସମ୍ପୂର୍ଣ୍ଣ ରୂପେ ବଦଳେଇ ଦେଇଛି। ପ୍ରତ୍ୟେକ ଦିନ କିଛି ନା କିଛି ଖରାପ ଖବର ସାମ୍ନାକୁ ଆସୁଛି। କିନ୍ତୁ ଏହି ମହାମାରୀ ଅନେକଙ୍କ ପାଇଁ କିଛି ନୂଆ କରିବାର ସୁଯୋଗ ମଧ୍ୟ ସୃଷ୍ଟି କରିଛି। କୋଭିଡ୍ ଲକ୍‌ଡାଉନ୍ ସମୟରେ ଜଣେ ପରିବାର ଘରେ ରହି ବିମାନ ତିଆରି କରିଛନ୍ତି। ଏହି ବିମାନଟି ବାୟୁରେ ଭଲ ଉଡିଥାଏ। ୟୁଟ୍ୟୁବ୍ ଭିଡିଓ ଦେଖି ଏହି ବିମାନଟି ତିଆରି ହୋଇଛି। ଏହି ବିମାନ ତିଆରି କରିଥିବା ପରିବାର ଇଂଲଣ୍ଡର ଏସେକ୍ସରେ ରୁହନ୍ତି। ଏସେକ୍ସର ୩୮ ବର୍ଷିୟ ଅଶୋକ, ତାଙ୍କର ପତ୍ନୀ ଅଭିଳାଶା ଦୁବେ, ଝିଅ ତାରା ଏବଂ ଦିୟା ଏକାଠି ଏହି ବିମାନ ତିଆରି କରିଛନ୍ତି। ଅଶୋକ ଜଣେ ଭଲ ପାଇଲଟ୍ ଏବଂ ଜଣେ ଇଞ୍ଜିନିୟର। ସେ ତାଙ୍କ ପରିବାର ସହିତ ମିଶି ୨ ବର୍ଷରେ ଏହି ବିମାନ ପ୍ରସ୍ତୁତ କରିଛନ୍ତି। ଅଶୋକଙ୍କ ପତ୍ନୀ ଅଭିଳାଶା ଏକ ବିମାନ କିଣିବାକୁ ଚାହୁଁଥିଲେ। ଏକଥା ଶୁଣିବା ପରେ ଅଶୋକ ଘରେ ନିଜର ବିମାନ ତିଆରି କରିବାକୁ ନିଷ୍ପତ୍ତି ନେଇଥିଲେ। ୟୁଟ୍ୟୁବ୍‌ରୁ ଭିଡିଓ ଦେଖିବା ପରେ ସେ ବିମାନ ତିଆରି କରିବା ଆରମ୍ଭ କଲେ। ଏହି ବିମାନରେ ୪ଜଣ ଲୋକ ବସିପାରିବେ। ଏହାକୁ ତିଆରି କରିବା ପାଇଁ ଅଶୋକଙ୍କୁ ତାଙ୍କ ପରିବାର ଲୋକେ ସାହାଯ୍ୟ କରିଛନ୍ତି। ୨୦୨୦ ମସିହାରୁ ସେ ଏହି ବିମାନର ପାର୍ଟ କିଣି କାମ କାମ ଆରମ୍ଭ କରିଥିଲେ।

# ବାଲିଗୁଡା ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ
# ବେ ଆଇନ ଇଟା ଭାଟି ଭାଙ୍ଗିଲା : ଭୟ ଆତଙ୍କ ରେ ଜମି ମାଫିଆ

ବାଲିଗୁଡା ,୨୧/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ରେ ଦିନକୁ ଦିନ ସରକାରୀ ଜମି ଜବର ଦଖଲ ବେଆଇନ ଇଟାଭାଟି ଗଡି ଉଠୁଥିବାରୁ ବାଲିଗୁଡା ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ଷନୁଷ୍ଠାନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ ରେ ବାଲିଗୁଡା ମୌଜାର ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ର ପଣସ ପଡି ଅଞ୍ଚଳରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଦୀର୍ଘ ବର୍ଷ ହେବ ବାଲିଗୁଡା ଏନଏସିର ନୁଆସାହି ଦଣ୍ଡପଦର ପଣସପଡି ଗୁଳିମରା ମୁଣ୍ଡାସାହି ଭଗାମୁଣ୍ଡା, ସୁନାପାଙ୍ଗା ଜାମପଦା ଆଦି ବସ୍ତିରେ ଜମି ମାଫିଆ ବେଶ ସକ୍ରିୟ ହୋଇ ବଡ ବଡ ଅଟ୍ଟାଳିକା ନିର୍ମାଣ କରି କ୍ରିୟ ଓ ଭଡା ସୂତ୍ରରେ ଦେଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ଅଭିଯୋଗ ପରେ ଆକ୍ସନ ମୋଡ଼ରେ ତହସିଲଦାର । ସୋମବାର



ବାଲିଗୁଡା ଏନଏସି ର ଏଗାର ନମ୍ବର ୱାର୍ଡ ରେ ତହସିଲଦାର ଦୀପ୍ତି ରଞ୍ଜନ ବେହେରା ଓ ପୋଲିସ ପ୍ରଶାସନ ଉପସ୍ଥିତି ରେ ବିଭିନ୍ନ ସରକାରୀ ଜମିକୁ ଜବରଦଖଲ କରି ସରକାରୀ କର୍ମଚାରୀ ଓ ଧନୀକ ଶ୍ରେଣୀ ର ବ୍ୟକ୍ତି ଅଟ୍ଟାଳିକା ନିର୍ମାଣ କରିଥିବା ଜବର ଦଖଲ ଜମି କୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛନ୍ତି ଏବଂ ବେଆଇନ ଇଟା ଭାଟି କୁ ମଧ ଭାଙ୍ଗି ନଷ୍ଟ କରିଛନ୍ତି ।ବାଲିଗୁଡ଼ା ଏନ୍ଏସି ର ବିଭିନ୍ନ ୱାର୍ଡରେ ହୋଇଥିବା ସରକାରୀ ଜମି ବେ ଦଖଲ ଉପରେ ଉଚ୍ଛେଦ ଅଭିଯାନ ପର୍ଯ୍ୟାୟ କ୍ରମେ ସବୁ ୱାର୍ଡ ରେ ଆରମ୍ଭ ହେବ ବୋଲି ତହସିଲଦାର ଦିପ୍ତୀ ରଞ୍ଜନ ବେହେରା ସୂଚନା ଦେଇଛନ୍ତି । ବାଲିଗୁଡ଼ାରେ ସହର ରେ ସତୁରୀ ପ୍ରତିଶତ ସରକାରୀ ଜମି ଉପରେ ବେଆଇନ କୋଠା ନିର୍ମାଣ ହୋଇଛି । ପର୍ଯ୍ୟାୟ କ୍ରମେ ବେଆଇନ ଦଖଲ ଉଚ୍ଛେଦ କରି ସମସ୍ତ ସରକାରୀ ଜମି ସରକାରୀ ଖାତାକୁ ଫେରିବ ବୋଲି ତହସିଲଦାର ଗଣ ମାଧ୍ୟମ କୁ କହିଛନ୍ତି ଶ୍ରୀ ବେହେରା ସ୍ୱଳ୍ପ ସମୟ ମଧ୍ୟରେ ବହୁ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ କରିଥିବାରୁ ସହରବାସୀ ସାଧୁବାଦ୍ ଜଣାଇଥିବା ବେଳେ କିଛି ଜମି ମାଫିଆଙ୍କ ଆଖିରୁ ନିଦ ହଜିବା ସହ କୋକୁଆ ଭୟ ସୃଷ୍ଟି ହୋଇଛି। କିଛି ସରକାରୀ କର୍ମଚାରୀ ଦଲାଲ ଙ୍କ ଠାରୁ ଜମି କିଣି ଘର କରିବା ପ୍ରସ୍ତୁତ ଚଳାଇ ଥିବା ବେଳେ ହଠାତ୍ ତହସିଲଦାର ଙ୍କ ଚଢାଉ ଦ୍ୱାରା ଭୟବିତ ହୋଇଯାଇଛନ୍ତି। ଏପଟେ ଜମି ଦଲାଲ୍ ଙ୍କ ଠାରୁ ସରକାରୀ ଜମି କିଣି ଥିବା ଲୋକ କିପରି ନିଜ ଟଙ୍କା ଫେରସ୍ତ ପାଇବ ସେ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ବର୍ତ୍ତମାନ ଜମି ମାଫିଆ ବେଆଇନ୍ ଭାବେ ଲକ୍ଷ ଲକ୍ଷ ଟଙ୍କା ଅର୍ଜନ କରି ବିଳାସ ମୟ ଜୀବନ ବିତାଉଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଅନୁସୂଚିତ ଜାତି ମୋର୍ଚ୍ଚାର ସାଙ୍ଗଠନିକ ବୈଠକ ଓ କର୍ମକର୍ତ୍ତା ଚୟନ

ବାଲିଗୁଡା ୨୧/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଅନୁଚୁଚିତ ଜାତି ମୋର୍ଚ୍ଚା ର ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ସାରଙ୍ଗଗଡ଼ ଠାରେ ଥିବା ମା' ମଙ୍ଗଳା କଲ୍ୟାଣ ମଣ୍ଡପ ଠାରେ ମୋର୍ଚ୍ଚାର ଆବାହକ ତଥା ପାଣ ସମାଜ ର ପୂର୍ବତନ ଜିଲ୍ଲା ସଭାପତି ଅନାମ ନାଏକ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ଜିଲ୍ଲା ରୁ ଆସିଥିବା ରାଜ୍ୟ କେଡିକେ ହଟାଓ ଆନ୍ଦୋଳନ ର ରାଜ୍ୟ ସଭାପତି ସୁଧାଂଶୁ ଡାଙ୍ଗ, ବୌଦ୍ଧ ଜିଲ୍ଲା କେଡିକେ ହଟାଓ ଜିଲ୍ଲା ସଭାପତି ବଟକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ବେଳେ ଜିଲ୍ଲା ର ପ୍ରତ୍ୟେକ ବ୍ଲକ ରୁ ଅନୁସୂଚିତ ଜାତି ସମ୍ପ୍ରଦାୟର କର୍ମକର୍ତା ଉପସ୍ଥିତି ଥିଲେ ଓ ଏହି ଅବସରରେ ଅଖିଳ ଭାରତୀୟ ଅନୁସୂଚିତ ଜାତି ମହାସଂଘ କନ୍ଧମାଳ ଜିଲ୍ଲା ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା ଓ ସର୍ବସମ୍ମତି କ୍ରମେ ଅନାମ ନାଏକ ଙ୍କୁ ମହାସଂଘ ର ସଭାପତି ଭାବରେ ଚୟନ କରାଯାଇଥିବା ବେଳେ ସାଙ୍ଗଠନିକ ସମ୍ପାଦକ ଭାବରେ ଚନ୍ଦ୍ରମୋହନ ନାଏକ, ସାଧାରଣ ସମ୍ପାଦକ ଭାବରେ ସୁଶାନ୍ତ କୁମାର ମୁଖି କାର୍ଯ୍ୟକାରୀ ସମ୍ପାଦକ ଭାବରେ ନୀଳାଞ୍ଚଳ ନାଏକ, ସହ ସମ୍ପାଦକ ଭ୍ରମରବର ନାଏକ ଙ୍କୁ ଚୟନ କରାଯାଇଛି ଓ ସେହିଭଳି ଉପସଭାପତି ଭାବରେ ପ୍ରକାଶ ଚନ୍ଦ୍ର ମୁଖି, ଗହନ ବେହେରା, କାର୍ଯ୍ୟକାରୀ ସଭାପତି ଭାବରେ ଦାଶରଥି ବେହେରା ଓ କୋଷାଧକ୍ଷ ଭାବରେ ରୋହିଦାସ ନାଏକ ଙ୍କୁ ଚୟନ କରାଯାଇଛି ଓ ସେହିଭଳି ଜିଲ୍ଲାର ପ୍ରତ୍ୟକ ବ୍ଲକ ରୁ ତିନି ରୁ ଚାରି ଜଣ ବ୍ୟକ୍ତି ଙ୍କୁ ବ୍ଲକ ସଂଯୋଜକ ଭାବରେ ଦାୟିତ୍ୱ ଦିଆଯାଇଛି ଓ ତେବେ ନିଜ ହକପାଇଁ ସରକାରଙ୍କ ପାଖରେ ଦାବି ଉପସ୍ଥାପନା କରିବା ଓ କେଉଟ, ଧୀବର ଓ କୈବର୍ତ୍ୟ ଜାତି କୁ ଅନୁସୂଚିତ ଜାତି ରୁ ବାଦ ଦେବା ଏହି ସଂଗଠନ ର ମୂଳ ଲକ୍ଷ୍ୟ ରହିଥିବା ବେଳେ ଅନୁ ସୂଚିତ ଜାତି ର ହକ ପାଇଁ ଲଢେଇ ଜାରି ରହିବ ବୋଲି ନବନିଯୁକ୍ତ ନେତୃମଣ୍ଡଳୀ ମାନେ ମତ ପ୍ରକାଶ କରିଥିଲେ।

# ମହିଳା ଭାର ଉତ୍ତୋଳନରେ ଜାତୀୟ ସ୍ତରରେ ରୌପ୍ୟ ପଦକ ପାଇଲେ ରିଙ୍କି ନାୟକ

ବୁଗୁଡା ୨୧/୧ (ନି.ପ୍ର): ଗଂଜାମ ଜିଲ୍ଲାର ବୁଗୁଡା ବ୍ଲକ ଅନ୍ତର୍ଗତ ବାଲିପଦର ଆଞ୍ଚଳିକ ଡିଗ୍ରୀ କଲେଜର ଛାତ୍ରୀ ରିଙ୍କି ନାୟକ, ଉତ୍ତର ପୂର୍ବ ଜୋନର ବିଶ୍ୱବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ସର୍ବଭାରତୀୟ ମହିଳା ଭାର ଉତ୍ତୋଳନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ପାଇ ବାଲିପଦର କଲେଜ ସମେତ ଓଡିଶା ପାଇଁ ଗୌରବ ଆଣିପାରିଛନ୍ତି। ଭାରତୀୟ ବିଶ୍ୱବିଦ୍ୟାଳୟ ସଙ୍ଘ ଆନୁକୂଲ୍ୟରେ ପଞ୍ଜାବ ରାଜ୍ୟର ଲଭଲି ପ୍ରଫେସନାଲ ୟୁନିଭରସିଟି ରେ ଜାନୁଆରୀ ୨୦ ଓ ୨୧ ତାରିଖ ଦୁଇଦିନ ଧରି ଉତ୍ତର ଓ ପୂର୍ବ ଭାରତର ସମସ୍ତ ବିଶ୍ୱବିଦ୍ୟାଳୟ ଗୁଡିକୁ ନେଇ ଏହି ମହିଳା ଭାର ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସର୍ବଭାରତୀୟ ମହିଳା ଭାର ଉତ୍ତୋଳନ ପ୍ରତିଯୋଗିତାର ପ୍ରଥମ ଦିବସରେ ବାଲିପଦରର ଆଞ୍ଚଳିକ ଡିଗ୍ରୀ କଲେଜର ଛାତ୍ରୀ ରିଙ୍କି ନାୟକ ସ୍ନାଚରେ ୬୩ କେ.ଜି. ଏବଂ କ୍ଲିନ ଅଣ୍ଡ ଜର୍କ ରେ ୮୧ କେ.ଜି. ଭାର ଉତ୍ତୋଳନ କରି ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ଛାତ୍ରୀ ରିଙ୍କି ନାୟକ ଉତ୍ତର ଓ ପୂର୍ବ ଭାରତର ବିଶ୍ୱବିଦ୍ୟାଳୟ ସମୂହର ଛାତ୍ରୀଙ୍କ ମଧ୍ୟରେ ସର୍ବଭାରତୀୟ ସ୍ତରରେ ରୌପ୍ୟ ପଦକ ପାଇ ବାଲିପଦର ଡିଗ୍ରୀ କଲେଜ ପାଇଁ ଗୌରବ ଆଣିବା ସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଓଡିଶା ପାଇଁ ମଧ୍ୟ ଗୌରବ ଆଣିପାରିଥିବାରୁ କଲେଜର ପ୍ରିନ୍ସପାଲ ଗୋପୀନାଥ ମହାନ୍ତି, କ୍ରୀଡା ଅଧ୍ୟାପକ ଭଂଜକିଶୋର ଗୌଡ଼, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦଙ୍କ ସମେତ ଅଞ୍ଚଳର କ୍ରୀଡ଼ାପ୍ରେମୀ ବୃନ୍ଦ ଅଭିନନ୍ଦନ ଜଣାଇଛନ୍ତି।

# ପିପୁଲସ କଲେଜର ୪୭ ତମ ବାର୍ଷିକ କ୍ରୀଡା ଉତ୍ସବ

ବୁଗୁଡା ୨୧/୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ପିପୁଲସ କଲେଜର ୪୭ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଜାନୁଆରୀ ୨୦ ତାରିଖ ଦିନ ଉଦଘାଟିତ ହୋଇଯାଇଛି। କଲେଜର ପ୍ରିନ୍ସପାଲ ପ୍ରଫେସର ହରିକୃଷ୍ଣ ନାୟକ କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଆଇ.କିୟୁ.ଏ.ସି. ସଂଯୋଜକ ଅଧ୍ୟାପକ ଅକ୍ଷୟ କୁମାର ସାହୁ, +୩ କ୍ରୀଡା ସଙ୍ଘ ଉପସଭାପତି ଅଧ୍ୟାପକ ସୁଶାନ୍ତ କୁମାର ସାହୁ, +୨ କ୍ରୀଡା ସଙ୍ଘ ଉପସଭାପତି ଅଧ୍ୟାପକ ଆମ୍ନା ପ୍ରକାଶ ନାୟକ ଅତିଥି ଭାବେ ଉପସ୍ଥିତ ଥିଲେ। ପିପୁଲସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ଛାତ୍ରଛାତ୍ରୀ ଏବଂ ପିପୁଲସ ଡିଗ୍ରୀ କଲେଜର +୩ ଛାତ୍ରଛାତ୍ରୀ ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। କ୍ରୀଡା ଅଧ୍ୟାପକ କୃଷ୍ଣ ରାଓ ପାତ୍ର ଓ ଏମ, ଶ୍ରୀନିବାସ ଦୋରା କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଆସନ୍ତା କାଲି ମଧ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ।

# ବାଲୁଗାଁ ଷ୍ଟେସନରୁ ବିପୁଳ ପରିମାଣର ଗଞ୍ଜେଇ ଜବତ,ଅଭିଯୁକ୍ତ ଗିରଫ

ବାଲୁଗାଁ ୨୧/୧ (ନି.ପ୍ର): ବାଲୁଗାଁ ଷ୍ଟେସନ ପରିସରରୁ ୨୧.୩ କେଜି ଗଞ୍ଜେଇ ଜବତ କରିବାସହ ଅଭିଯୁକ୍ତକୁ ଗିରଫ କରିଛି ଆରପିଏଫ ।ସୂଚନା ମୁତାବକ ଆରପିଏଫ ଆଇଆଇସି ଜିତେନ୍ଦ୍ର ମୌର୍ଯ୍ୟଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ରେଳ ଷ୍ଟେସନ ପରିସରରେ ରେଳ ସୁରକ୍ଷା ବଳ କର୍ମଚାରୀ ମାନେ ପଇଁତରା ମାରୁଥିବା ବେଳେ ୧ନଂ ପ୍ଲାଟଫର୍ମରେ ଟ୍ରେନକୁ ଅପେକ୍ଷା କରି ରହିଥିବା ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ତଲାସୀ ନେବାରେ ତା ନିକଟରୁ ଦୁଇଟି ବ୍ୟାଗ ଜବତ କରିଥିଲେ ।ଉକ୍ତ ବ୍ୟାଗରୁ ୨୧.୩ କେଜି ଗଞ୍ଜେଇ ଜବତ କରାଯାଇଛି ।ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୧୩ ହଜାର ହେବ ବୋଲି ଜଣାପଡ଼ିଛି ।ଅଭିଯୁକ୍ତ ଜଣକ ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ଖଲ୍ଲିକୋଟ ଖଲାରୀ ସାହିର ଅର୍ଜୁନ ପ୍ରଧାନଙ୍କ ପୁଅ ଟିଟୁ ପ୍ରଧାନ(୩୬) ।ଅଭିଯୁକ୍ତ ଟିଟୁ ଏହି ଗଞ୍ଜେଇ ପ୍ରଶାନ୍ତି ଏକ୍ସପ୍ରେସ ଯୋଗେ ବାଙ୍ଗାଲୋର ଚାଲାଣ କରିବାପାଇଁ ଯୋଜନା କରିଥିବାର ଜଣାପଡିଛି ।ଜବତ ଗଞ୍ଜେଇ ସହ ଅଭିଯୁକ୍ତ ବିରୁଦ୍ଧରେ କେଶ ନଂ ୫/୨୫ ରେ ମାମଲା ରୁଜୁ କରି ଖୋର୍ଦ୍ଧା ଜିଆରପିକୁ ହସ୍ତାନ୍ତର କରାଯାଇଥିବା ଆରପିଏଫ ଆଇଆଇସି ଶ୍ରୀ ମୌର୍ଯ୍ୟ କହିଛନ୍ତି।

# ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଅଭିଭାବକ ବୃନ୍ଦଙ୍କ ତାଲିମ

ବୁଗୁଡା ୨୧/୧ (ନି.ପ୍ର): ବୁଗୁଡା ବାଳକ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାନୁଆରୀ ୨୦ ତାରିଖ ଦିନ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଅଭିଭାବକ ବୃନ୍ଦଙ୍କ ଏକ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବୁଗୁଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ତାଲିମ ଶିବିରକୁ ବୁଗୁଡା ବିଇଓ ଚିନ୍ମୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ କର୍ତ୍ତବ୍ୟ ବିଷୟ ଓ ସରକାରୀ ଯୋଜନା ବିଷୟରେ କହିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ସୋନାଲିନ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଭିନ୍ନକ୍ଷମ ଦିବସରେ ଛତ୍ରପୁର ଠାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବୁଗୁଡା ବ୍ଲକରୁ କୃତିତ୍ୱ ହାସଲ କରିଥିବା ୪ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସିଲଡ଼ ସହ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ୨ ଜଣ ଶ୍ରେଷ୍ଠ ଅଭିଭାବକଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ସୋଫିଟରିୟମ୍ ପବ୍ଲିକ୍ ସ୍କୁଲରେ ବିଜ୍ଞାନ ମେଳା

ଜଟଣୀ ୨୧/୧ (ନି.ପ୍ର): ବିଜ୍ଞାନର ଗୁରୁତ୍ୱ ଓ ଦକ୍ଷତା ବଢାଇବା ପାଇଁ ପ୍ରତିବିଦ୍ୟାଳୟରେ ସରକାରୀ ଓ ବେସରକାରୀ ସ୍ତରରେ ବିଜ୍ଞାନମେଳା ଆୟୋଜିତ ହେଉଥିବା ବେଳେ ସୋଫିଟୋରିୟମ୍ ପବ୍ଲିକ୍ ସ୍କୁଲ୍ ପରିସରରେ ବାର୍ଷିକ ବିଜ୍ଞାନମେଳା ଆୟୋଜିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଡ. ହିମାଂସୁ ମୋହନ ପାଢୀ ଓ ନିର୍ଦ୍ଦେଶକ ଡ. ପ୍ରଣତି ମିଶ୍ର ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିଜ୍ଞାନମେଳାର ପରିଚାଳନା ଭାରଗ୍ରହଣ କରିଥିଲେ ପ୍ରିନ୍ସିପାଲ ନମିତା ରାଉତ । ଏହିପରିପ୍ରେକ୍ଷିରେ ମୁଖ୍ୟଅତିଥି ଡ.କେ ଗୋପିକ୍ରିଷ୍ଣା ଙ୍କ ସହ ନାଇଜର ରେଜିଷ୍ଟାର ଡ.ଅଭୟ ନାୟକ,ଆଇଆଇଟିର ଆସୋସିଏଟ୍ ପ୍ରଫେସର ସୁଭଙ୍କର ପତି ଯୋଗଦାନକରିଥିଲେ । ମେଳାକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଗତିଗାର୍ଙ୍ଗୁ,ପ୍ରଯୋଜିତା ମାର୍ଥା,ଟୁକୁନୀ ପାଣିଗ୍ରାହୀ,ସଂଜୁକ୍ତା ମହାରଣା,ଭାରତୀ ସିଂ ପରିଚାଳନା କରିଥିଲେ।

# ବେଲପୋଷି ଗାଁ ର ଆଦିବାସୀମାନଙ୍କର ବିସ୍ମୟକର ସେଙ୍ଗେଲ୍ ଲେବେଦ୍



ମୟୂରଭଞ୍ଜ ୨୧/୧ (ନି.ପ୍ର): ଜାମଦା ବ୍ଲକରେ ସେଙ୍ଗେଲ୍ ଲେବେଦ୍ ଅନନ୍ୟ ।ଏହାକୁ ଖନ୍ଦାମଡ଼ା ବା ନିଆଁମଡା ବୋଲି କହିଥାନ୍ତି ।କିମ୍ବଦନ୍ତୀ ଅନୁସାରେ ଦେହୁରୀ ବିନୋଦ ମାଝୀ ଅଗ୍ନିଦେବତାଙ୍କର ସ୍ୱପ୍ନାଦେଶ ପାଇଥିବାରୁ ସେହି ପୁରାତନ ବର୍ଷରୁ ଏହାକୁ ଆଜି ଯାଏଁ ଉଜ୍ଜୀବିତ କରି ରଖିଛନ୍ତି ବେଲପୋଷି ଗ୍ରାମବାସୀ ।ବିଶ୍ୱାସ ଅନୁସାରେ ଏହା ପାଳନ କଲେ ଅଞ୍ଚଳରେ ଭଲ ବର୍ଷା ହେବା ସହ ଚାଷ ଓ ଚାଷୀର ଉନ୍ନତି ହୋଇଥାଏ ।ଗ୍ରାମର ପ୍ରତିଟି ପରିବାରର ମୁଖିଆ ଜଙ୍ଗଲକୁ ଯାଇ କାଠ କାଟି ଆଣିବା,ନିଜ ଘର ପରିସରରେ ଗାତ ଖୋଳିବା,କଟା ହୋଇ ଆସିଥିବା ଗଛ ଡାଳକୁ ପୋତିବା,ଖଳାରେ କାଠ ରଖିବା ଏବଂ ଦେହୁରୀ ଓ ଭକ୍ତଗଣ ସରୋବରକୁ ଯାଇ ଘଟ ଉତ୍ତୋଳନ କରି ଗ୍ରାମ ପରିଭ୍ରମଣ କରିବା ଓ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଅଗ୍ନିକୁଣ୍ଡ ଚଉପାଶେ ବୁଲିବା ସହ ଅଗ୍ନିକୁଣ୍ଡରେ ପାଦ ରଖି ଚାଲିବା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।ଲାହାନ୍ତି ଯୁବକ ସଂଘ ତରଫରୁ ଭିଡକୁ ଅକ୍ତିଆର କରିବା ନିମନ୍ତେ ଜାମଦା ପୋଲିସର ସହାୟତାରେ ଶାନ୍ତିଶୃଙ୍ଖଳା ବ୍ୟାପକ ଭାବରେ କରାଯାଇଥିଲା ।ଡୁମୁକା ହେମ୍ବ୍ରମ,ଆହ୍ଲାନ ହେମ୍ବ୍ରମ,କୁଆଁର ମୁର୍ମୁ,ପଣ୍ଡିତ ଦେହୁରୀ ପ୍ରମୁଖ ଙ୍କ ସହଯୋଗ ରହିଥିଲା ।ନିମନ୍ତ୍ରୀତ ମୁଖ୍ୟ ଅତିଥି ପୂର୍ଣ୍ଣ ଚନ୍ଦ୍ର ମାର୍ଣ୍ଡି ଉପସ୍ଥିତ ରହି ସେଙ୍ଗେଲ୍ ଲେବେଦ ଉପରେ ମତ ରଖିଥିଲେ ଯେ ଏହି କାର୍ଯ୍ୟକ୍ରମ ବିସ୍ମୟକର ଓ ଆନନ୍ଦଦାୟକ ।କାର୍ଯ୍ୟକ୍ରମରେ ଭିଡ଼ ପ୍ରବଳ ହେତୁ ଦୂରଦୂରାନ୍ତରୁ ଆସୁଥିବା ଦର୍ଶକମାନେ ଦେଖିବାରୁ ବଂଚିତ ହେଉଥିବାରୁ ଦୁଃଖ ପ୍ରକାଶ କରିଥିଲେ ।ଆସନ୍ତା ବର୍ଷ ଗୁଡ଼ିକରେ ପ୍ରଜେକ୍ଟର ର ବ୍ୟବସ୍ଥା ରହିଲେ ବହୁ ଲୋକ ଏହି କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ପାଇବେ ।

# ବିଦ୍ୟାବାଟିକା ର ବାର୍ଷିକ କ୍ରୀଡା ଅନୁଷ୍ଠିତ

ପାଟଣା ୨୧।୧(ନିପ୍ର) ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଳିଆ ସ୍ଥିତ ଶ୍ରୀ ବିଦ୍ୟା ବାଟିକା ପରିସର ରେ ଦୁଇ ଦିନ ଧରି ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ରେ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରକାର ଖେଳ ଖେଳି ଆନନ୍ଦ ଅନୁଭବ କରିଥିଲେ। ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ତଥା ସମାଜସେବୀ ଭୀମସେନ ବଳ, ବିଜେପି ର ଜିଲ୍ଲା ମହିଳା ମୋର୍ଚ୍ଚାର ସଭାନେତ୍ରୀ ମମତା ସିଂ, ସମ୍ଭବ ଫାଉଣ୍ଡେସନ ର ଚେୟାରମେନ ଲକ୍ଷ୍ମଣ ନାୟକ ଏବଂ ଶ୍ରୀ ଫାଉଣ୍ଡେସନ ର ଚେୟାରମ୍ୟାନ ଦିଲ୍ଲୀପ୍ କୁମାର ସାହୁ , ସମାଜସେବୀ ଅମର ସିଂ ଉପସ୍ଥିତ ରହି କୃତି ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ଓ ପଦକ ପ୍ରଦାନ କରିଥିଲେ। ଏଥିରେ ବିଦ୍ୟାଳୟର ର ଅଧକ୍ଷା ଗୁପ୍ତାଞ୍ଜଳି ନାୟକ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ। ଅତିଥି ମାନେ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାସ୍ଥ୍ୟ ରକ୍ଷା ଓ ପରିବେଶ ବିଷୟରେ କହିଥିଲେ। ଅଭିଭାବକ ଏବଂ ଅଭିଭାବିକା ମାନଙ୍କ ପାଇଁ ମ୍ୟୁଜିକ ଚେୟାର ଖେଳ କରାଯାଇଥିଲା । ଯେଉଁଥିରେ ଅଭିଭାବକ ଏବଂ ଅଭିଭାବିକା ମାନେ ଆନନ୍ଦ ଉପଭୋଗ କରିଥିଲେ । ବିଦ୍ୟାଳୟ ର କ୍ରୀଡ଼ା ଶିକ୍ଷକ ସୁବ୍ରତ ମୁଣ୍ଡା ଶୃଙ୍ଖଳିତ ଭାବରେ ଖେଳ ଗୁଡ଼ିକୁ କରିଥିଲେ ।ବିଦ୍ୟାଳୟର ୟୁନିଟ୍ ମୁଖ୍ୟ ଶୁଭସ୍ମିତ ପରିଡ଼ା, ବିଦ୍ୟାଳୟ ର ଶିକ୍ଷୟିତ୍ରୀ କୋଇଲି ବେହେରା, ଦେବସ୍ମିତା ସଏ, ଅସ୍ମିତା ମହାନ୍ତ, ରାନୁ ନାଏକ, ମିନତୀ ଥାଟୋଇ, ଲକ୍ଷ୍ମୀ ନାୟକ, ସୁନିତା ସାହୁ, ସଞ୍ଜୁ ନାୟକ, ଲିପିକା ପଲେଇ ଏବଂ ବିଦ୍ୟାଳୟ ର ଶିକ୍ଷକ ଦିତି ନାଏକ, ଶୁଭମଜ୍ୟୋତି ଗିରି ସମସ୍ତ କାର୍ଯ୍ୟକ୍ରମ ରେ ସାମିଲ ଥିଲେ।

# ନବକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ କଳସ ଯାତ୍ରା

ବାଲିଗୁଡା ୨୧/୧ (ନି.ପ୍ର): ରାଷ୍ଟ୍ରରେ ନବ ନିର୍ମାଣ ଉଦ୍ଦେଶ୍ୟରେ କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଗାୟତ୍ରୀ ଶକ୍ତିପୀଠ ଠାରେ ୨୭ ତମ ବାର୍ଷିକ ଉତ୍ସବ ଏବଂ ରାଷ୍ଟ୍ର ଜାଗରଣ ନବ କୁଣ୍ଡିୟ ଗ୍ରାୟତ୍ରୀ ମହାଯଜ୍ଞ କାର୍ଯ୍ୟକ୍ରମ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପରିସର ମଧ୍ୟରେ ଆୟୋଜନ ଉପଲକ୍ଷେ ଏକ ବିରାଟ କଳସ ଯାତ୍ରା ମନ୍ଦିର ପରିସର ମଧ୍ୟରୁ ବାହାରି ସମଗ୍ର ସହର ପରିକ୍ରମା କରି ନଦୀରୁ ଜଳ ଆଣି ପୁଣି ମନ୍ଦିର ରେ ପହଞ୍ଚି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୨୧ତାରିଖ ମଙ୍ଗଳବାର ଦିନ



ସକାଳ ୬ ଘଟିକା ସମୟରେ ରୁଦ୍ରାଭିଷେକ, ପୂର୍ବାହ୍ନ ୧୦ ଘଟିକା ରେ ଘୃତଯଜ୍ଞ ଆରମ୍ଭ ହେବ ଏବଂ ସନ୍ଧ୍ୟା ୬ ଘଟିକାରେ ଦୀପଯଜ୍ଞ, ୨୨ ତାରିଖ ବୁଧବାର ଦିନ ଘୃତଯଜ୍ଞ ପୂର୍ଣାହୁତୀ ହେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ସମଗ୍ର କନ୍ଧମାଳ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏତଦ ବ୍ୟତୀତ ୨୨ ତାରିଖ ବୁଧବାର ଠାରୁ ୨୪ ତାରିଖ ଶୁକ୍ରବାର ତିନିଦିନ ଧରି ପ୍ରତ୍ୟହ ସନ୍ଧ୍ୟା ୬ ଘଟିକା ଠାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ପାଟଖଣ୍ଡା ମନ୍ଦିର ପରିସର ମଧ୍ୟରେ ସ୍ଥାନୀୟ ଗାୟତ୍ରୀ ପରିବାର, ଏବଂ ମା' ପାଟଖଣ୍ଡା ପରିଚାଳନା କମିଟିଙ୍କ ମିଳିତ ସ?ହଯୋଗରେ ମାଳିକା ପ୍ରବଚକ ଶ୍ରୀ ପରିବ୍ରାଜକ ପ୍ରମୋଦ ପୃଷ୍ଟି ଙ୍କ ଦ୍ୱାରା ଏକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି କ୍ଷ ସେହିପରି କୁର୍ତ୍ତମଗଡ଼ ଗାୟତ୍ରୀ ପରିବାର ପକ୍ଷରୁ ମଧ ନବକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଆୟୋଜନ ହୋଇଛି। ଅତଃ ଆପଣ ସମସ୍ତ ଧର୍ମପ୍ରେମୀ, ଭାଇ, ଭଉଣୀ, ମାତା, ମାନଙ୍କୁ ଅନୁରୋଧ କି, ଏହି ଯଜ୍ଞରେ ସପରିବାର ଯୋଗ ଦେଇ ଧର୍ମ ଏବଂ ସୁଖ, ସମୃଦ୍ଧି ଲାଭ କରିବା ହେବେ। ବାଲିଗୁଡା ଓ କୁର୍ତ୍ତମଗଡ଼ ଗାୟତ୍ରୀ ପରିବାର ପକ୍ଷରୁ ଅନନ୍ତ ଚରଣ ପୃଷ୍ଟି, ଅନ୍ତର୍ଯ୍ୟାମୀ ବେହେରା, ଜଗନ୍ନାଥ ବେହେରା, ଗୋପାଳ କୃଷ୍ଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ବୁଗୁଡା ବ୍ଲକ ହାଇ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ମାସିକ ସମ୍ମିଳନୀ

ବୁଗୁଡା ୨୧/୧ (ନି.ପ୍ର): ଗଂଜାମ ଜିଲ୍ଲା ବୁଗୁଡ଼ା ବ୍ଲକର ବି.କରଡ଼ାବାଡ଼ି ସ୍ଥିତ ସର୍ଦ୍ଦାର ଅନ୍ତର୍ଯ୍ୟାମୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାନୁଆରୀ ୧୮ ତାରିଖ ଶନିବାର ଦିନ କ୍ଲଷ୍ଟରୀୟ ତ୍ରୟୋଦଶ ମାସିକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ବୁଗୁଡ଼ା ବ୍ଲକ ଶିକ୍ଷା ଅଧିକାରୀ ଚିନ୍ମୟ ମହାପାତ୍ର ଉଦଘାଟନ କରିଥିବା ବେଳେ ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ବୃନ୍ଦ ଉପସ୍ଥିତ ଥିଲେ। ଆୟୋଜନ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାର ବିଷୟରେ ସମସ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ବୃନ୍ଦଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ମଧ୍ୟାହ୍ନ ଭୋଜନ ବିରତି ପରେ, ସମସ୍ତ ସଦସ୍ୟ ସର୍ଦ୍ଦାର ଅନ୍ତର୍ଯ୍ୟାମୀ ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ, ବିଜ୍ଞାନ ପ୍ରୟୋଗଶାଳା, ଶୌଚାଳୟ, ଉଦ୍ୟାନ, ପାନୀୟ ଜଳ ବ୍ୟବସ୍ଥା ପରିଦର୍ଶନ କରି ବୈଠକରେ ସେମାନଙ୍କର ମତାମତ ଉପସ୍ଥାପନ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରିଷିଡା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ:ଘଣ୍ଟାପଡା ବିଜୟୀ

କର୍ଲାମୁଣ୍ଡା ୨୧/୧ (ନି.ପ୍ର): କର୍ଲାମୁଣ୍ଡା ବ୍ଲକ ରିଷିଡା ବାପୁଜୀ ମିନିଷ୍ଟାଡିୟମ ଠାରେ ଆଜି ରିଷିଡା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚ ଆୟୋଜକ ରିଷିଡା ଓ ଘଣ୍ଟାପଡା (ବୌଦ୍ଧ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଘଣ୍ଟାପଡା ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚକୁ ପିଙ୍କୁ ଚନ୍ଦନ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ ସାହୁ ଓ ଗୋବର୍ଦ୍ଧନ ମାଝୀ ଲାଇନରେ ସହାୟତା କରିଥିଲେ। ସ୍କୋରର ଦାୟିତ୍ୱରେ ରଶ୍ମିରଞ୍ଜନ ଲେଙ୍କା ଓ ସୁନୀଲ ବେହେରା ରହିଥିଲେ। ଉଦଘାଟନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଭୂପିନ୍ଦର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ କ୍ରୀଡା ଦ୍ୱାରା ଆଜି ଆମ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଛି ବୋଲି ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବେ ଉଦ୍ୟୋଗପତି ଶିବଲାଲ କେଡିଆ, ସାମାଜିକ କର୍ମୀ ନେମୈଚାନ୍ଦ ଜୈନ (ମିନୁ) ଯୋଗଦେଇଥିଲେ।

# ନିଷ୍ଟ ବିଶ୍ୱବିଦ୍ୟାଳୟ ର ୨୮ତମ ପ୍ରତିଷ୍ଠା ଦିବସ ପାଳିତ

ରଙ୍ଗେଇଲୁଣ୍ଡା ୨୧/୧ (ନି.ପ୍ର): ବ୍ରହ୍ମପୁର ସହର ଉପକଣ୍ଠ ଗୋଲନ୍ଥରା ଠାରେ ଅବସ୍ଥିତ ନିଷ୍ଟ୍ ବିଶ୍ୱବିଦ୍ୟାଳୟ ର ୨୮ ତମ ପ୍ରତିଷ୍ଠା ଦିବସ ଉତ୍ସବ ପାଳିତ ହୋଇ ଯାଇଛି। ବିଶ୍ୱବିଦ୍ୟାଳୟ ର ପ୍ରତିଷ୍ଠାତା ତଥା ପରିଚାଳନା ମୁଖ୍ୟ ଡ଼. ସୁକାନ୍ତ କିଶୋର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇ ଆଇ ଟି ଧାନବାଦ ର ନିର୍ଦ୍ଦେଶକ ଡ଼. ସୁକୁମାର ମିଶ୍ର ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଆଇଜର ବ୍ରହ୍ମପୁର ର ନିର୍ଦ୍ଦେଶକ ଡ଼. ଅଶୋକ ଗାଙ୍ଗୁଲି, ଆର୍ମି ଆଡ଼ ଡିଫେନ୍ସ କଲେଜ ର ବ୍ରିଗେଡିଏର ଜଗଦୀପ ଚୌହାନ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଏସର ଷ୍ଟିଲର ସି ଇ ଓ ଶ୍ରୀ ଶଶୀ ଶେଖର ମହାନ୍ତି ଯୋଗ ଦେଇଥିଲେ । ବିଶ୍ୱବିଦ୍ୟଳୟ ର କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର ମଧ ମଂଚାସୀନ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଛାତ୍ରଛାତ୍ରୀ ଙ୍କୁ ଜୟ ଯବାନ ଜୟ କିସାନ ଜୟ ବିଜ୍ଞାନ ଜୟ ଅନୁସନ୍ଧାନ ଉପରେ ମନ୍ତବ୍ୟ ଦେଇଥିଲେ । ସେହିପରି ବୈଷୟିକ ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ ରେ ବିଶ୍ୱବିଦ୍ୟଓଳୟ ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଏଠାକାର ବିଦ୍ୟାର୍ଥୀ ଙ୍କ ପାଖରେ କେଉଁ ଦକ୍ଷତା ରହିଛି ତାହା ଖୋଜି ବାହାର କରିବା ଆବଶ୍ୟକ ବୋଲି ମୁଖ ଅତିଥି ଡ଼. ସୁକୁମାର ମିଶ୍ର କହିଥିଲେ। ଆଗାମୀ ଦିନରେ ଦେଶର ଏକ ନମ୍ବର ଗବେଷଣାତ୍ମକ ବିଶ୍ୱ ବିଦ୍ୟାଳୟ ଭାବେ ପରିଚିତ କରାଇବା ଲକ୍ଷ୍ୟ ରଖିଥିବା ପ୍ରତିଷ୍ଠାତା ଶ୍ରୀ ମହାପାତ୍ର କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟଳୟ ର କୁଳପତି ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିବା ସହିତ ଦୀର୍ଘ ବର୍ଷ ଧରି ନିଷ୍ଟ ବୈଷୟିକ ବିଶ୍ୱବିଦ୍ୟାଳୟ ର ମେଧାବୀ ଛାତ୍ରଛାତ୍ରୀ ମାନେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ନିଷ୍ଟର ନାମକୁ ଶୀର୍ଷରେ ପହଞ୍ଚାଇ ପାରିଛନ୍ତି ଏବଂ ଆଗାମୀ ଦିନରେ ଏହି ଧାରାକୁ ବଜାୟ ରଖିବା ପାଇଁ ଛାତ୍ର ଛାତ୍ରୀ ମାନେ ସର୍ବଦା ଚେଷ୍ଟିତ ରହିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସ୍ୱଚ୍ଛ ଶକ୍ତି ବ୍ୟବହାର କରି ଭାରତ କୁ ଷ୍ଟିଲ ଉତ୍ପାଦନ ରେ ବିଶ୍ୱ ର ଅଗ୍ରଣୀ ରାଷ୍ଟ୍ର ଭାବେ ପଂହଁଚାଇବା ପାଇଁ ଆଗାମୀ ପିଢ଼ି ଙ୍କୁ ମୁଖ୍ୟ ବକ୍ତା ଉପଦେଶ ଦେଇଥିଲେ । ଜଗଦୀପ ଚୌହାନ ଏହି ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ମାନେ ବି. ଟେକ୍ ଡିଗ୍ରୀ ଶେଷ କରିବା ପରେ ପ୍ରତିରକ୍ଷା ସେବାରେ ଯୋଗ ଦେଇପାରିବେ। ଶିକ୍ଷାନୁଷ୍ଠାନର ଭାରପ୍ରାପ୍ତ କୁଳସଚିବ ଡ଼ ବିଷ୍ଣୁକର ନାୟକ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ। ସେହିପରି ଅନୁଷ୍ଠାନର ଲକ୍ଷ୍ୟ ଏବଂ ଆଦର୍ଶକୁ ନେଇ ବିଭିନ୍ନ ସେମିନାର ବିଶ୍ୱବିଦ୍ୟଳୟ ପରିସରରେ ଦିନ ତମାମ ଜାରି ରହିଥିଲା ଯେଉଁଥିରେ ଗବେଷଣା ଓ ଉଦଭାବନା, ପ୍ରାରମ୍ଭ ଏବଂ ଶିଳ୍ପ ସଂଯୋଜିକରଣ, ଛାତ୍ର ସଂସଦ, ଏକାଡେମୀକ ଓ ଶିଳ୍ପ ସହଭାଗିତ ପରି ଅନେକ ବିଷୟକୁ ନେଇ ଆଲୋଚନା କରାଯାଇଥିଲେ। ଏହି ଆଲୋଚନା ଚକ୍ରରେ ଆଇ ଆଇ ଟି ଭୁବନେଶ୍ୱର ର ବିଦ୍ୟୁତିକ ବିଭାଗ ର ପ୍ରଫେସର ଶୁଭ୍ରାଂଶୁ ସାମନ୍ତରାୟ, ଟି-ୱର୍କ୍ସ ର ଗବେଷଣା ଉଦ୍ୟୋଗୀ ଜି ଶିବପ୍ରସାଦ ଯୋଗଦାନ କରି ବିଦ୍ୟାର୍ଥୀଙ୍କୁ ମାଗଦର୍ଶନ କରିଥିଲେ। ଶିଳ୍ପ ଶିକ୍ଷା ସହଯୋଗ ରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଏଥିରେ ରୋଟାରୀଆନ ଜୟଶ୍ରୀ ମହାନ୍ତି, ମୋଡେର୍ଣ ଟେଷ୍ଟ ସେଣ୍ଟର ର ମୁଖ୍ୟ ରାଜେନ୍ଦ୍ର ମିଶ୍ର, ମଇକ୍ରୋସଫ୍ଟ ଆମେରିକା ର ମୁଖ୍ୟ କାର୍ଯ୍ୟକ୍ରମ ପରିଚାଳକ ସୁନୀଲ ସାବତ ପେନାଲିଷ୍ଟ ଭାବରେ ଯୋଗ ଦେଇଥିଲେ । ସେହିପରି ସନ୍ଧ୍ୟା ସମୟରେ ୩୮ ଜଣ ଅଧ୍ୟାପକ, ଅଣ-ଅଧ୍ୟାପକ ମାନଙ୍କୁ ସେମାନଙ୍କ ୧୦ ବର୍ଷ, ୧୫ ବର୍ଷ, ୨୦ ବର୍ଷ, ଏବଂ ୨୫ ବର୍ଷ ପୂର୍ତ୍ତି ଅବସରରେ ପୁରସ୍କାର ବିତରଣ ପ୍ରଦାନ କରାଯାଇଥିଲା। ସେହିପରି ଡ଼. ପ୍ରୀତି ରଞ୍ଜନ ସାହୁ, ଡ଼. ସବ୍ୟସାଚୀ ରଥ, ଡ଼ ସସ୍ମିତା ପାଢ଼ୀ, ଡ଼ ରତିକାନ୍ତ ନାୟକ, ଡ଼ ବ୍ରଜ କିଶୋର ମିଶ୍ର, ଡ଼ ସଂଦୀପନ ମଲିକ, ଡ଼ ମାନବେନ୍ଦ୍ର ପାତ୍ର, ପ୍ର ସ୍ୱାଧୀନ ମିଶ୍ର, ଡ଼. ଅମିତ ପଟନାୟକ, ପ୍ର ସରୋଜ ପାଢ଼ୀ, ପ୍ର ମିଟୁ ବରାଳ, ଡ଼. ଅମରନାଥ ପାଢ଼ୀ, ଡ଼. ଭାନୁ ପ୍ରସାଦ ବେହେରା, ପ୍ର ଭବାନୀ ଗୌଡ଼, ପ୍ର ଦୁର୍ଗାମାଧବ ପାଢ଼ୀ, ପିତାମ୍ବର ସାହୁ, ପ୍ରଜ୍ଞା ରାଣୀ ସାମନ୍ତ, ଅନ୍ୱେଷଟା ପାଣିଗ୍ରାହୀ, ପ୍ରଭୁଦତ୍ତ ମିଶ୍ର, ଗୋପବନ୍ଧୁ ଉତ୍ତରକବାଟ, ସୌମ୍ୟା ମୁଦୁଲି, ସନ୍ତୋଷ ସାହୁ, ରମାକାନ୍ତ ଚୌଧୁରୀ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମ କୁ ଡ଼. ଆକାଙ୍କ୍ଷ୍ୟା ପଟନାୟକ ମଂଚ ପରିଚାଳନା କରିଥିବା ବେଳେ ବିଶ୍ୱବିଦ୍ୟଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ତୃତୀୟ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

ପାଟଣା୨୧/୧ (ନି.ପ୍ର): ପାଟଣା ବ୍ଲକ ଅଞ୍ଚଳରେ ତୃତୀୟ ଶ୍ରେଣୀ ମେଧାବୃତ୍ତି ଓ ଗରିବ ମେଧା ବୃତ୍ତି ପରୀକ୍ଷା ଦେଇଥିବା ବିଦ୍ୟାର୍ଥୀ ମାନଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଛି ।ମେଧାବୃତ୍ତି ତାଲିକାରେ ତୁରୁମୁଙ୍ଗା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ମଧୁସ୍ମିତା ମହାନ୍ତ, କେତାଙ୍ଗ ସିଦ୍ଧ ବିନାୟକ ଶିଶୁ ବିଦ୍ୟାମନ୍ଦିରର ଡେଜିସ୍ମିତା ମହାନ୍ତ, ସ୍ୱାମ ପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତରାଙ୍ଗିନୀ ମହାନ୍ତ ,କେତାଙ୍ଗ ସିଦ୍ଧ ବିନାୟକ ଶିଶୁ ବିଦ୍ୟାମନ୍ଦିରର ସସ୍ମିତା ମହାନ୍ତ, ଅସନବାହାଳି ପ୍ରାଥମିକ ବିଦ୍ୟାଳୟ ର ଶୁଭେନ୍ଦୁ ଶେଖର ମହାନ୍ତ, ସ୍ୱାମ ପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ପରିସ୍ମିତା ସେଠୀ,କଇଁଣ୍ଡା ସରକାରୀ ପ୍ରାଥମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଆର୍ଯ୍ୟନ ଜେନା ମେଧା ବୃତ୍ତି ତାଲିକାରେ କ୍ରମାନ୍ନୟରେ ସ୍ଥାନ ପାଇଥିବା ବେଳେ ଗରୀବ ମେଧାବୃତ୍ତି ତାଲିକା ରେ ପଦ୍ମପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରୀତମ ମହାନ୍ତ, ଟାଙ୍ଗରପଡା ଶିଶୁବିଦ୍ୟାମନ୍ଦିରର ଶ୍ରେୟାନ୍ସି ସାହୁ, ସ୍ୱାମ ପାଟଣା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ହରପ୍ରିୟା ମହାନ୍ତ,କେତାଙ୍ଗ ସିଦ୍ଧ ବିନାୟକ ଶିଶୁବିଦ୍ୟା ମନ୍ଦିରର ସେଲିନା ଗିରି,ଖୁଣ୍ଟାପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପଦ୍ମିନୀ ସାହୁ, ତୁରୁମୁଙ୍ଗା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଖୁସିରାଣୀ ସାହୁ, ଖିରେଇଟାଙ୍ଗିରୀ ଶିଶୁ ବିଦ୍ୟାମନ୍ଦିର ର ଚିରାଗ ନାଏକ କ୍ରମାନ୍ନୟରେ ଗରିବ ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।ସମସ୍ତ କୃତି ଛାତ୍ରଛାତ୍ରୀ ମାନଙ୍କୁ ବ୍ଲକ ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ,ସହ ଶିକ୍ଷାଅଧିକାରୀ ସଚ୍ଚିଦାନନ୍ଦ ସେଠୀ, ପ୍ରକାଶ କୁମାର ରାୟ ଓ ବିଜୟ କୁମାର ଓଝା,ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ କମଳାକାନ୍ତ ପତି ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ଜାତୀୟ ସେବା ଯୋଜନା ର ଶୀତ କାଳୀନ ଶିବିର

ପାଟଣା ୨୧/୧(ନିପ୍ର) ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଳିଆ ସ୍ଥିତ ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଏନ୍ ଏସ୍ ଏସ୍ ଆନୁକୂଲ୍ୟରେ ୭ ଦିନିଆ ଶୀତକାଳୀନ ଶିବିର ଚିକିଣିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଶୁଭ ଉଦଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ପ୍ରାଧାପିକା ଅନୁସ୍ମିତା ପାଣିଗ୍ରାହି ଓ ସମ୍ମାନିତ ଅତିଥି ରୂପେ ଅଧାପିକା ରଶ୍ମିତା ପୃଷ୍ଟି ଓ କାଞ୍ଚନଲତା ସାହୁ ଯୋଗଦେଇ ଶିବିରାର୍ଥି ମାନଙ୍କୁ ଉତ୍ସାହିତ କରିଥିଲେ ।ମୁଖ୍ୟ ବକ୍ତା ରୂପେ ପ୍ରାଧାପକ ଅଲେଖ ପ୍ରସାଦ ସାହୁ ନିଜର ବକ୍ତବ୍ୟ ରଖିଥିଲେ। ଏନ୍ ଏସ୍ ଏସ ର କାର୍ଯ୍ୟକ୍ରମ ରେ ଅଧ୍ୟାପକ ହେମନ୍ତ କୁମାର ମିଶ୍ର ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିର ଏକ ସପ୍ତାହ ବ୍ୟାପୀ ଚାଲିବ ବୋଲି ଅଧ୍ୟାପକ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

# ଆଇକାର୍ଡା ନିର୍ମାଣ ସହାୟତାରେ ହରଡ ବିହନ ଉତ୍ପାଦନ

ଗୁଣପୁର ୨୧/୧ (ନି.ପ୍ର): ବିଲୁପ୍ତ ପ୍ରାୟ ଫସଲ ଗୁଡ଼ିକର ପୁନଃଉଦ୍ଧାର ଓ ସ୍ଥାୟୀ ସଘନ ନିମନ୍ତେ ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁରହିଛି । ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଆଇକାର୍ଡା ନିର୍ମାଣ ଆନୁକୁଲ୍ୟରେ ରାୟଗଡ଼ା ଜିଲ୍ଲାରେ ୮୦୪ ହେକ୍ଟର ହରଡ ବିହନ ଉତ୍ପାଦନ କାର୍ଯ୍ୟକ୍ରମ ଜାରି ରହିଛି । ଗୁଣପୁର ବ୍ଲକ ରେଗଡା ପଞ୍ଚାୟତର ନର୍ସିଂଗମୁଣ୍ଡା ଗ୍ରାମର ପ୍ରାୟ ୧୪ ଜଣ ଚାଷି କପା ଫସଲ ଛାଡି ଆଇକାର୍ଡା ନିର୍ମାଣ ସହାୟତାରେ ପି ଆର ଜି - ୧୭୬ କିସମ ହରଡ ଚାଷ କରିଛନ୍ତି । ଆଜି ନର୍ସିଂଗମୁଣ୍ଡା ଗ୍ରାମକୁ ଆଇକାର୍ଡା ନିର୍ମାଣର ଜିଲ୍ଲା କୋର୍ଡିନେଟର ଗତିକ୍ରୀଷ୍ଣା ବେହେରା , କୃଷି ବିଜ୍ଞାନ କେନ୍ଦ୍ର ଗୁଣପୁର ର ବୈଜ୍ଞାନିକା ସୁସ୍ମିତା ମହାନ୍ତି , ବୈଜ୍ଞାନିକ ରାଜୀବ ଟୁଡୁ , ନାରାମ ରାମୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ । ଆଗକୁ ହରଡ ଅମଳ ହେବାକୁ ଥିବାରୁ , ହରଡ ଅମଳ ସମୟରେ କି ପ୍ରକାର ସାବଧାନତା ଅବଲମ୍ବନ କରନ୍ତି ଓ କେଉଁ ସମୟରେ ଅମଳ କରିବେ ସେ ବିଷୟରେ ଚାଷିଙ୍କୁ ବୁଝାଇଥିଲେ । ଦଲାଲ ମାନଙ୍କୁ ହରଡ ନ ବିକି ଆଇକାର୍ଡା ନିର୍ମାଣ ସହାୟତାରେ ହରଡ ବିକ୍ରି କରିବାକୁ ବ୍ଲକ୍ କୋର୍ଡିନେଟର ଭଗବାନ ଗୌଡ ଚାଷି ଙ୍କୁ ବୁଝାଇଥିଲେ ।

# ଅମୃତ ମହୋତ୍ସବରେ ଗୁଣପୁର ନୃତ୍ୟ ଶିଳ୍ପୀଙ୍କ ଚର୍ଚ୍ଚା

ଗୁଣପୁର ୨୧/୧ (ନି.ପ୍ର): ଭାରତୀୟ କଳା ସଂସ୍କୃତି ତଥା ଓଡିଶୀ ନୃତ୍ୟ ସଂଗୀତ ପ୍ରଚାର ପ୍ରସାର ପାଇଁ ଅହରହ ପ୍ରୟାସ ଜାରି ରଖିଛି ଅମୂଲ୍ୟ ଭାରତ ସଙ୍ଗୀତ କଳା ପରିଷଦ ମହାବିଦ୍ୟାଳୟ ଅନୁଷ୍ଠାନ । ଗୁଣପୁର ଅଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାକୁ ଗୁରୁ ରିନା ରାଣୀ ସାହୁ ସଦା ଚେଷ୍ଟିତ । ଗୁରୁ ରିନା ରାଣୀ ଙ୍କ ପ୍ରୟାସରେ, ଗୁଣପୁର ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ନୃତ୍ୟ ଶିଳ୍ପୀ ମାନେ ରାଜ୍ୟ ତଥା ରାଜ୍ୟ ବାହାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଜଗନ୍ନାଥ ଧାମ ପୁରୀର ଶ୍ରୀ ଗୌର ବିହାର ଆଧ୍ୟାତ୍ମିକ ଦାତବ୍ୟ ଟ୍ରଷ୍ଟ ପକ୍ଷରୁ ଆୟୋଜିତ, ଆଶ୍ରମ ପ୍ରତିଷ୍ଠାତା ପୂଜ୍ୟ ଶ୍ରୀ ସୁବଳ ବାବାଙ୍କ ୭୫ ତମ ସ୍ୱନକ୍ଷତ୍ର ଅମୃତ ମହୋତ୍ସବ ଅବସରରେ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅବସରରେ ଗୁରୁ ରିନା ରାଣୀ ଙ୍କ ତତ୍ତ୍ୱାବଧାନରେ ୧୦ ଜଣ କଳାକାର ନିମନ୍ତ୍ରିତ ହୋଇ ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ଉପସ୍ଥିତ ସାଧୁସନ୍ଥମାନେ କୁନିକୁନି କଳାକାର ଙ୍କ ଓଡିଶୀ ନୃତ୍ୟ ଦେଖି ଭାବ ବିଭୋର ହୋଇପଡ଼ିଥିଲେ । ନଅ ଦିନ ଧରି ଚାଲିଥିବା ଏହି ଅମୃତ ମହୋତ୍ସବ କାର୍ଯ୍ୟକ୍ରମର ଶେଷ ଦିବସରେ କଳାକାର ମାନଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଗୁରୁ ଶିଷ୍ୟ ପରମ୍ପରାକୁ ବଜାୟ ରଖିବା ଉଦ୍ଦେଶ୍ୟ ସହ ଗୁଣପୁର ଅଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରତିଷ୍ଠିତ କରାଇବାରେ ଗୁରୁ ରିନା ରାଣୀ ଙ୍କ ପ୍ରୟାସ କୁ ବୁଦ୍ଧିଜୀବି ମହଲରୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି ।

# ଖଡିଆଳ ବ୍ଲକରେ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନୂଆପଡା ୨୧/୧ (ନି.ପ୍ର): ଖଡିଆଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂ ଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶିବିରରେ ଅଭିଯୋଗକାରୀଙ୍କ ପାଇଁ ସ୍ୱତନ୍ତ୍ର ବସିବା, ଛାଉଣୀ ଓ ପିଇବା ପାଣି ସୁବିଧା ହୋଇଥିଲା । ଆଜି ଶିବିରରେ ୭୭ ଟି ବ୍ୟକ୍ତିଗତ , ୯ ଟି ଗୋଷ୍ଠୀଗତ ମୋଟ ୮୬ ଟି ଅଭିଯୋଗର ଶୁଣାଣି କରି ଅତିଶିଘ୍ର ସମାଧାନ ପାଇଁ ବିଭାଗୀୟ ଅଧିକରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗୋଇମୁଣ୍ଡି ଗାଁର ବୃଦ୍ଧା ଉର୍ମିଳା ଜଗତ ଙ୍କୁ ରେଡକ୍ରସ୍ ପାଣ୍ଠିରୁ ପାଞ୍ଚ ହଜାର ଟଙ୍କାର ତତ୍କାଳିନ ସହାୟତା ଯୋଗାଇ ଦିଆଯାଇଥିଲା କ୍ଷ ଅନ୍ୟମାନଙ୍କ ମଧ୍ୟରେ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବ୍ଲକ୍ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ବ୍ଲକ୍ ଉପାଧ୍ୟକ୍ଷ ଗୌତମ ତାଣ୍ଡି , ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୁଣ୍ଡୁରୀ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଅନିୟମିତତା ନେଇ ଅଭିଯୋଗ

 କଳାହାଣ୍ଡି, ୨୧/୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଗୁଣ୍ଡରୀ ପଞ୍ଚାୟତ ରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ଅନିୟମିତତା ହେଉଥିବା ନେଇ ସରପଞ୍ଚ, ବିଦ୍ୟାଳୟ ପରିଚାଳନା କମିଟି ପ୍ରମୁଖ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଦର୍ଶାଇଛନ୍ତି ଯେ ଚଳିତ ଶିକ୍ଷାବର୍ଷ ୨୦୨୪-୨୫ ରେ ପ୍ରତି ଛାତ୍ର ପିଛା ଗଣ ବେଶ ବାବଦକୁ ୧ ହଜାର ଟଙ୍କା ହିସାବରେ ୨୭୦ ଜଣ ଛାତ୍ରଛାତ୍ରୀ ଙ୍କ ପାଇଁ ୨ ଲକ୍ଷ ୭୦ ହଜାର ଟଙ୍କା ସରକାର ଙ୍କ ତରଫରୁ ପ୍ରଧାନ ଶିକ୍ଷକ ଙ୍କୁ ହସ୍ତଗତ ହୋଇଛି । ପ୍ରଧାନ ଶିକ୍ଷକ ଙ୍କୁ ହସ୍ତଗତ ପରେ ବିଦ୍ୟାଳୟ ପରିଚାଳନା ର ରେଜୁଲେସନ କରାଯାଇ ପୋଷାକ କ୍ରୟ କରି ବଣ୍ଟନ



ବ୍ୟବସ୍ଥା ଥିଲେ ବି କମିଟି ର ସହମତି ନ ନେଇ ପ୍ରଧାନ ଶିକ୍ଷକ ମନୋମୁଖୀ ଭାବେ ପୋଷାକ କ୍ରୟ କରି ୧୬୦ ଜଣ ପିଲାଙ୍କ ପୋଷାକ ବଣ୍ଟନ କରିଛନ୍ତି । ଅବଶିଷ୍ଟ ଛାତ୍ରଛାତ୍ରୀ ଙ୍କ ପୋଷାକ ବାବଦ ଅର୍ଥ ଚଳୁ କରି ଦେଇ ଥିବା ନେଇ ଅଭିଯୋଗ ହୋଇଛି । ବିଦ୍ୟାଳୟର ଉନ୍ନତି ପାଇଁ ଆସୁଥିବା ସରକାରୀ ଅନୁଦାନ ସରପଞ୍ଚ, ସ୍ଥାନୀୟ ଲୋକ ପ୍ରତିନିଧି ଓ ବିଦ୍ୟାଳୟ ପରିଚାଳନା କମିଟି କୁ ନ ଜଣାଇ ସମସ୍ତ ଅର୍ଥ ଖର୍ଚ୍ଚ କରାଯାଉଛି । ପ୍ରତିଦିନ ବିଦ୍ୟାଳୟ ଛାତ୍ର ଉପସ୍ଥାନ ଯାହା ଥାଏ । ତାର ଦୁଇ ଗୁଣରୁ ଅଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ମେସେଜ୍ ପଠାଇ ମଧ୍ୟାହ୍ନ ବାବଦ ଅର୍ଥ ହଡ଼ପ କରୁଥିବା ଅଭିଯୋଗ ହୋଇଛି । ପ୍ରଧାନ ଶିକ୍ଷକ ବିଦ୍ୟାଳୟ କୁ ଠିକ୍ ସମୟରେ ଆସନ୍ତି ନାହିଁ । ପ୍ରତି ସୋମବାର ଅନୁପସ୍ଥିତ ରହନ୍ତି ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ଏହାର ତଦନ୍ତ କରାଯିବାକୁ ଦାବୀ କରିଛନ୍ତି । ଏହି ପ୍ରଧାନ ଶିକ୍ଷକ ଙ୍କ ବଦଳ ରେ ଅନ୍ୟ ଜଣେ ପ୍ରଧାନ ଶିକ୍ଷକ ଙ୍କୁ ନିଯୁକ୍ତି ପାଇଁ ଦାବୀ ରଖିଛନ୍ତି ।

# ଖଡିଆଳ ମହୋତ୍ସବ ନାମରେ ୱେବସାଇଟ ଉନ୍ମୋଚିତ, ସମସ୍ତ ସୂଚନା ଉପଲବ୍ଧ



ନୂଆପଡା ୨୧/୧ (ନି.ପ୍ର): ଖଡିଆଳ ମହୋତ୍ସବ ପାଳନ ନେଇ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ମହୋତ୍ସବ କୁ ୧୯ ବର୍ଷ ହେଉଥିବା ବେଳେ ଏହା ଏକ ୱେବ ସାଇଡ଼ ର ଉନ୍ମୋଚନ ହୋଇଅଛି । ଖଡ଼ିଆଳ ମହୋତ୍ସବ ର ପ୍ରଚାର ଓ ପ୍ରସାର ସହ ରାଜ୍ୟ ତଥା ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବା ନେଇ ଏଭଳି ଉଦ୍ୟମ ପ୍ରଶଂସନୀୟ ଅଟେ । ୱେବସାଇଟ ଉନ୍ମୋଚିତ ମୁଖ୍ୟ ଅତିଥି ଭାବ ରେ ଖଡ଼ିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀ ଯୋଗ ଦେଇ ଆନୁଷ୍ଠାନିକ ରୂପେ ଉନ୍ମୋଚନ କରିଥିଲେ । ସ୍ଥାନୀୟ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପରିସର ରେ ଆୟୋଜକ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏକ ବୈଠକ ରେ ଏହି ଖଡ଼ିଆଳ ମହୋତ୍ସବ ନାଁ ରେ ୱେବସାଇଟ ଉନ୍ମୋଚିତ ହୋଇଥିଲା । ଏଣିକି ଖଡ଼ିଆଳ ମହୋତ୍ସବ ର ସମସ୍ତ ସୂଚନା ଈଙ୍ଗଙ୍ଗଙ୍ଗ.ଳଷବୟସବକ୍ଷଙ୍କକ୍ଷପ୍ୱଷ୍ୱବଙ୍ଗଞ୍ଜ ରେ ନାମିତ ହୋଇ ଉନ୍ମୋଚିତ ହୋଇଥିବା ୱେବସାଇଟ ରେ ମହୋତ୍ସବ ର ସମସ୍ତ ସୂଚନା, ବିବରଣୀ,କାର୍ଯ୍ୟ ସୂଚୀ, ଉପଲବ୍ଧ ହୋଇପାରିବ । ବଦାନ୍ୟ ବ୍ୟକ୍ତି, ଖଡ଼ିଆଳ ଜନସାଧରଣଙ୍କ ସହଯୋଗ, ସହାନୁଭୂତି ଏବଂ ସହଭାଗିତା ରେ ଆଡମ୍ବର ରେ ମହୋତ୍ସବ ପାଳନ ହୋଇ ଆସୁଥିବା ବେଳେ ଖଡ଼ିଆଳ ସହର ସାହିତ୍ୟର ମାଟି, ସଂସ୍କୃତିର ମାଟି, କଳାର ମାଟି ଅଟେ ତେଣୁ ବିନା ସରକାରୀ ସହାୟତା ରେ ପାଳିତ ହୋଇଆସୁଛି ।

# ବ୍ଲକ୍ ସ୍ତରୀୟ ମାଣ୍ଡିଆ ଜନିତ ଖାଦ୍ୟ ପ୍ରସ୍ତୁତି ର ତାଲିମ ଏବଂ ପ୍ରଶିକ୍ଷଣ ଶିବିର



ତେନ୍ତୁଲିଖୁଣ୍ଟି ୨୧/୧ (ନି.ପ୍ର): ଶ୍ରୀ ଅନ୍ନ ଅଭିଯାନ ତଥା ଓଡ଼ିଶା ମିଲେଟ ମିଶନ ତରଫରୁ ଅଗ୍ରଗାମୀ ଅଫିସ ରେ ବ୍ଲକ ସ୍ତରୀୟ ମାଣ୍ଡିଆ ଜନିତ ଖାଦ୍ୟ ପ୍ରସ୍ତୁତି ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର କୁ ଶ୍ରୀ ଅନ୍ନ ଅଭିଯାନ ର ବ୍ଲକ୍ ସଂଯୋଜକ ଶ୍ରୀ ନିଶାନ୍ତ କୁମାର ବିଷୋୟୀ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ତେନ୍ତୁଲିଖୁଣ୍ଟି ବ୍ଲକ୍ ର ପ୍ରାୟ ୪ ଗୋଟି ପଞ୍ଚାୟତ ରୁ ୨୫ ଜଣ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ର ସଦସ୍ୟ ମାନେ ଯୋଗ ଦେଇଥିଲେ । ପ୍ରଶିକ୍ଷଣ ଦେବା ନିମନ୍ତେ ନବରଙ୍ଗପୁର ରୁ ଦୁଇ ଜଣ ସଫଳ ମହିଳା ଯେଉଁମାନେ କି ଏହି ମାଣ୍ଡିଆ ଜନିତ ଖାଦ୍ୟ ପ୍ରସ୍ତୁତି ରେ ଖ୍ୟାତି ଅର୍ଜନ କରିଛନ୍ତି ସେମାନେ ଉପସ୍ଥିତ ଥିବା ସଦସ୍ୟ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।ବ୍ଲକ୍ କୃଷି ଅଫିସ୍, ଅଗ୍ରଗାମୀ ଏନ୍ ଜି ଓ, ନବଗାମୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ ରୁ ମଧ୍ୟ ଷ୍ଟାଫ୍ ମାନେ ଯୋଗ ଦେଇ ଉକ୍ତ ବୈଠକ କୁ ସଫଳ କରିଥିଲେ । ଶିବିରରେ ମାଣ୍ଡିଆ ର ମିକ୍ସଚର, ମାଣ୍ଡିଆ କାକରା, ମାଣ୍ଡିଆ ଲଡୁ, ମାଣ୍ଡିଆ ଖଡୁ, ମାଣ୍ଡିଆ ଦ୍ୱକ୍ଷ୍ମଣରମବଳର, ମାଣ୍ଡିଆ କେକ, ମାଣ୍ଡିଆ ଗୁଲାବ ଜାମୁନ, ମାଣ୍ଡିଆ ବୋରା ଇତ୍ୟାଦି ପ୍ରସ୍ତୁତି ଉପରେ ତାଲିମ ଦିଆଯାଇଥିଲା । ଶିବିର ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କି ଆଦିବାସୀ ସମ୍ପ୍ରଦାୟ ବହୁଳ ବ୍ଲକ୍ ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନେ କିପରି ନିଜେ କିଛି ମାଣ୍ଡିଆ ଜନିତ ଖାଦ୍ୟ ପ୍ରସ୍ତୁତି କରି ଏବଂ ଏହାକୁ ଲୋକ ଲୋଚନ କୁ ଆଣିବା ସହିତ ନିଜେ ମଧ୍ୟ ସ୍ୱାବଲମ୍ବୀ ହୋଇ ପାରିବେ । ମାଣ୍ଡିଆ ଜନିତ ଖାଦ୍ୟ ର ଚାହିଦା ଯେହେତୁ ଦିନକୁ ଦିନ ବୃଦ୍ଧି ପାଉଛି ତେଣୁ ଏହାକୁ ଏକ ଭଲ ବ୍ୟବସାୟ ରୂପରେ ନେଇ ନିଜ ସହିତ ନିଜ ପରିବାର କୁ ବି ସ୍ୱାବଲମ୍ବୀ କରିପାରିବ ବୋଲି କହିଥିଲେ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଜଗନ୍ନାଥ ଜେନା ।

# +୩ ସ୍ନାତକ ବିଜ୍ଞାନ ବିଭାଗର ସେମିନାର କାର୍ଯ୍ୟ କ୍ରମ ଅନୁଷ୍ଠିତ



ଆଠମଲ୍ଲିକ ୨୧/୧ (ନି.ପ୍ର): ଚଳିତ ଶିକ୍ଷା ବର୍ଷ ୨୦୨୪-୨୫ ପାଇଁ ଆଠମଲ୍ଲିକ ମହାବିଦ୍ୟାଳୟ +୩ ସ୍ନାତକ ର ଚାରୋଟି ବିଜ୍ଞାନ ବିଭାଗ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସେମିନାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କୁ ମହାବିଦ୍ୟାଳୟ ର ଅଧକ୍ଷ ଲକ୍ଷ୍ମୀକାନ୍ତ ମେହେର ଉଦଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ବିଭିନ୍ନ ବିଷୟ ବସ୍ତୁ ଯଥା ବୈଦ୍ୟୁତିକ ଓ ଚୁମ୍ବକୀୟ କ୍ଷେତ୍ର ର ପରମାଣୁ ଉପରେ ପ୍ରଭାବ, ଜୈବିକ ପଦାର୍ଥ ରୁ ନବୀକରଣ ଯୋଗ୍ୟ ଶକ୍ତି ଉତ୍ପାଦନ, ଉଦ୍ଭିଦ ହରମୋନ ର ପ୍ରକାର ଭେଦ, ତଥା ଅନ୍ତର୍ଗୋଷ୍ଠୀୟ ବିଭ୍ରମଣ (ଆଇ ଭି ଏଫ ) ଆଲୋଚିତ ହୋଇଥିଲା । ବିଚାରକ ରୂପେ ନିକଟସ୍ଥ ଜନତା ଡିଗ୍ରୀ ମହାବିଦ୍ୟାଳୟ ର ଅଧ୍ୟାପକ ଅସିତ ଜେନା, ଚନ୍ଦ୍ରଶେଖର ସିଂ, ଅଧ୍ୟାପିକା ଶୁଭ୍ରଶଶୀ ପ୍ରଧାନ ଏବଂ ମଧୁସ୍ମିତା ସାହୁ ଯୋଗ ଦେଇଥିଲେ । ଅଧ୍ୟାପକ ଅମ୍ବରୀଶ ଷଡ଼ଙ୍ଗୀ, ବ୍ରଜଗୋପାଳ ମିଶ୍ର, ଅଧ୍ୟାପିକା ଶାନ୍ତା ପଣ୍ଡା, ପ୍ରବୀଣା ବିଶ୍ୱାଳ, ମୋନାଲିସା ପ୍ରଧାନ, ପ୍ରମୁଖ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ।

# ଖତ ଖାଉଛି କୋଟି ଟଙ୍କା ସରକାର କା ମାଲ ଦରିଆ ମେ ଡାଲ

## କେସିଙ୍ଗା ବ୍ଲକ ବୋରିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗାଇଦର ଗ୍ରାମରେ ବସୁଧା ପାନୀୟ ଜଳ ଯୋଗାଣ ବାଟବଣା

ଭବାନୀପାଟଣା ୨୧/୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା କେସିଙ୍ଗା ବ୍ଲକ ବୋରିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗାଇଦର ଗ୍ରାମରେ ବସୁଧା ପାନୀୟ ଜଳ ଯୋଗାଣ ଦୀର୍ଘ ୩,ରୁ ୪,ବର୍ଷ ହେଲା ଅଧ ପନ୍ତରିଆ ଅବସ୍ଥାରେ ପଡ଼ି ରହିଛି ସୂଚନା ଯୋଗ୍ୟ ଯେ ଅଟକଳ ମୂଲ୍ୟ ଟ,୯୫,୫୯,୨୪୯ ନିର୍ମିତ ବସୁଧା ପାନୀୟଜଳ ଯୋଗାଣ ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ଅଧାପନ୍ତରିଆ ଭାବରେ ପଡ଼ି ରହିଛି ।କିନ୍ତୁ କାର୍ଯ ଶେଷ ତାରିଖ ୦୯/୦୪/୨୦୨୩ ରେ ଶେଷ ହେବା କଥା ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରକଳ୍ପଟି କାହା ସ୍ୱାର୍ଥ ରେ ପଡ଼ିରହିଛି ତାହା ଏବେ ପର୍ଯ୍ୟନ୍ତ ଗ୍ରାମବାସୀ ଜାଣି ପାରୁନାହାନ୍ତି । ଫଳରେ ଗ୍ରାମ ବାସି ପାଣି ପାଇ



ହଇରାଣ ହରକତ ହେଉଛନ୍ତି । ଗାଇଦର ଗ୍ରାମ ର ଜନସଂଖ୍ୟା ପାଖାପାଖି ୧୦୦୦ ରୁ ଉର୍ଦ୍ଧ ଲୋକ ବସୁଧା ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି । ଗ୍ରାମବାସୀ ବାରମ୍ବାର ଜେ. ଇ ଓ ଠିକାଦାର ଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି କାମରେ ଆସୁନି । ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପ୍ରକଳ୍ପ ଆଣିଲେ ମଧ୍ୟ ତାହା ଜନସାଧାରଣଙ୍କ କାମରେ ଆସୁନି ସବୁ ଅଧା ହେଇ ରହିଯାଉଛି । କିଛି ଦିନ ତଳେ ସରପଞ୍ଚ ମହୋଦୟ ଙ୍କୁ ଏ ବାବଦରେ ଗ୍ରାମବାସୀ ଅଭିଯୋଗ କରିଥିଲେ କିନ୍ତୁ ସରପଞ୍ଚ ଆଶ୍ୱାସନା ଦେଇଥିଲେ ହେବବୋଲି ହେଲେ ଏବେ ପର୍ଯ୍ୟନ୍ତ କୌଣସି କାମ ଆଗକୁ ଯାଇନି ଯେମିତି ଥିଲା ସେମିତି ଅବସ୍ଥାରେ ପଡ଼ି ରହିଛି । ଏବେ ଗ୍ରାମବାସୀ ଙ୍କ ପ୍ରଶ୍ନ ଉଠୁଛି ଯେ କାହା ସ୍ୱାର୍ଥ ରେ ଆଜିଯାଏଁ ବସୁଧା ପାନୀୟଜଳ ଯୋଗାଣ ଦୀର୍ଘ ବର୍ଷ ହେଲା ପଡ଼ି ରହିଛି । ଗ୍ରାମବାସୀ ଙ୍କ ଅଭିଯୋଗ ଯେ ଗାଁ ରେ ଥିବା ନଳକୂପ ରୁ ପାଣି ଭଲସେ ଆସୁନି ସବୁ ପୁରୁଣା ହେଇଗଲାଣି ଛୋଟ ଛୋଟ ଲୁହା ଗୁଣ୍ଡ ସବୁ ବାହାରୁଛି ଫଳରେ ପାଣି ପାଇ ଗ୍ରାମବାସୀ ବହୁତ୍ ହଇରାଣ ହେଉଛନ୍ତି ତେଣୁ ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରି ଏହି ବସୁଧା ପ୍ରକଳ୍ପ କୁ ଚାଲୁ କରିବେ ବୋଲି ଗାଇଦାର ଗ୍ରାମବାସୀ ଙ୍କ ଦାବି ହେଉଛି ।

# ବାର୍ଷିକ ମହୋତ୍ସବ ଉପଲକ୍ଷେ ତ୍ରିରଙ୍ଗା କପଡ଼ାରେ ସଜ୍ଜିତ କାଣ୍ଡସର ପଡ଼ିଆ ଚୌଦିଗ

ମୟୂରଭଞ୍ଜ ୨୧/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡସ୍ଥ ଜାମଦା ବ୍ଲକ କାଣ୍ଡସର ନେତାଜୀ ଯୁବକ ସଂଘ ପକ୍ଷରୁ ପ୍ରତି ବର୍ଷ ପରି ଏ ବର୍ଷ ୬୦ତମ ବାର୍ଷିକ ମହୋତ୍ସବ ପାଳନ ହେବାର ସ୍ଥିର ହୋଇଛି ।ଦୀର୍ଘ ୫ ଦିନ ଧରି ୨୧ ରୁ ୨୫ /୦୧/୨୦୨୫ଯାଏଁ ଏହି ମହୋତ୍ସବ ପାଳନ କରାଯିବ ।ଏହି ମହୋତ୍ସବରେ ବିଭିନ୍ନ ଖେଳ,ବିଭିନ୍ନ ନାଚ,ବିଭିନ୍ନ ଗୀତ ଆଦି ସବୁ କାର୍ଯ୍ୟମାନ ସଂଘ ପକ୍ଷରୁ ଭେଟି ଦିଆଯିବ ବୋଲି ବରିଷ୍ଠ ନାଗରିକ ମୁସ୍ତଫା ଅଲ୍ଲୀ ପ୍ରକାଶ କରିଛନ୍ତି ।ସୂଚନାନୁସାରେ ଏହି ୫ ଦିନ



ମହୋତ୍ସବରେ ୩ଦିନ ଧରି ୩୨ଟି ଫୁଟବଲ ଟିମ୍ ଅଂଶଗ୍ରହଣ କରି ଖେଳ ଦର୍ଶକମାନଙ୍କୁ ପ୍ରଦର୍ଶନ କରିବେ,ଗୋଟିଏ ଦିନ କ୍ରିକେଟ୍ ଖେଳରେ ମୋଟ ଆଠଟି ଟିମ୍ ଭାଗନେବେ ଏବଂ ବାଳକବାଳିକା,ପୁରୁଷମହିଳା ମାନଙ୍କ ନିମନ୍ତେ ବିଭିନ୍ନ ଖେଳକୁଦର ବ୍ୟବସ୍ଥା କରାଯାଇଛି ବୋଲି ଗ୍ରାମର ଲକ୍ଷ୍ମଣ ଟୁଡୁ ଅବଗତ କରିଛନ୍ତି ଏବଂ ଆଦିବାସୀ ନାଚଗୀତରେ ମଧ୍ୟ ବିଭିନ୍ନ ଗାଁ ର ନାଚ ଦଳ ଏଥିରେ ଅଂଶ ଗ୍ରହଣ କରି ନିଜ ନିଜ ଗାଁ ର ଦକ୍ଷତା ପ୍ରଦର୍ଶନ କରିପାରିବେ ବୋଲି ନେତାଜୀ ସଂଘ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।ଏଥିପାଇଁ ସଂଘର ସମସ୍ତ କର୍ମକର୍ତ୍ତା ମହୋତ୍ସବ ପଡ଼ିଆକୁ ସଜ୍ଜିକରଣ କରିବା ନିମନ୍ତେ ନିୟୋଜିତ ହୋଇଛନ୍ତି ।ତ୍ରିରଙ୍ଗା କପଡାରେ ପଡ଼ିଆର ଚୌହଦୀ ସାରା ଘେରାଉ କରାଯାଇଛି ।ବ୍ୟବସ୍ଥା ଦୃଷ୍ଟିରୁ ବିଭିନ୍ନ ଛୋଟବଡ଼ ଦୋକାନ,ହୋଟେଲ,ଫାଷ୍ଟଫୁଡ୍ ଦୋକାନ,ଖେଳଣା ଦୋକାନ ଗୁଡିକକୁ ପଡ଼ିଆ ନିକଟରୁ କିଛି ଦୂରରେ ବସାଇବା ନିମନ୍ତେ ପରାମର୍ଶ ଦିଆଯାଇଛି ।ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ବାର୍ଷିକ ମହୋତ୍ସବ ଉପଲକ୍ଷେ କାଣ୍ଡସର ଗାଁ ରେ ଘରେ ଘରେ ବନ୍ଧୁପୂର୍ଣ୍ଣ ହୋଇଥିବା ଜଣାପଡ଼ିଛି ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ତେନ୍ତୁଲିଖୁଣ୍ଟି ୨୧/୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ପରିସର ମଧ୍ୟରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ନବରଙ୍ଗପୁର ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଙ୍କ ଉପସ୍ଥିତି ରେ ବ୍ୟକ୍ତିଗତ ଭାବେ ୨୯ ଟି ଏବଂ ଗୋଷ୍ଠୀ ୧୫ଟି ଏହିଭଳି ୪୪ଟି ଅଭିଯୋଗ ହୋଇଥିଲା ।ଏଥିରୁ ୩ଟି ଅଭିଯୋଗ ର ତ୍ୱରିତ ସମାଧାନ ହୋଇଛି ।ଏହି ଅଭିଯୋଗ ଗୁଡିକ ମଧ୍ୟରେ ମଣ୍ଡି କାର୍ଡ ଅବଧି ବୃଦ୍ଧି ପାଇଁ ଦାବୀ,ଜମି ଜମା ସଂକ୍ରାନ୍ତ, ଲକ୍ଷ୍ମୀ ବସ୍ ପାହାଡିଆ ଗାଁ ଗୋଡିଗାଁ କୁ ସେବା , ପାନୀୟ ଜଳ, ବିଦ୍ୟାଳୟ ର ଶ୍ରେଣୀ ଗୃହ,ଉଚ୍ଚ ଶିକ୍ଷା ବିଭାଗ ସମ୍ବନ୍ଧୀୟ,ମେଗା ଉଠା ଜଳସେଚନ ଜମି ଖନନ କୁ ବିରୋଧ କରି ଗ୍ରାମବାସୀ ଙ୍କ ଅଭିଯୋଗ,ରାଜସ୍ୱ ମୌଜା ଚରାମୂଳା ଏହାର ପଡା ଗ୍ରାମ ଗଦବାଗୁଡାକୁ ସ୍ୱତନ୍ତ୍ର ଗ୍ରାମ ର ମାନ୍ୟତା ପାଇଁ ଦାବି ।,ପେନସନ, ନୂତନ ରାସନ କାର୍ଡ, ଆବାସ ଗୃହ ଭଳି ଅଭିଯୋଗ ହୋଇଥିଲା ।ସେହିପରି ସରପଞ୍ଚ ସଂଘ ସଭାପତି ମନ ମୋହନ ଦଳପତି ପୂର୍ବ ଅଭିଯୋଗ ଶୁଣାଣି ରେ ଝରିଗୁମ୍ମା ପ୍ରାଥମିକ ବିଦ୍ୟାଳୟରେ ନଳକୂପ ଖନନ ପାଇଁ ଅଭିଯୋଗ କରିଥିଲେ ।ଏହି ବିଦ୍ୟାଳୟ ରେ ପିଲା ମଧ୍ୟାହ୍ନ ଭୋଜନ ଖାଇସାରିବା ପରେ ୧ କିମି ହାତ ଧୋଇବାକୁ ଯିବା କୁ ପଡୁଛି ।ଅଭିଯୋଗ ର ଏକ ମାସ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା ପ୍ରକାଶ କରିଛନ୍ତି ।ଏହାର ସଫାଇ ଦେବାକୁ ଯାଇ ସମ୍ପୃକ୍ତ ବିଭାଗ ରଯନ୍ତୀ ସମସ୍ୟାର ସମାଧାନ ହୋଇଯାଇଛି ବୋଲି ଜିଲ୍ଲାପାଳ ଙ୍କ ଆଗରେ ମିଥ୍ୟା କହିଲେ ବୋଲି ପ୍ରକାଶ କରିଛନ୍ତି ।ଏହି ଅଭିଯୋଗ ଶୁଣାଣି ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତେନ୍ତୁଳିଖୁଣ୍ଟି , ତହସିଲଦାର ତେନ୍ତୁଳିଖୁଣ୍ଟି , ମଙ୍ଗଳସମ୍ପ୍ରସରଣ ଅଧିକାରୀ ତେନ୍ତୁଳିଖୁଣ୍ଟି, ଯୋଗାଣ ଅଧିକାରୀ ଙ୍କ ସହ ସମସ୍ତ ଜିଲ୍ଲା ଏବଂ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ସମାଜସେବୀ ତଥା ଅବସରପ୍ରାପ୍ତ ଶିକ୍ଷକଙ୍କର ବିୟୋଗ

ମୟୁରଭଞ୍ଜ ୨୧/୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଜାମଦା ବ୍ଲକ କାଣ୍ଡସର ଏମି ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚନ୍ଦ୍ର ତିଉ(୮୦)ଙ୍କର କିମ୍ସ ହସ୍ପିଟାଲ ରେ ବିୟୋଗ ଘଟିଛି ।ତାଙ୍କର ଏକମାତ୍ର ପୁତ୍ର ତାପସ ତିଉ,ଝିଅ ରାଣୀ ତିଉ,ଜମୁନା ତିଉ,ଶୁକୁମତି ତିଉ,ଚମ୍ପାବତୀ ତିଉ ଓ ପୁତ୍ର ବୋଧୁ ଏବଂ ଜ୍ୱାଇଁମାନେ ମୁର୍ତ୍ୟୁବେଳକୁ ଉପସ୍ଥିତ ଥିଲେ ।ଶିକ୍ଷକରୁ ଅବସର ପରେ ସେ ନିଜକୁ ସମାଜ ପ୍ରତି ଉତ୍ସର୍ଗୀତ କରିଥିଲେ ।ଦୁମାଡ଼ିହି ଗାଁ ରେ ଥିବା ଶ୍ରୀଗଣେଶ ଶିକ୍ଷାକେନ୍ଦ୍ର ପ୍ରତି ବହୁ ଅବଦାନ ତାଙ୍କର ରହିଥିଲା ।ଏ ନେଇ ଶ୍ରୀ ଗଣେଶ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ରଂଜିତା କରଙ୍କ ଅଧକ୍ଷତାରେ ବିଦ୍ୟାଳୟରେ ଏକ ଶୋକସଭା ପାଳନ କରାଯାଇଛି ଏବଂ ଅଞ୍ଚଳରେ ରହିଥିବା ତାଙ୍କର ପ୍ରିୟ ଛାତ୍ର ଗୋଷ୍ଠୀ ଶୋକସଭା ପାଳନ କରି ତାଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ ।

# ମହାକୁମ୍ଭରେ କେନ୍ଦୁଝର ଜିଲ୍ଲା ଆଦିତ୍ୟ ବାହିନୀ ର ସେବା କାର୍ଯ୍ୟ



ପାଟଣା ୨୧/୧ (ନି.ପ୍ର): ପୁରୀ ଗୋବର୍ଦ୍ଧନ ମଠ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ଙ୍କ ଦ୍ୱାରା ପରିଚାଳିତ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ମହାକୁମ୍ଭ ରେ ସେବା କାର୍ଯ୍ୟ କରାଯାଉଛି । ଉତ୍ତରପ୍ରଦେଶର ପ୍ରୟାଗ ରାଜ ଠାରେ ୧୪୪ ବର୍ଷରେ ଥରେ ପଡୁଥିବା ମହାକୁମ୍ଭ ଯାତ୍ରାରେ ପୁରୀ ଗୋବର୍ଦ୍ଧନ ମଠ ଦ୍ୱାରା ପରିଚାଳିତ କେନ୍ଦୁଝର ଜିଲ୍ଲାର ଆଦିତ୍ୟ ବାହିନୀ ଏବଂ ଆନନ୍ଦ ବାହିନୀ ର ଜିଲ୍ଲା ସମ୍ପାଦକ ପ୍ରହ୍ଲାଦ ମହାନ୍ତ ଙ୍କ ନେତୃତ୍ୱରେ ରଞ୍ଜନ କୁମାର ବାରିକ ଏବଂ କେନ୍ଦୁଝର ଜିଲ୍ଲା ଆଦିତ୍ୟ ବାହିନୀ/ଆନନ୍ଦ ବାହିନୀ ର ମିଡିଆ ସେଲର କିଶୋର ଚନ୍ଦ୍ର ମହାନ୍ତ ଙ୍କ ସହଯୋଗରେ କେନ୍ଦୁଝର, ମୟୁରଭଞ୍ଜ, ଭଦ୍ରକ, ବାଲେଶ୍ୱର, କୋରାପୁଟ, ନବରଙ୍ଗପୁର, ଅନୁଗୁଳ, ଢେଙ୍କାନାଳ, ଖୋର୍ଦ୍ଧା ରାୟଗଡା, ଏବଂ ବିଭିନ୍ନ ଜିଲାରୁ ୫୦୦ ରୁ ଉର୍ଦ୍ଧ୍ୱ ଆଦିତ୍ୟ ବାହିନୀର କର୍ମକର୍ତ୍ତା ମାନେ ବିଭିନ୍ନ ସେବା କରୁଛନ୍ତି ।ଉତ୍ତର ପ୍ରଦେଶରେ ଅନୁଷ୍ଠିତ ହେଉଥିବା ଏହି ମହାକୁମ୍ଭ କାର୍ଯ୍ୟକ୍ରମ ଲକ୍ଷାଧିକ ଲୋକଙ୍କ ସମାଗମ ହେଉଥିବାରୁ ସେଠାରେ ବିଭିନ୍ନ ସାମାଜିକ ସେବା ଆଦିତ୍ୟବାହିନୀ ଦ୍ୱାରା କରାଯାଉଛି ।ଏହି ସେବା ମହାକୁମ୍ଭ ଶେଷ ହେବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଆଦିତ୍ୟବାହିନୀ ର ମୁଖ୍ୟ ପ୍ରହ୍ଲାଦ ମହାନ୍ତ ସୂଚନା ଦେଇଛନ୍ତି । ସ୍ୱଚ୍ଛତା ଓ ଭକ୍ତ ମାନଙ୍କୁ ପ୍ରସାଦ ବଣ୍ଟନ ଆଦି କାର୍ଯ୍ୟ ସହିତ ଅନ୍ୟାନ୍ୟ ସେବାରେ ଆଦିତ୍ୟବାହିନୀ ର ସେବକମାନେ ସେବା କରୁଛନ୍ତି ।ଏହି ସେବାକାର୍ଯ୍ୟରେ ଆଦିତ୍ୟବାହିନୀର ମୁଖ୍ୟ ପ୍ରହ୍ଲାଦ ମହାନ୍ତ, ଚନ୍ଦ୍ରମଣି ନାଏକ,ସାଗର ମହାନ୍ତି, ରଞ୍ଜନ କୁମାର ବାରିକ, ଦୁର୍ଯ୍ୟୋଧନ ମହାନ୍ତ, ହୃଷିକେଶ ନାୟକ, ହର୍ଷ କୁମାର ବାରିକ, ବାଲ୍ମୀକି ମହାନ୍ତ, ଭାସ୍କର ପାଇଦା, ସତ୍ୟଜିତ ବେଜ,କୁନ୍ତଳା ମହାନ୍ତ, ଦୀପକ ମହାନ୍ତ, ପ୍ରମୁଖଙ୍କ ସହିତ ଶତାଧିକ କର୍ମକର୍ତ୍ତା ମହାକୁମ୍ଭ ମେଳାରେ ଯୋଗଦେଇ ସାମାଜିକ କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

# ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ୍ କାର୍ଯ୍ୟକ୍ରମ ଉଦଯାପିତ

ମୟୂରଭଞ୍ଜ ୨୧/୧ (ନି.ପ୍ର): ସହୀଦ ବିର୍ସା ମୁଣ୍ଡା ଉଚ୍ଚ ମାଧମିକ ବିଦ୍ୟାଳୟ କଇଁପୁର ଜାମଦାଠାରେ ୧୫୨ ଜଣ ଛାତ୍ରୀଙ୍କୁ ନେଇ ଆତ୍ମସୁରକ୍ଷା ତାଲିମ ଅଧକ୍ଷ ରାମଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଉଦଯାପିତ ହୋଇଯାଇଛି ।ମୁଖ୍ୟ ଅତିଥି ଅଧ୍ୟାପକ ମାନସ ପରିଡ଼ା ଯୋଗଦେଇ ଦେଇ ଛାତ୍ରୀ ଆତ୍ମସୁରକ୍ଷା ତାଲିମର ମହତ୍ୱ ଉପରେ କହିଥିଲେ ।ରାଜ୍ୟ ୟୁଏସ୍ଆଇ ସମଗଠନର ରାଜ୍ୟ ସମ୍ପାଦକ ପ୍ରଶ୍ନ କୁମାର ଶତପଥୀ ଆତ୍ମ ସୁରକ୍ଷା ଶ୍ରେଷ୍ଠ ସୁରକ୍ଷା ବୋଲି କହିଥିଲେ ।ନୋଡ଼ାଲ ଅଫିସର ରଜତ କୁମାର ଗିରି ପରିଚାଳନା କରିଥିଲେ ।ମାଷ୍ଟର ଟ୍ରେନ୍-ର ବବିତା ମଣ୍ଡଳ ତାଲିମ ପ୍ରଦାନ କରିଥିଲେ ।ଅଧ୍ୟାପକ ବଳରାମ ମହାନ୍ତ,ସୁକାନ୍ତି ମହାନ୍ତି,ସତ୍ୟବାନ ସାହୁ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।ଡିଇଓ ରଜତ ଗିରି ସାଧୁବାଦ ଅର୍ପଣ କରିଥିଲେ ।

# ଆଠ ମାସର ଗର୍ଭବତୀ ଖୁଡିଙ୍କୁ ସମ୍ପର୍କୀୟ ପୁତୁରାର ଦୁଷ୍କର୍ମ ଅଭିଯୋଗ

ବାଲିଗୁଡା ୨୧/୧ (ନି.ପ୍ର): ଆଠ ମାସ ର ଗର୍ଭବତୀ ଖୁଡି ଙ୍କୁ ସମ୍ପର୍କୀୟ ଜଣେ ପୁତୁରା ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଛି । ଏପରିକି ଗର୍ଭବତୀ ଖୁଡି ଜଣକ ପୁତୁରା କୁ ପ୍ରତିବାଦ କରିବା ସମୟରେ ଅତି ନିର୍ମମ ଭାବେ ଖୁଡି ଙ୍କୁ କାଠ ଫାଳିଆ ରେ ପିଟିବା ସହ ଗର୍ଭବତୀ ମହିଳା ଙ୍କ ଶରୀର କୁ ଚୋବେଇ ଲାତ ଗୋଇଠା ପ୍ରହାର କରିଥିବା ମଧ୍ୟ ଅଭିଯୋଗ ହୋଇଛି । ଶେଷରେ ଅମାନୁଷିକ ପୁତୁରା ଘୋଷାରି ଘୋଷାରି ଗର୍ଭବତୀ ଖୁଡି ଙ୍କୁ ନେଇ ଦୁଷ୍କର୍ମ କରିଥିବା ମଧ୍ୟ ଅଭିଯୋଗ ଆଣିଛନ୍ତି ତାଙ୍କ ସ୍ୱାମୀ କ୍ଷ ସମ୍ପର୍କୀୟ ପୁତୁରା ଦ୍ୱାରା ଲହୁ ଲୁହାଣ ଖୁଡି ଙ୍କୁ ତାଙ୍କ ସ୍ୱାମୀ ଗୁରୁତର ଅବସ୍ଥାରେ ବାଲିଗୁଡା ମେଡିକାଲ ରେ ଭର୍ତି କରାଇଥିଲେ । କିନ୍ତୁ ଗର୍ଭବତୀ ମହିଳା ଙ୍କ ଅବସ୍ଥା ଅଧିକ ଗୁରୁତର ହୋଇଥିବା ନେଇ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି । ବାଲିଗୁଡା ଥାନା ବୁଡୁରୁକିଆ ପଞ୍ଚାୟତ ରୁ ଆସିଛି ଏପରି ଅଭାବନୀୟ ଘଟଣା । ସେହି ଗ୍ରାମର ସମ୍ପର୍କୀୟ ପୁତୁରା ଜଣକ ଘରେ କେହି ନଥିବା ର ସୁଯୋଗ ନେଇ ଦୁଷ୍କର୍ମ କରିଥିବା ପୀଡିତା ଙ୍କ ସ୍ୱାମୀ କହିଛନ୍ତି ।

# ଲକ୍ଷପତି ଦିଦି ମାନଙ୍କୁ ସ୍ୱାବଲମ୍ବୀ ଏବଂ ଆତ୍ମନିର୍ଭରଶୀଳ ହେବ ନ ନିମନ୍ତେ ତାଲିମ ଶିବିର

ରଙ୍ଗେଇଲୁଣ୍ଡା ୨୧/୧ (ନି.ପ୍ର): ରଙ୍ଗେଇଲୁଣ୍ଡା ବ୍ଲକ୍ ରହିଥିବା ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ର ମାଁ ମାନଙ୍କୁ ନେଇ ଲକ୍ଷପତି ଦିଦି ପଞ୍ଚାୟତ ସ୍ତରୀୟ ତାଲିମ୍ ଶିବିର ର ଶୁଭାରମ୍ଭ ସ୍ଥାନୀୟ କୋଳଥି ଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ଶିବିର ମା ମାନଙ୍କୁ ସ୍ୱାବଲମ୍ବୀ ଏବଂ ଆତ୍ମ ନିର୍ଭରଶୀଳ ସହିତ ପରିବାର ପ୍ରତିପୋଷଣ ଏବଂ ପରିବାର ର ପିଲା ମାନଙ୍କୁ ଉଚ୍ଚ ଶିକ୍ଷିତ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ ଦିଗରେ ବେଶ୍ ସହାୟକ ହୋଇପାରିବ । ଏହି ଅବସରରେ କୋଳଥି ଗାଁ ସରପଞ୍ଚ ଜଗମୋହନ ପାତ୍ର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଦୀପ ପ୍ରଜ୍ଜ୍ୱଳନ କରି ଦୁଇ ଦିନିଆ ତାଲିମ୍ ଶିବିର ର ଉଦ୍ ଘାଟନ କରିଥିବା ବେଳେ ମୁଖ୍ୟ ପ୍ରଶିକ୍ଷକ ଭାବେ ରଙ୍ଗେଇଲୁଣ୍ଡା ବି.ପି. ଏମ୍ ସୋନାଲି ପ୍ରିୟ ଦର୍ଶିନି ଯୋଗ ଦେଇ ଉପସ୍ଥିତ ମା ମାନଙ୍କୁ ପ୍ରଶିକ୍ଷଣ ଶିବିର ସମ୍ପର୍କରେ ଅବଗତ କରାଇଥିଲେ ଅନ୍ୟ ତମ ଅତିଥି ମାନଙ୍କ ମଧ୍ୟରେ କୋଳଥି ଗାଁ ସମିତି ସଭ୍ୟା ତନୁଜା ବେହେରା,ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ବି.ଏଲ୍.ସି ପବିତ୍ରା ଡୋରା ମା ମାନଙ୍କୁ ସ୍ୱାବଲମ୍ବୀ ସହ ଆତ୍ମ ନିର୍ଭରଶୀଳ ହେବା ଦିଗରେ ଉଦ୍ ବୋଧନ ଦେଇ ମା ମାନଙ୍କୁ ଉତ୍ସାହିତ କରିଥିଲେ ।ପରିଶେଷରେ ଗ୍ରାମ ପଞ୍ଚାୟତ ଏମ୍.ବି .କେ ଚାନ୍ଦିନୀ ଦାସ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# କୃଷ୍ଣସିଂହ ପାଠାଗାରର ନୂତନ ପରିଚାଳନା ସଙ୍ଘ ଗଠନ




ଆସିକା,୨୧/୧ (ନି.ପ୍ର):ଆସିକା ନିରଞ୍ଜନ ନଗର ସ୍ଥିତ କୃଷ୍ଣସିଂହ ପାଠାଗାରର ନୂତନ ପରିଚାଳନା କର୍ମକର୍ତା ଚୟନ କୃଷ୍ଣସିଂହ ପାଠାଗାରଠାରେ ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବି ସୁଧାଂଶୁ ପଣ୍ଡା ଙ୍କ ସଭାପତିତ୍ୱରେ ଗଠନ ହୋଇଯାଇଛି। ଆଜି ପୂର୍ବ ସୂଚନା ମୁତାବକ ଦିନ ୧୧ଘଣ୍ଟା ସମୟରେ କୃଷ୍ଣସିଂହ ପାଠାଗାର ପରିସରରେ ସ୍ଥାନୀୟ ବୁଦ୍ଧିଜୀବୀ ସହରର ବିଭିନ୍ନ ୱାର୍ଡରୁ ଆସିଥିବା ଜନ ସାଧାରଣ ଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ରେ ପଠାଗାରର ପୂର୍ବତନ ସଭାପତି ସୁଧାଂଶୁ ପଣ୍ଡା ଉପସଭାପତି ସୁରେନ୍ଦ୍ର ନାଥ ସାହୁ, କାର୍ଯ୍ୟକାରୀ ସମ୍ପାଦକ ଏମ. ତାରିଣୀ ସେନାପତି ଓ ପରିଚାଳନା କମିଟି ର ସମସ୍ତ ସଭ୍ୟ ଉପସ୍ଥିତ ରେ ୦୨/୦୩/୧୯୧୬ ରୁ ଆରମ୍ଭ ହୋଇଥିବା ପାଠାଗାର ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ସର୍ବ ପୁରାତନ ୧୦୯ ବର୍ଷର ପାଠାଗାର କୁ କିଭଳି ପୁନଃ ଜୀବିତ ହେବା ନିମନ୍ତେ ଏକ ନୂତନ ପରିଚାଳନା କମିଟି ସର୍ବ ସମ୍ମତି କ୍ରମେ ଗଠନ କରାଯାଇଥିଲା । ଏହି ସଂଘରେ ନୂତନ କର୍ମକର୍ତା ଭାବେ ସଭାପତି ରୂପେ ଆଇନଜୀବୀ ବ୍ରହ୍ମାନନ୍ଦ ରାଓ,ଉପ ସଭାପତି ତାରିଣୀ ସେନାପତି, ସମ୍ପାଦକ ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ରନାଥ ସାହୁ, ଯୁଗ୍ମ ସମ୍ପାଦକ ଅନିଲ ପାଣିଗ୍ରାହୀ, କୋଷାଧକ୍ଷ ସାମ୍ବାଦିକ ସରୋଜ ଦାସଉପଦେଷ୍ଟା ରୂପେ ପୂର୍ବତନ ନଗରପାଳ ଆଇନଜୀବୀ ଦେବୀପ୍ରସାଦ ରଥ, ଆଇନଜୀବୀ ସୁଧାଂଶୁ ଶେଖର ପଣ୍ଡା, ଆଇନଜୀବୀ ସରୋଜ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ ପାଣିଗ୍ରାହୀ,ସଦସ୍ୟ ରୂପେ ୱାର୍ଡ ନମ୍ବର ୧୫ ଓ ୧୪ ର କାଉନସିଲର ଆଇନଜୀବୀ ସୂର୍ଯ୍ୟପ୍ରକାଶ ରାଓ, ପୂର୍ଣ୍ଣ ଚନ୍ଦ୍ର ନାୟକ, ଶିକ୍ଷକ ଶିବରାମ ମହାରଣା, କିଶୋର ଚନ୍ଦ୍ର ସାହୁ, ଯୁବ ସାମ୍ବାଦିକ ହରିହର ପାଢ଼ୀ, ଦଣ୍ଡପାଣି ବେହେରା, ପ୍ରଭାକର ବେହେରା, ଏସ.ପ୍ରସାଦ ରାଓ ଆଚାରୀ, ଶେଖ ବାହାଜାନ, ଶ୍ରୀନିବାସ ପାତ୍ର, ଯୁବ ସାମ୍ବାଦିକ କମଳେନ୍ଦୁ ହୋତା,ଶକ୍ତି ପ୍ରସାଦ କର,ନିରଞ୍ଜନ ମହାନ୍ତି, ଅନିଲ କୁମାର ସ୍ୱାଇଁ,ପ୍ରମୁଖଙ୍କୁ ମନୋନୀତ କରାଯାଇଛି । ଆସିକା ସହର ର ଶତାୟୁ ବର୍ଷର ସର୍ବ ପୁରାତନ କୃଷ୍ଣସିଂହ ପାଠାଗାରର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି । ଆସିକା ବିଜ୍ଞାପିତ ଅଂଚଳ ପରିଷଦର ୱାର୍ଡ ନମ୍ବର ୧୪ ନିରଞ୍ଜନ ନଗର ରେ ଥିବା ଏହି ପାଠାଗାରକୁ ସୁଚାରୁ ରୂପେ ପରିଚାଳନା କରିବା, ପୁରାତନ ପାଠାଗାର ପ୍ରତି ଅଞ୍ଚଳର ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷାବିତ ଏବଂ ପାଠକ ମାନଙ୍କ ନିମନ୍ତେ ସମସ୍ତ ପ୍ରକାର ସୁବିଧା ସୁଯୋଗ କରିବା ପାଇଁ ବିହିତ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଥଲା ।

# ମଇଥାନ ଇସ୍ପାତ କାରଖାନାକୁ ପ୍ରଦୂଷଣ ବିଭାଗର ଦ୍ୱିତୀୟ ନୋଟିସରେ ସୀମିତ

## ଚାରିମାସ ଭିତରେ ଦୁଇଥର କାରଣଦର୍ଶାଅ ନୋଟିସ

କଳିଙ୍ଗନଗର ୨୧/୧ (ନି.ପ୍ର): ଯାଜପୁର ଜିଲ୍ଲା ରେ ଥିବା ମଇଥାନ ଇସ୍ପାତ କାରଖାନା ପ୍ରଦୂଷଣ ନିୟନ୍ତ୍ରଣ କରିବା ରେ ବାରମ୍ବାର ବିଫଳ ହୋଇଥିବା ବେଳେ ବାରମ୍ବାର ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ନୋଟିସ ଜାରି କରିବା ପରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ଯାହା କି ତାଙ୍କର ନୋଟିସ ରୁ ବାରିହୋଇ ଯାଉଛି। ଗତବର୍ଷ ଅକ୍ଟୋବର ମାସ ୨୨ ତାରିଖରେ ପରିବେଶ ପ୍ରଦୂଷଣ କରୁଥିବା ଅଭିଯୋଗ କରି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କାରଣଦର୍ଶାଅ ନୋଟିସ ଜାରି ହୋଇଥିବା ବେଳେ ଚଳିତ ମାସ ୧୮ ତାରିଖରେ ଆଉଥରେ ନୋଟିସ ଜାରି କରିଛନ୍ତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପୂର୍ବରୁ ଜାରି କରିଥିବା ନୋଟିସ ନମ୍ବର ୧୬୮୬୯ ହୋଇଥିବା ବେଳେ ଗତ ୧୮ ତାରିଖରେ ଜାରି କରିଥିବା ନୋଟିସ ନମ୍ବର ୧୧୭୫ ହୋଇଥିବା ବେଳେ ମଇଥାନ ଇସ୍ପାତ ଯୋଗୁଁ ଦିନକୁ ଦିନ ପ୍ରଦୂଷଣ ର ମାତ୍ରା ବଢ଼ି ବଢ଼ି ଚାଲିଛି।ବିଷ ବଳୟ ଭିତରେ ସ୍ଥାନୀୟ ଅଞ୍ଚଳ।ଫଳରେ ସ୍ଥାନୀୟ ଅଞ୍ଚାଳରେ ଦିନକୁ ଦିନ ମାରାତ୍ମକ ରୋଗ ବ୍ୟାପିବାର ଲାଗିଛି।ପ୍ରଦୂଷଣ ପାଇଁ କଳିଙ୍ଗନଗର ବାସୀ ଅଣ ନିଶ୍ୱାସୀ ହୋଇ ପଡିଲେଣି।ଏହାକୁ ନେଇ ବାରମ୍ବାର ଅଭିଯୋଗ ହେଉଥିବାର ଦେଖିବାକୁ ମିଳେ।ଜିଲ୍ଲାପାଳ ଙ୍କ ଠାରୁ ଆରମ୍ଭ କରି ପ୍ରଦୂଷଣ ବିଭାଗ,ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ତା ସହିତ ଆର ଡି ସି ଙ୍କୁ ମଧ ଅଭିଯୋଗ ହୋଇଥିଲା।ଯାହାକୁ ନେଇ ମଇଥାନ ଇସ୍ପାତ କୁ ପ୍ରଦୂଷଣ ବିଭାଗ ଛାଟ ପୂର୍ବରୁ ପଡ଼ିଥିଲା। ମଇଥାନ ଇସ୍ପାତ ପ୍ଲାଣ୍ଟ ଅନେକ ଦିନରୁ ବେ ଫିକର ଭାବରେ ଚାଲିଆସିଥିଲେ ମଧ କାରଖାନା ଟି ପ୍ରଦୂଷଣ ରୋକିବା ପାଇଁ କୌଣସି ପଦକ୍ଷେପ ନେଉନଥିଲା।କାରଖାନାରେ କାର୍ଯ୍ୟ କରୁଥିବା ଶ୍ରମିକ ମାନେ ପ୍ରଦୂଷଣ ର ଶିକାର ହେଉଥିଲେ। ପ୍ରଦୂଷଣ ବିଭାଗ ପକ୍ଷରୁ ଦିତୀୟ ବାର ଚିଠିରେ ୧୫ ଟି ସା ଘାତିକ ଅଭିଯୋଗ ବା ପ୍ରଦୂଷଣ ନିୟନ୍ତ୍ରଣ ରେ ବିଫଳ କ୍ଷେତ୍ର ରେ ସୁଧାର ଆଣିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ନିର୍ଦ୍ଦେଶ ଦେଇଛନ୍ତି। ଏହି ୧୫ଟି ଅଭିଯୋଗ କୁ ତର୍ଜମା କଲେ ଜଣାପଡୁଛି କି ମଇଥାନ ଇସ୍ପାତ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ କୌଣସି ବ୍ୟବସ୍ଥା କରିନାହାନ୍ତି।ସମ୍ପୂର୍ଣ୍ଣ ବେଆଇନ ଭାବରେ କାରଖାନା କୁ ଚଳାଉଛନ୍ତି। ଯାହା କୁ ନେଇ କଳିଙ୍ଗନଗର ରେ ଥିବା ସାଧାରଣ ଲୋକ ଜୀବନ କୁ ଜାଣିଶୁଣି ବିପଦ କୁ ଠେଲି ଦେବାକୁ ପଛଘୁଞ୍ଚା ଦେଉନଥିବା କାରଖାନା ବୋଲି ସାଧାରଣରେ ଆଲୋଚନା ହେଉଛି। ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଚିଠି ଅନୁସାରେ ପ୍ଲାଣ୍ଟ କୁ ଆସୁଥିବା କଞ୍ଚାମାଲ କୁ ଘୋଡାଇ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।କାରଖାନା ମଧରେ ଉଡୁଥିବା କୋଇଲା ଓ ଲୁହା ଗୁଣ୍ଡ କୁ ନିୟନ୍ତ୍ରଣ ପାଇଁ ପାଣି ଛିଞ୍ଚନ୍ ହେଉନାହିଁ ବୋଲି କହିଛନ୍ତି।ପ୍ଲାଣ୍ଟ ର ରାସ୍ତା ଅତି କଦର୍ଯ୍ୟ ବୋଲି ଦର୍ଶାଇଛନ୍ତି।ସେହିପରି ପ୍ଲାଣ୍ଟ ରୁ ନିର୍ଗତ ପାଣି ଜଳ ପ୍ରଦୂଷଣ କରୁଛି ବୋଲି କହିଛନ୍ତି।ଗଚ୍ଛିତ କଞ୍ଚାମାଲ କୁ ସଠିକ୍ ଢଙ୍ଗରେ ରଖାଯାଉ ନାହିଁ।କୋଇଲା ଓ ଆଇରନ ୟାର୍ଡ୍ କୁ ଠିକ୍ ଭାବରେ ନିବୁଜ କରି ରଖାଯାଉ ନାହିଁ।କାରଖାନାରୁ ନିର୍ଗତ ପାଉଁଶ କୁ ଏଣେ ତେଣେ ଫିଙ୍ଗା ଯାଉଛି।ସି ପି ପି ପ୍ଲାଣ୍ଟ କୁ ସଠିକ୍ ଢଙ୍ଗରେ ପରିଚାଳିତ କରାଯାଉନି।ଡି ଆର ଆଇ ପ୍ଲାଣ୍ଟ ରୁ ଉଡୁଥିବା କୋଇଲା ଗୁଣ୍ଡ ଉପରେ ପାଣି ସିଞ୍ଚନ କରାଯାଉନି ବୋଲି ଉଲ୍ଲେଖ




ରହିଛି।ମୋଟ ଉପରେ କହିବାକୁ ଗଲେ ମଇଥାନ ପ୍ଲାଣ୍ଟ ସମ୍ପୂର୍ଣ୍ଣ ଭାବରେ ଅସୁରକ୍ଷିତ ଭାବରେ ଚାଲୁଛି।ଫଳରେ କାରଖାନାରୁ ନିର୍ଗତ ଜଳ,ବାୟୁ ସ୍ଥାନୀୟ ଅଞ୍ଚଳ ପାଇଁ ବିଷ ପାଲଟିଛି।କାରଖାନାରୁ ନିର୍ଗତ ଗ୍ୟାସ ଅଞ୍ଚଳ ବାସୀ ଙ୍କୁ ନାକେଦମ କରି ରଖିଛି।ଆଗାମୀ ଦିନରେ କାରଖାନାର ଏହି ମନମୁଖୀ କାର୍ଯ୍ୟ ପାଇଁ ଅନେକ ସମସ୍ୟା ଉପୁଜିଛି।ଏହାକୁ ସଠିକ୍ ଢଙ୍ଗରେ ପରିଚାଳନା କରାନଗଲେ କାରଖାନାକୁ ସମ୍ପୂର୍ଣ୍ଣ ଭାବରେ ଅଚଳ କରିଦିଆଯିବ ବୋଲି ନିର୍ଦ୍ଦେଶ ରହିଛି। କିନ୍ତୁ ଖାଲି ନିର୍ଦ୍ଦେଶ ପରେ କେବେ କୋଲୋଜର ନୋଟିସ ଦେଉଛି ପ୍ରଦୂଷଣ ବିଭାଗ।ତେବେ କେବେ ପ୍ରଦୂଷଣ ବିଭାଗ ପକ୍ଷରୁ କାର୍ଯ୍ୟଷାନ ନେଉଛନ୍ତି ଦେଖିବାକୁ ରହିଲା।

# ଉପଖଣ୍ଡସ୍ତରୀୟ ମା' ଘଣ୍ଟାଶୁଣି ଲୋକ ଉତ୍ସବ ଅନୁଷ୍ଠିତ

ବଲାଙ୍ଗୀର ୨୧/୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ ଉପଖଣ୍ଡ ସ୍ତରୀୟ ମାଁ ଘଣ୍ଟାସୁଣୀ ଲୋକଉତ୍ସବ ୨୦୨୫ ସ୍ଥାନୀୟ ଟିଟିଲାଗଡ଼ ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟ ଖେଳ ପଡିଆ ରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉପଖଣ୍ଡ ସ୍ତରୀୟ ମାଁ ଘଣ୍ଟାସୁଣୀ ଲୋକ ଉତ୍ସବ ପାଞ୍ଚ ଗୋଟି ବ୍ଲକ କୁ ନେଇ ଅୟୋଜିତ କରାଯାଇଥିବା ବେଳେ ବ୍ଲକ ସ୍ତରୀୟ ସବୁ ଶ୍ରେଣୀୟ କଳାକାର ମାନେ ମନୋନିତ ହୋଇ ଅଂଶ ଗ୍ରହଣ କରିଥିଲେ । ସେହି କଳାକାର ମାନେ ଉପଖଣ୍ଡ ସ୍ତରୀୟ ମାଁ ଘଣ୍ଟାସୁଣୀ ଲୋକଉତ୍ସବ ରେ ତାଙ୍କର କଳା ପ୍ରଦର୍ଶନ କରିଥିଲେ। ଲୋକଗୀତ, ନୃତ୍ୟ, ଆଦିବାସୀ ବାଦ୍ୟ, ଆଦିବାସୀ ନୃତ୍ୟ,ନାଟକ, ଘୁମୁରା, ଖଞ୍ଜଣି ଓ ଅନ୍ୟାନ୍ୟ ବିଭିନ୍ନ କଳା ପ୍ରଦର୍ଶନ କରାଯାଇଥିଲା। ଏଥିରେ ଯେଉଁ କଳାକାର ମାନେ ପ୍ରଥମ , ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ ସେହି କଳାକାର ମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇ ଥିଲା । ଉପଖଣ୍ଡ ସ୍ତରୀୟ ଲୋକଉତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା କଳାକାରମାନେ ଜିଲ୍ଲା ସ୍ତରୀୟ ଲୋକଉତ୍ସବରେ ରେ ଭାଗନେଇ ପାରିବେ। ଏହି ଉପଖଣ୍ଡ ସ୍ତରୀୟ ମାଁ ଘଣ୍ଟାସୁଣୀ ଲୋକଉତ୍ସବ ରେ ମୁଖ୍ୟ ଅତିଥି ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି ବିଧାୟକ ) ସମ୍ମାନୀତ ଅତିଥି ଶ୍ରୀ ନବୀନ କୁମାର ଜୈନ (ଟିଟିଲାଗଡ ବିଧାୟକ) , ମୁଖ୍ୟ ବକ୍ତା ଶ୍ରୀ ଶିବ ପ୍ରସାଦ ବେହେରା( ପୂର୍ବତନ ପ୍ରଫେସର ଡି. ଏ. ଭି. କଲେଜ୍ ଟିଟିଲାଗଡ଼ ) ଓ (ଆୟୋଜକ ) ଶ୍ରୀ ରେହାନ ଖତ୍ରି (ଉପଜିଲ୍ଲାପାଳ ଟିଟିଲାଗଡ )ଶ୍ରୀ ସନଦୀପ କୁମାର ଚନ୍ଦ୍ରକାର (ନିର୍ବାହି ଅଧିକାରୀ ଟିଟିଲାଗଡ଼ )ଶ୍ରୀ ରାଜେନ୍ଦ୍ର ମାଝୀ ( ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ) ଶ୍ରୀ ଚନ୍ଦ୍ରମଣୀ ନାଗ (ବି.ଡ଼ି.ଓ )ଅତିଥି ବୃନ୍ଦ ଶ୍ରୀ ମମତା ଦେବୀ ଜୈନ (ପୌରପରିଷଦ ଅଧକ୍ଷା )ଶ୍ରୀ ମତୀ ସଂଯୁକ୍ତା ନାଏକ ( ବ୍ଲକ ଅଧକ୍ଷା )ଶ୍ରୀ ମତୀ ଗୀତା ବିଷି ( ଜିଲ୍ଲାପରିଷଦ ଜୋନ ନଂ-୭ ) ଶ୍ରୀ ସଂଜୟ ବେହେରା ( ଜିଲ୍ଲାପରିଷଦ ଜୋନ ନଂ-୮ ) ମଞ୍ଚାସିନ ଥିଲେ ।ମଞ୍ଚ ପରିଚାଳନା କରିଥିଲେ କବି ଶ୍ରୀ ଟିକେଲାଲ ବେହେରା ଓ ଶ୍ରୀ ଶୁନିଲ କୁମାର ପୋଡ଼। ସମସ୍ତ କଳାକାରଙ୍କୁ ନିରୀକ୍ଷଣ କରିବା ପାଇଁ ବିଚାରକ ଭାବେ ନିୟୋଜିତ ଥିଲେ ଶ୍ରୀ ନିରାକାର ସାହୁ (ଲୋକଗୀତ) ଶ୍ରୀ ଗଗନ୍ ବାଗ୍ ( ବାଦ୍ୟ ଯନ୍ତ୍ର) ଶ୍ରୀ ସାନ୍ତନୁ ବେହେରା (ନୃତ୍ୟ ) ଶ୍ରୀ ନିଳମଣୀ ସାହୁ (ନାଟକ) ଏବଂ ବିଭିନ୍ନ ବ୍ଲକରୁ ସରକାରୀ ପଦ, ପଦବୀ ରେ ଥିବା ଅଧିକାରୀ ମାନେ ଓ ସରପଞ୍ଚ , ସଭ୍ୟ,ସଭ୍ୟା, ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ମେସ୍କୋ ରେଲୱେ ସାଇଡିଂ କଳିଙ୍ଗନଗର ପାଇଁ ଅଭିଶାପ !

## ବେଆଇନ ଭାବରେ ଚାଲୁଅଛି ମେସ୍କୋ ରେଲୱେ ସାଇଡିଂ

କଳିଙ୍ଗନଗର ୨୧/୧ (ନି.ପ୍ର): କଳିଙ୍ଗନଗର ଶିଳ୍ପନଗରୀ ରେ ପ୍ରଦୂଷଣ ନିୟନ୍ତ୍ରଣ କରିବା ସମ୍ଭବ ହେଉନାହିଁ। ଅଞ୍ଚଳ ରେ ବହୁ ଗ୍ରାମର ପ୍ରଦୂଷଣ ହେଉଥିବା ବେଳେ ବର୍ତମାନ ସର୍ବାଧିକ ପ୍ରଦୂଷିତ ଭାବେ କଳିଙ୍ଗନଗର ମାନପୁର ରେଲୱେ ସାଇଡିଂ ଓ ମେସ୍କୋ ରେଲୱେ ସାଇଡିଂ ସମସ୍ତେ ଜାଣନ୍ତି ଏପରିକି ଏ ଭୟଙ୍କର ପ୍ରଦୂଷଣକୁ ନେଇ ବିଗତ ଦିନରେ ନେସନାଲ ଗ୍ରୀନ ଟ୍ରିବୁନାଲ ପ୍ରଯ୍ୟନ୍ତ ଅଭିଯୋଗ ଯାଇଛି, କିନ୍ତୁ ଦୁଃଖ ଦୁର୍ଭାଗ୍ୟର କଥା ଏନ. ଜି. ଟି ନିର୍ଦ୍ଦେଶ କରିଥିବା ସର୍ତ୍ତ ଅନୁପାଳନ ହେଉନାହିଁ ସୁକିନ୍ଦା ରୋଡ଼ ରେଲୱେ ସାଇଡରେ, ଦିନରାତି ବର୍ଷକ ବାରମାସ ଯେଉଁ ଧୂଳି ଧୂଆଁ ପ୍ରଦୂଷଣ ରେ ଏହି ଦୁଇ ରେଲୱେ ସାଇଡିଂ ପାଇଁ ଆଖପାଖ ବାସିନ୍ଦା ପେଷି ହେଉଛନ୍ତି ସେ ଦୁଃଖ ଦ୍ୱି ଗୁଣିତ ହେଇ ଯାଉଛି ବର୍ଷର ଗ୍ରୀଷ୍ମ ଋତୁ ଆସିଗଲେ, ଖରାଦିନ ଆରମ୍ଭ ହେଲେ ଏହି ଦୁଇ ରେଳ ସାଇଡର କୋଇଲା ଗୁଣ୍ଡ ଯାହା ତ ଉଡେ ସବୁଠୁ ବିଷାକ୍ତ କରୁଛି ପାଖରେ ଥିବା ସିମେଣ୍ଟ କାରଖାନା ଗୁଡିକୁ ଯାଉଥିବା ଧଳା ରଙ୍ଗର ଚୂନ ପରି ଦେଖାଯାଉଥିବା କ୍ଲିଂର ଗୁଣ୍ଡ, ଏହି କ୍ଲିଙ୍କର ଗୁଣ୍ଡ ରେଳ ଯୋଗେ ବାହାରୁ ଆସି ଏହି ସୁକିନ୍ଦା ରୋଡ଼ ରେଳ ସାଇଡ ପ୍ଲଟ ରେ ଖାଲି ହୋଇ ହାୱା ଯୋଗେ ଜେ. ଏସ. ଡବ୍ଲୁ, ସାଗର ସିମେଣ୍ଟ, ଇମାମୀ ସିମେଣ୍ଟ ,କଳିଙ୍ଗନଗର ଶିଳ୍ପାଞ୍ଚଳ ରେ ଥିବା ସମସ୍ତ ସିମେଣ୍ଟ କାରଖାନାକୁ ଯାଏ, ଏହି କ୍ଲିଙ୍କର ଗୁଣ୍ଡ ଖଲାସ ବୋଝେଇ ଓ ପରିବହନ ଦ୍ୱାରା ଧଳା ଗୁଣ୍ଡ ବାୟୁ ମଣ୍ଡଳରେ ମାତ୍ରାଧିକ ଉଡି ପରିବେଶ ପ୍ରଦୂଷିତ କରୁଛି, ଏହି ପ୍ଲଟ କୁ ଲାଗିଥିବା ମେସ୍କୋ ରେଲୱେ ସାଇଡିଂ ଟି ବେଆଇନ ବୋଲି ଗତ ୧୮ ତାରିଖରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କାରଣଦର୍ଶାଅ ନୋଟିସ ଜାରି ହୋଇଥିବା ଦେଖିବାକୁ ମିଳିଛି। ଚିଠି ନମ୍ବର ୧୧୭୭ ରେ ୯ ଟି ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କରିବା ଓ ବିନା କୌଣସି ଆଦେଶ ନଥିବା ଭଳି ସଙ୍ଗୀନ ଅଭିଯୋଗ ହେଉଥିବା ଦେଖିବାକୁ ମିଳିଛି। ଏହି ରେଲୱେ ସାଇଡିଂ ଓ ସୁକିନ୍ଦା ରେଲୱେ ସାଇଡିଂ ପାଇଁ ଆଖପାଖ ରେ ଥିବା ମାନପୁର ଗାଁ ର ନୀଳପଦା ସାହି ଓ ସୁଆଁଲ ଗାଁ ପ୍ରଯ୍ୟନ୍ତ ଚୂନ ପରି ଗୁଣ୍ଡ ଉଡି ଗଛପତ୍ର, କୂଅ, ଘରଦ୍ୱାର ପଡୁଛି, ପ୍ଲଟ ପାଖରେ ଥିବା ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର କୁ ଆସୁଥିବା ଛୋଟ ଛୋଟ ଶିଶୁ ମାନେ ଏହି ଧଳା ଗୁଣ୍ଡ ଉଡୁଥିବାରୁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏହି ଗୁଣ୍ଡ ଉଡିବା ସମୟରେ ଆଖି ପଡୁଛି, ବାନ୍ତି ବାନ୍ତି ଲାଗୁଛି, ଲୋକ ମାନେ ଘରୁ ବାହାରି ପାରୁ ନାହାନ୍ତି, ଅଣ ନିସ୍ୱାଶୀ ହେଇଯାଉଛନ୍ତି, ଏହି ବିଷାକ୍ତ ଗୁଣ୍ଡ ଜଳାଶୟ ଉପରେ ପଡି ପାଣି କୁ ପ୍ରଦୂଷିତ କରୁଛି, ଗୃହ ପାଳିତ ପଶୁ ପକ୍ଷୀ ଙ୍କ ଉପରେ ଏହାର କୁ ପ୍ରଭାବ ପଡୁଛି,ଏପରି ବିଷାକ୍ତ କ୍ଲିଙ୍କର ଗୁଣ୍ଡ ଖାଲି ପାଇଁ ରେଳ ସାଇଡଙ୍ଗ ଯେଉଁ ୱାଇଣ୍ଡ




ସ୍କିନ ୱାଲ ନିର୍ମାଣ ହେବା କଥା ହୋଇନାହିଁ କି ସାଇଡଙ୍ଗ ରେ ଗୁଣ୍ଡ ମାଲ ନ ଉଡିବା ପାଇଁ ଛାତ ନିର୍ମାଣ ହୋଇନାହିଁ,ପ୍ରଯ୍ୟାପ୍ତ ପରିମାଣରେ ପାଣି ସିଞ୍ଚନ ହେଉନାହିଁ, ଏହି ସୁଆଁଲ, ମାନପୁର ଗାଁ ରେ ଏହି ମାତ୍ରାଧିକ ପ୍ରଦୂଷଣର ଶିକାର ହୋଇ ଶତାଧିକ ଲୋକ କୀଡୀନ, ଯକ୍ଷମା ରୋଗରେ ମୃତ୍ୟୁ ବରଣ କଲେଣି, କେତେ କେତେ ଭେଣ୍ଡିଆ ଯୁବକ ମଲେଣି, ବିଧବା ମହିଳା ମାନେ ଅନାଥ ପିଲାମାନଙ୍କ ଭାଗ୍ୟ ଭବିଷ୍ୟତ ଅନ୍ଧାର ହେଲାଣି,ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଧିକାରୀ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ମୋଟା ଅଙ୍କର ଅର୍ଥ ନେଇ ଅନୁମତି ପ୍ରଦାନ କରୁଥିବା ଅଭିଯୋଗ ହେଉଛି, ପ୍ରଦୂଷଣ ଆଇନ ର ଖୋଲା ଖୋଲି ଉଲ୍ଲଘଂନ ହେଉଥିବା ବେଳେ ଜିରୋ ମିଟର ରେ ଜନ ବସତି, ବିଦ୍ୟାଳୟ ଥିବା ବେଳେ ପ୍ରଦୂଷଣ ବିଭାଗ ଦୃଷ୍ଟି ଦେବା ଦରକାର, ରେଳ ବିଭାଗ କୋଟି କୋଟି ଟଙ୍କା ଏହି ସୁକିନ୍ଦା ରେଳ ପ୍ଲଟ ରୁ ଆୟ କରୁଥିବା ବେଳେ ବଞ୍ଚି ଥାଉ ଥାଉ ସ୍ଥାନୀୟ ଲୋକଙ୍କୁ ଧୂଳି ଗୁଣ୍ଡରେ ସମାଧି ଦେଉଛନ୍ତି କାହିଁକି ତାହା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ? କାହା ସ୍ୱାର୍ଥରେ ସ୍ଥାନୀୟ ଲୋକ ପ୍ରତିନିଧି, କମ୍ପାନୀ ପ୍ରୀତି ରେ ରହିଛନ୍ତି କି ପ୍ରୀତି ? ଯଥା ଶୀଘ୍ର ଏହି ଭୟାନକ ପ୍ରଦୂଷଣ ର ପ୍ରତିକାର ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ କରୁଛନ୍ତି।

# ସରକାରୀ ଉଚ୍ଚ ବିଦ୍ୟାଳୟ ଗୋଛାପଡାରେ ବାର୍ଷିକ କ୍ରୀଡା ଓ ବାର୍ଷିକ ମହୋତ୍ସବ



ଫିରିଙ୍ଗିଆ, ୨୧/୧ (ନି.ପ୍ର):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡା ଓ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଛି । ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ବିଧାୟକ ଉମା ଚରଣ ମଳିକ ଯୋଗ ଦେଇ ଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଅନ୍ୟ ଅତିଥି ମାନଙ୍କ ମଧରେ ସଲାଗୁଡା ପଞ୍ଚାୟତ ସରପଞ୍ଚ ରୋହିତ କହଁର, ଗୋଛାପଡା ସରପଞ୍ଚ ଯୁଗାନ୍ତ କହଁର, କୁଏର ମାଣ୍ଡୁ ପଞ୍ଚାୟତ ସରପଞ୍ଚ ମାଧବ କହଁର, କ୍ରାଣ୍ଡିବାଲି ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ କହଁର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନେଡିପଦର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପାଢ଼ୀ, ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ ଫିରିଙ୍ଗିଆର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ସିଂ, ଦାମୀଙ୍ଗିଆ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପର୍ଶୁରାମ କହଁର, ବସ୍ତିଙ୍ଗିଆ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବି ନାରାୟଣ ମହାନ୍ତି,ବିଦ୍ୟାଳୟ ର ସଭାପତି ଗୋକୁଳ ଚନ୍ଦ୍ର କହଁର ଯୋଗ ଦେଇଥିଲେ । ଉପସ୍ଥିତ ଅତିଥି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ କ୍ରୀଡା, ଶିକ୍ଷା, ସମୟାନୁବର୍ତ୍ତିତା ସହ ନିଜକୁ ଜଣେ ଭଲ ମଣିଷଟିଏ ଗଢି ତୋଳିବା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ବିଭିନ୍ନ କ୍ରୀଡାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ର ଶିକ୍ଷକ କରୁଣାକର ଜାନୀ, ସୁଷମା ମହାନ୍ତି, ସନ୍ଧ୍ୟାରାଣୀ ହୋତା, ସନ୍ଧ୍ୟାରାଣୀ ଭଞ୍ଜ, ଶୁଭଶ୍ରୀ ପଣ୍ଡା, କ୍ରୀଡା ଶିକ୍ଷକ ସତ୍ୟ ନାରାୟଣ ମୁଖି ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ତପନ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ ।

# ଶୁଭସ୍ତମ୍ଭ ସ୍ଥାପନ କରି ଅଳ୍ପ ଦିନରେ କାମ ସମ୍ପୂର୍ଣ୍ଣ କରିବାରୁ ବିଧାୟକଙ୍କୁ ଲୋକେ କଲେ ପ୍ରଶଂସା

ତୁଷୁରା,୨୧/୧ (ନି.ପ୍ର): ଆଇ ଲଭ୍ ଟିଟିଲାଗଡ଼ ମହାରାଜା ସାଗର ଟିଟିଲାଗଡ଼ ଠାରେ ୨୫ ଦିନ ଆଗରୁ ଶିଶୁମାନଙ୍କ ପାଇଁ ବିଜେପି ବିଧାୟକ ନବିନ ଜୈନ ଏକ ବୋଟିଙ୍ଗ ବ୍ୟବସ୍ଥା କରିବାପାଇଁ ଶୁଭସ୍ତମ୍ଭ ସ୍ଥାପନ କରିଥିଲେ। ଏବଂ ବିଧାୟକଙ୍କ ତଦାରଖରେ ଆଶ୍ଚର୍ଯ୍ୟ ଜଣକ ଭାବରେ ୨୫ ଦିନ ଭିତରେ ବୋଟିଂ ବ୍ୟବସ୍ଥାର ସମସ୍ତ କାମ ସଂପୂର୍ଣ୍ଣ ହୋଇଥିଲା। ଫଳରେ ରବିବାର ଦିନ ସଂଧ୍ୟାରେ ବିଧାୟକ ଏବଂ ମୁନସିପାଲଟି ଅଧକ୍ଷା ମମତା ଜୈନ ଉପସ୍ଥିତ ରହି ବୋଟିଙ୍ଗ ପୋଲ କୁ ଉଦଘାଟନ କରିଥିଲେ। ଫଳରେ ବିଧାୟକ ଶିଶୁ ମାନଙ୍କପାଇଁ ପ୍ରିୟ ପାତ୍ର ହୋଇଥିବା ବେଳେ ଟିଟିଲାଗଡ଼ ବାସୀ ମଧ ବିଧାୟକଙ୍କୁ ଭୁରି ଭୁରି ପ୍ରଶଂସା କରିଛନ୍ତି।



# ଏମ୍ ୟୁ ବି ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବସ୍ତା ୨୧/୧ (ନି.ପ୍ର):ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତ ମାଛରଙ୍କା ଉପେନ୍ଦ୍ର ବେହେରା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମ କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଦାସ ସୋରେନ ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦଙ୍କ ଜଳେଶ୍ୱର ବ୍ଲକ ପ୍ରତିନିଧି ବ୍ରଜମୋହନ ପ୍ରଧାନ ,ମୁଖ୍ୟ ବକ୍ତା ଭାବେ ଏଲ୍ ଏନ୍ କଲେଜ ଜାମସୁଲି ବରିଷ୍ଠ ଅଧ୍ୟାପକ ସୁକାନ୍ତ କୁମାର୍ ଗିରି, ବରେଣ୍ୟ ଅତିଥି ଭାବେ ଓଷ୍ଟାର ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ନାଥ ପାଳ,ନଗେନ୍ଦ୍ର କୁମାର ଗିରି, ସରପଞ୍ଚ ଅନନ୍ତ କୁମାର୍ ବାରିକ୍, ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ଶରତ ଚନ୍ଦ୍ର ବେହେରା, ପରିଚାଳନା କମିଟି ସଭାପତି ତନୁଜ କୁମାର୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବର୍ତ୍ତମାନ ଶିକ୍ଷାନୀତି, ଶିକ୍ଷା ବ୍ୟବସ୍ଥା ଓ ବିଦ୍ୟାଳୟ କୁ ଦଣ୍ଡ ମୁକ୍ତ ଅଂଚଳ ଘୋଷଣା ପରେ ,ବିଦ୍ୟାଳୟ କିମ୍ବା ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ପ୍ରତି ଛାତ୍ର ଛାତ୍ରୀଙ୍କ ଭୟ ରହୁନାହିଁ ,ଯାହା ପାଇଁ ମଣିଷ ତିଆରି କାରଖାନାରେ , ମଣିଷ ତିଆରି କରିବା କଷ୍ଟ ସାଧ ହୋଇ ପଡୁଛି ବୋଲି ମତ ରଖିଥିବା ବେଳେ, ନିଷ୍ଠା ଓ ଏକାଗ୍ରତା ର ସହିତ କଠିନ ପରିଶ୍ରମ କରିଲେ ନିଶ୍ଚିତ ସଫଳତା ମିଳିପାରିବ ବୋଲି, ଛାତ୍ର ଛାତ୍ରୀଙ୍କୁ ଆହ୍ୱାନ ଦେଇ କୃତି ଛାତ୍ର ଛାତ୍ରୀଙ୍କୁ ପୁଷ୍ପଗୋଛ, ମେଡେଲ,ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ମିଶ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ, ଦିବ୍ୟଜ୍ୟୋତି ପଣ୍ଡା ବେଦପାଠ, ରାଜେନ୍ଦ୍ର ସେଠୀ ବିବରଣୀ ପାଠ ଓ ବିଜୟ କୁମାର ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଯୁକ୍ତ ଦୁଇ କଲେଜରେ ବାର୍ଷିକ କ୍ରୀଡା

ବୌଦ୍ଧ,୨୧/୧ (ନି.ପ୍ର):ହରଭଙ୍ଗା ବ୍ଲକ ଭୈରବୀ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ପୁରୁଣାକଟକ ମିନି ଷ୍ଟାଡିୟମ ପଡିଆରେ ଅନୁଷ୍ଠିତ ହୋଇଯାଇଛି ।ଅନୁଷ୍ଠାନର ଅଧକ୍ଷା ଶ୍ରୀମତୀ ଧରିତ୍ରୀରାଣୀ କାନୁନଗୋଙ୍କ ଅଧକ୍ଷତାରେ ରଞ୍ଜନ କୁମାର ପାଣିଗ୍ରାହୀ କ୍ରୀଡା ଶିକ୍ଷକଙ୍କ ଦ୍ୱାରା ଏହା ପରିଚାଳିତ ହୋଇଥିଲା। ଏଥିରେ ତାଙ୍କୁ ଅନ୍ୟ ଦୁଇଜଣ କ୍ରୀଡା ଶିକ୍ଷକ ମଧୁସୂଦନ ବେହେରା ଏବଂ ସୁରେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ।ବିଭିର୍ନ୍ନ ବିଭାଗର ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ।ଅନୁଷ୍ଠାନର ଅଧ୍ୟାପକ ପ୍ରଶାନ୍ତ କୁମାର ସେଠୀ, ପ୍ରଦୋଷ ପ୍ରଧାନ,ଦେବାଶିଷ ସାହୁ, ଶରତ କୁମାର ନାଏକ, ଦେବାଶିଷ ପାଣିଗ୍ରାହୀ, ଅଧ୍ୟାପିକା ନୌତଜିକା ବେହେରା ଏବଂ ଅନୁଷ୍ଠାନର ସମସ୍ତ କର୍ମଚାରି ଏଥିରେ ସହଯୋଗ କରିଥିଲେ।



PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ